ଏଥର ବି, ଏଲ ପରୀକ୍ଷାରେ ସର୍ବସୁଦ୍ଧା ଜ ୫୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଅର୍ଥାତ ଜ ୮ ଣ ପ୍ରଥମ ଶ୍ରେଣୀରେ ଏବଂ ଜ ୪୪ ଣ ଦ୍ୱିତୀୟ ଶ୍ରେଣୀରେ । ପ୍ରେସିଡେନ୍ସି କଲେଜ ପ୍ରଥମ ସ୍ଥାନ ଅଧିକାର କରିଅଛି ସତ୍ୟ ମାତ୍ର ପ୍ରଥମ ଶ୍ରେଣୀରେ ଉକ୍ତ କଲେଜର ଆଉ କେହି ନାହିଁ ଏହି ଶ୍ରେଣୀର ଜ ୮ ଣ ମଧ୍ୟରୁ ତିନି ଜଣ ଛାତ୍ର ବିଦ୍ୟାସାଗର ମହାଶୟଙ୍କ କଲେଜର ଏବଂ ଏମାନେ ୨ ୟ ୩ ୟ ୫ ମ ଓ ୮ ମ ସ୍ଥାନ ଅଧିକାର କରିଅଛନ୍ତି । ଅତଏବ ଏହି କଲେଜକୁ ଏ ପରୀକ୍ଷାରେ ଶ୍ରେଷ୍ଠ ବୋଲିବାକୁ ହେବ । ରେଭେନସା କଲେଜର ଘଟଣା ମଧ୍ୟ ଭଣା ନୂତନ କାରଣ ଏଠାରୁ ଯେଉଁ ଛାତ୍ର ପାସ କରିଅଛି ସେ ୨ ୟ ଶ୍ରେଣୀରେ ଷୋଡ଼ଶ ସ୍ଥାନ ପାଇଅଛି ।

---

ମୟୂରଭଞ୍ଜର ନାବାଳଗ ରାଜାଙ୍କ କଟକ ଆଗମନ କେବଳ ତିନି ମାସ ସକାଶେ ସ୍ଥଗିତ ହୋଇଅଛି । ଗତ ଜାନୁଏରି ମାସରେ ରାଜା କଟକକୁ ଆସିଥାନ୍ତେ କେବଳ କଲିକତା ପ୍ରଦର୍ଶନୀ ଦେଖିବା ନିମନ୍ତେ ଛୋଟ ଲାଟଙ୍କୁ ଗବର୍ଣ୍ଣମେଣ୍ଟ ସେଠାକୁ ଯିବା କାରଣ ଅନୁମତି ଦେଇଅଛନ୍ତି ଏବଂ ରାଜା ରାଜ୍ୟର ବାବୁ ଏବଂ ଆପଣା ଶିକ୍ଷକଙ୍କ ସହିତ କଲିକତାକୁ ଯାଇଅଛନ୍ତି । ସେଠାରୁ ଫେରି ଆସିଲା ଉତ୍ତାରୁ ଆଗାମୀ ମାର୍ଚ୍ଚ ମାସରେ ଏଠାକୁ ପଢ଼ିବା ନିମନ୍ତେ ଆସିବେ । ଜଣେ ଇଂରାଜ ଶିକ୍ଷକ କଲିକତାରୁ ନିଯୁକ୍ତ ହୋଇ ଆସିବେ ଏବଂ ଏହି ରାଜା ଓ ଢେଙ୍କାନାଳର ନାବାଳଗ ରାଜା ଏହାଙ୍କର ଛାତ୍ର ହେବେ । ଢେଙ୍କାନାଳର ରାଜା ଏ ବର୍ଷ ପ୍ରବେଶିକା ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ମାତ୍ର କୃତକାର୍ଯ୍ୟ ହୋଇ ପାରିଲେ ନାହିଁ ।

---

ବିଲାତର ପାର୍ଲିମେଣ୍ଟ ସଭାର ଅଧିବେଶନ ଗତ ମାଘ ତା ୫ ରଖରେ ଆରମ୍ଭ ହେଲା । ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ଏ ସମୟରେ ପଠିତ ହେଲା ତହିଁରେ ଭାରତବର୍ଷର ପ୍ରସଙ୍ଗ କିଛି ନାହିଁ । ବକ୍ତୃତାର ଅଧିକାଂଶ ମିଶର ଦେଶ ସମ୍ପର୍କରେ ଅଟଇ । ବ୍ରିଟିଶ ସେନା କ୍ରମଶଃ ଉକ୍ତ ଦେଶରୁ ବାହାରି ଆସିବାର କଥା ଥିଲା । ମାତ୍ର ସମ୍ପ୍ରତି ମିଶରୀୟ ସେନା ସାହୁଦାନରେ ହାରିଯିବାରୁ ବ୍ରିଟିଶ ସେନା ସେଠାରୁ ଅନ୍ତର କରିବା ସୁପରାମର୍ଶ ବୋଧ ହେଉ ନାହିଁ । ଅତଏବ ସେଠାରୁ ବ୍ରିଟିଶ ସେନା ଫେରି ଆସିବା କିଛିକାଳ ନିମନ୍ତେ ସ୍ଥଗିତ ହେଲା । ବ୍ରିଟିଶ ଗବର୍ଣ୍ଣମେଣ୍ଟ ମିଶରର ମଙ୍ଗଳ ଉଦ୍ଦେଶରେ ସୁପରାମର୍ଶ ଓ ସାହାଯ୍ୟ ଦେବାକୁ ତ୍ରୁଟି କରୁ ନାହାନ୍ତି ଏବଂ ସାହୁଦାନର ଗୋଳମାଳ ନିବାରଣ ନିମନ୍ତେ ଜେନେରଲ ଗର୍ଡନଙ୍କୁ ପଠାଇ ଅଛନ୍ତି ଯେ ତାହାଙ୍କ ସାହାଯ୍ୟରେ ଖେଦିବ ଉକ୍ତ ପ୍ରଦେଶରୁ ବାହାରି ଆସିବାର ଯେଉଁ ସଙ୍କଳ୍ପ କରିଅଛନ୍ତି ତାହା ପୂର୍ଣ୍ଣ ହେବ । ଏହି ବକ୍ତୃତାରୁ ଆହୁରି ଜଣାଯାଏ ଯେ ଅମୃତସରର ଅବସ୍ଥା ବିଶେଷରୂପେ ସନ୍ତୋଷ ହୋଇଅଛି ।

---

ବାଲେଶ୍ୱର ନିକଟ ରେମୁଣା ଗ୍ରାମରେ ଏକ ବଡ଼ ଡକାଇତି ହୋଇଅଛି ଏବଂ ତାହି ଖ୍ୟାମସୁନ୍ଦର ଦତ୍ତ ଇନସ୍ପେକ୍ଟର ଏଥର ତଦନ୍ତ କରୁଅଛନ୍ତି ଭରସା ହୁଏଇ ଡକାଇତମାନେ ଧରା ପଡିବେ । ଏହି ଡକାଇତିର ବିବରଣ ବାଲେଶ୍ୱର ସମ୍ବାଦବାହିକା ଯେପରି ଲେଖିଅଛନ୍ତି ନିମ୍ନେ ପ୍ରକାଶ କଲୁଁ ।

* ଏହି ଡକାଏତି ମୋକଦମାରେ ଯେତେ ଅଧିକ ତଦନ୍ତ ଅପସ୍ଥିତ ହୋଇ ନାହିଁ, ତଥାପି ଡକାଏତମାନେ ବଡ ଜୁଲମ କରିଅଛନ୍ତି । ଡକାଏତମାନେ ଯେତେବେଳେ ମଶାଲ ଜାଳି ଥିଲେ, ସେତେବେଳେ ଅଧିକ ରାତି ହୋଇ ନ ଥିଲା । ପ୍ରଥମେ ସେମାନେ ପଥରର ଢେଲ ଫୋପାଡିବାକୁ ଆରମ୍ଭ କଲେ; ସେହି ଭୟରେ ଗାଁହାକି ହାତରେ ବୋହାଗ ଅବା ଗାର୍ଡ଼ିଲ କେହି ପାଶ ପଶି ପାରିଲେ ନାହିଁ । ତହିଁ ଏତ

Digitized by srujanika@gmail.com

Split by PDF Splitter



ମାନେ ଡାକଘରର ଷ୍ଟାମ୍ପ ଦେଇ ସେ ଘରେ ଯାହା ଥିଲା (ଡାକ ଟିକଟର କେତୋଟି ଟଙ୍କା) ତାହା ଲୁଟି ନେଲେ । ଡାକ ପିଅନ ପଛରେ ଗୋଡ଼ାଇବାକୁ ଏବଂ ପଥର ଫିମା ନେଇ ତାହାକୁ ଶୁଆଇ ଦେଲେ; ଶୁଣିଲୁଁ, ଏବେ କେବଳ ସେ ହାସପାତାଲରେ ପଡ଼ି ଶୋଇଅଛି । ଡେମ୍ବିଣା ଫାଣ୍ଡିର ହେଡ୍ କନଷ୍ଟବଲ ଓ କନଷ୍ଟବଲମାନେ ପୋଲିସର କ୍ଷମତା ଦେଖାଇବାକୁ ବାହାର ଥିଲେ, କିନ୍ତୁ ପଥର ଚୋଟର ଆଘାତ ପାଇ ଧାଇଗଲେ । ସେଥିରୁ ହେଡ଼କନଷ୍ଟବଲ ଏବେ କେବଳ ପୋଲିସ ହସପିଟାଲରେ ଚିକିତ୍ସାରେ ଅଛନ୍ତି । ତାଙ୍କ ମଥାରେ ବଡ଼ ଆଘାତ ଲାଗିଅଛି । ଇନ୍ସପେକ୍ଟରମାନେ ଛେଲ୍ସି ପଥରର ଚୋଟ ଖାଇଥିଲେ । ଶୁଣିଲୁଁ, ସେମାନେ ବଡ଼ଘର ଦେଖି ତଦାରଖ କରିବାକୁ ଆସିଥିଲେ ମୁଦାଇ ନ ପାଇ ବଜାର ଓ ଡାକଘର ଘେରିଥିଲେ । ତାଙ୍କ ପାଇଁ କେତେ ଲୁଣ ଆଉ କେତେ ମାଲ ନେଇ ପାଉଅଛନ୍ତି ।"

---

ହାଇଦରାବାଦର ନିଜାମଙ୍କ ରାଜ୍ୟାଭିଷେକ କ୍ରିୟା ଅତ୍ୟନ୍ତ ସମାରୋହ ସହିତ ଗତତ ମାଘ ତା ୫ ଦିଖରେ ସମ୍ପୂର୍ଣ୍ଣ ହେଲା । ଯେଉଁ ନିଜାମ ଏକକୋଟି ପ୍ରଜାଙ୍କର ଅଧୀଶ୍ୱର ଯାହାଙ୍କ ରାଜ୍ୟର ଆୟ ବାର୍ଷିକ ଦୁଇ କୋଟି ଟଙ୍କା ପୁଣି ଯାହାଙ୍କର ଏହି ମହୋତ୍ସବରେ ଷୋଳ ଲକ୍ଷ ଟଙ୍କା ବ୍ୟୟ ହୋଇଅଛି ତାହାଙ୍କର ଅନୁଷ୍ଠାନ କିପରି ଆଡ଼ମ୍ବରରେ ହୋଇଥିଲା ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା କରାଯାଇ ନ ପାରେ । ଅଳ୍ପ କଥାରେ ଏତିକି କହିବା ଯଥେଷ୍ଟ ଯେ ଦରବାର ମଜଲିସ ରୋଷନାଇ ବାଣପୋଡ଼ା ଭୋଜି ପଟ୍ଟକଟ ନାଚ ବାଜା ଥିଏଟର ଇତ୍ୟାଦି କୌଣସି କଥାର ଅପ୍ରତୁଳ ନ ଥିଲା । ଏବେ ନୂତନ ରାଜାଙ୍କର ଅଭିଷେକ ଦିହିରେ ପୁଣି ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କର ସେ ରାଜ୍ୟକୁ ନୂତନ ଆଗମନ ସୁବର୍ଣ୍ଣ ମାହେନ୍ଦ୍ର ଯୋଗ ଘଟି ଯାଇଥିଲା । ଏଥିପୂର୍ବେ ହାଇଦରାବାଦକୁ କୌଣସି ଗବର୍ଣ୍ଣର ଜେନେରଲ ଭ୍ରମଣ କରିବାକୁ ଯାଇ ନ ଥିଲେ । ନୂତନ ଅଧୀଶ୍ୱର ନିଜାମ ମୀର ମହବୁବଅଲ୍ଲିଙ୍କୁ ରାଜ୍ୟ ପୈତୃକ ଗାଦିରେ ମହାମାନ୍ୟ ଲର୍ଡ ରିପନ ବାହାଦୁର ସ୍ୱୟଂ ଉପସ୍ଥିତ ହୋଇ ବସାଇବାଦ୍ୱାରା ତାହାଙ୍କୁ ବିଶେଷରୂପେ ସମ୍ମାନିତ କରିଅଛନ୍ତି ଏବଂ ଶ୍ରୀମତୀ ମହାରାଣୀଙ୍କ ପ୍ରତାପ କିଞ୍ଚିତ୍‌ର ପରିଚୟ ଦେଇଅଛନ୍ତି । ଦରବାର ସମୟରେ ଲର୍ଡ ରିପନ ଆପଣା ବକ୍ତୃତାରେ ଏହି କଥା ସ୍ପଷ୍ଟ ବ୍ୟକ୍ତ କଲେ ଏବଂ ସେହି ବକ୍ତୃତାରେ ହାଇଦରାବାଦର ଭୂତପୂର୍ବ ମନ୍ତ୍ରୀ ସାର୍ ସାଲାରଜଙ୍ଗଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ନିଜାମଙ୍କୁ କେତେକ ଉତ୍ତମ ଉପଦେଶ ଦେଇ ସଭା ଭଙ୍ଗ କଲେ । ସେହି ସଦୁପଦେଶର ସାର ମର୍ମ ଯେ ତତ୍ତ୍ୱ କଥା ଅର୍ଥାତ୍ ରାଜ୍ୟର ଆୟ ବ୍ୟୟ ପ୍ରତି ଦୃଷ୍ଟି ରଖିବା ଏବଂ ନ୍ୟାୟ ବିଚାର ଦାନ କରିବା । ଲର୍ଡ ରିପନ ନିଜାମଙ୍କୁ ବୁଝାଇ କହିଲେ କି ଆୟ ବ୍ୟୟର ଅସଙ୍ଗତି ରାଜ୍ୟ ନାଶର ମୂଳ ଅଟଇ । ତଥାସ୍ତ ହେଲେ କରଭାର ବୃଦ୍ଧି ହୁଅଇ ଯହିଁରେ ପ୍ରଜା କ୍ରମଶଃ ନିର୍ଦ୍ଧନ ହୋଇ ରାଜ୍ୟକୁ ଋଣରେ ବୁଡ଼ାଇ ଦଅନ୍ତି । ନ୍ୟାୟ ବିଚାର ରାଜ୍ୟ ଶାସନର ପ୍ରଧାନ ଅଲଙ୍କାର ଏଥି ପ୍ରତି ତୀବ୍ରଦୃଷ୍ଟି ନ ରଖିଲେ ପ୍ରଜାଙ୍କର ସୁଖ ସ୍ୱଚ୍ଛନ୍ଦତା ହୋଇ ନ ପାରେ । କ୍ଷମତା ଐଶ୍ୱର୍ଯ୍ୟର ବାହ୍ୟ ଯୋଗରେ ନ ଭୁଲି ପ୍ରଜାର ହିତସାଧନଦ୍ୱାରା ଯଶ ସଞ୍ଚୟ କର ଏବଂ ପୂର୍ବପୁରୁଷଙ୍କ ସୁଖ୍ୟାତିକୁ ରକ୍ଷା ଏବଂ ସମ୍ବର୍ଦ୍ଧନ କର । ଏହି ଉପଦେଶମାନ ସମସ୍ତ ରାଜା ଓ ଜମିଦାରଙ୍କ ପ୍ରତି କାର୍ଯ୍ୟକର ଅଟଇ ଏବଂ ଆମ୍ଭେମାନେ ଭରସା କରୁଁ ଯେ ଏହାକୁ ସେମାନେ ଗ୍ରହଣ କରିବେ ।

---

## ଇଲବର୍ଟବିଲ ଋଫାନାମା ।

ଇଲବର୍ଟବିଲ ଆଇନରୂପରେ ପରିଣତ ହେଲା ଏବଂ ଆମ୍ଭମାନଙ୍କ ମନକୁ ତାହା ନ ରୁଚିଲେ ମଧ୍ୟ ମହାମାନ୍ୟ ଲର୍ଡ ରିପନଙ୍କ ସଦ୍ଭାବ ଏବଂ ଅନ୍ୟାନ୍ୟ ସତ୍କାର୍ଯ୍ୟ କୁ ଗୁହିଁ ଆମ୍ଭେମାନେ ତାହାକୁ ଗ୍ରହଣ କଲୁଁ । ମାତ୍ର ଦେଖାଯାଏ ଯେ କଲିକତାରେ ଏ କାର୍ଯ୍ୟଟା କାହାର ମନୋନୀତ ହୋଇ ନାହିଁ । ସେଠାର ଯେଉଁ ଚିନ୍ତାଶୀଳ ଏବଂ ସଦାଶୟବ୍ୟକ୍ତିମାନେ ଏହି ଆଇନଜନିତ ନ୍ୟାୟବିଚାର ଦେଖିବାକୁ ଏକାନ୍ତ ବାସନା କରୁଥିଲେ ସେମାନେ ଗବର୍ଣ୍ଣମେଣ୍ଟଙ୍କର ଋଫାନାମାରେ ଅତ୍ୟନ୍ତ ବିରକ୍ତ ହୋଇ ତହିଁର କଠିନ ସମାଲୋଚନା କରୁଅଛନ୍ତି । ସେମାନଙ୍କ ସମାଲୋଚନା ଯେ ଅତ୍ୟନ୍ତ ନ୍ୟାୟସଙ୍ଗତ ସେ ପକ୍ଷରେ କୌଣସି ସନ୍ଦେହ ନାହିଁ । ଦେଶୀୟ ଓ ଇଂରାଜ ହାକିମଙ୍କ ମଧ୍ୟରେ ଯେଉଁ ଅସମତା ଥିଲା ତାହା ଉଠାଇ ଦେବା ଆଇନର ଉଦ୍ଦେଶ୍ୟ ଥିଲା କିନ୍ତୁ ମୂଳରେ ତାହା ଉଠିଲା ନାହିଁ କାରଣ ନୂତନ ଆଇନାନୁସାରେ ଇଂରାଜ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ କ୍ଷମତା ଦେଶୀୟ ଜଣ୍ଟ ମାଜିଷ୍ଟ୍ରେଟଙ୍କଠାରୁ ଅନେକ ସ୍ଥଳରେ ଅଧିକ ହୋଇଅଛି । ପୁଣି ଇଂରାଜମାନଙ୍କୁ ଯେଉଁ ଜୁରି ବିଚାରର ଅଧିକାର ଦିଆଯାଇଅଛି ତଦ୍ଦ୍ୱାରା କେବଳ ଶାସନକାର୍ଯ୍ୟର ଅସୁବିଧା ବୃଦ୍ଧି ହୋଇଅଛି ଅନ୍ୟ କିଛି ନାହିଁ । ମୋକଦ୍ଦମାରେ ଇଂରାଜମାନେ ଅନ୍ୟାୟରୂପେ ଏହି ଆଇନର ପ୍ରତିବାଦ କରି ସେଥିରେ ଅଧିକ ଫଳ ପାଇଲେ ଏବଂ ତାହାଙ୍କ ସଙ୍ଗେ ଋଫାନାମା କରି ଗବର୍ଣ୍ଣମେଣ୍ଟ ଆପଣା ମର୍ଯ୍ୟାଦା କମାଇଲେ । ଜଣେ ଇଂରାଜ ଏହି ଋଫାନାମା ସମ୍ପର୍କରେ ଆପଣା ମତ ଏହିପରି ବ୍ୟକ୍ତ କରିଅଛନ୍ତି କି ଯଦ୍ୟପି ଲର୍ଡ ରିପନ ଦୃଢ଼ତାରେ ନ୍ୟାୟମାର୍ଗକୁ ଅବଲମ୍ବନ କରି ରହିଥାନ୍ତେ ତେବେ ସେ ଯେଉଁ ବ୍ୟବସ୍ଥାର ଅନୁଷ୍ଠାନ କରିଥିଲେ ତାହା ଚଳାଇବାକୁ ସମର୍ଥ ହୋଇଥାନ୍ତେ ଏବଂ ବିଲାତର ଲୋକ ତାହାଙ୍କ ସହାୟ ହୁଅନ୍ତେ ମାତ୍ର ସେ ଜୟଲାଭ କରିବା ସମୟରେ ଅନ୍ୟାୟ ଗଣ୍ଡଗୋଳକାରୀ ଇଂରାଜଙ୍କ ସହିତ ଋଫା କରି ଆପଣା ଦଳସ୍ଥ ଲୋକଙ୍କଠାରୁ ଭଙ୍ଗ ଦେଲେ ଏବଂ ଅତି ପରାଜୟକୁ ଲଭିଲେ ତାହାଙ୍କ କାର୍ଯ୍ୟରେ ତାହାଙ୍କ ସମର୍ଥନକାରୀମାନେ ବିସ୍ମିତ ଓ ଦୁଃଖିତ ହୋଇଅଛନ୍ତି । କିନ୍ତୁ ଯାହା ହେବାର ତାହା ହୋଇଗଲା ଏଥର ଭାରତବାସିମାନେ ଏହି ଘଟଣାରୁ ଶିକ୍ଷା କରନ୍ତୁ ଯେ ନ୍ୟାୟସଙ୍ଗତ ହେଉ ଅଥବା ନ ହେଉ ଚିତ୍କାର କଲେ କିଛି ଅନ୍ତତଃ ଯେବେ ଗବର୍ଣ୍ଣମେଣ୍ଟଙ୍କଠାରୁ କୌଣସି ବସ୍ତୁ ପାଇବାର ଆଶା କର ତେବେ ଖୁବ ଚିତ୍କାର କର ଅବଶ୍ୟ ଆଶା ପୂର୍ଣ୍ଣ ହେବ । ଅସ୍ମଦ୍ଦେଶୀୟ ଉଦାର ବାଗ୍ମୀମାନେ ଏହି ନ୍ୟାୟର ଅନୁସରଣ କରି ଅବଶ୍ୟ କାର୍ଯ୍ୟ ଲାଭ କରି ଆସୁଅଛନ୍ତି । ଆମ୍ଭେମାନେ ଏଥିପାଇଁ ସେମାନଙ୍କର ନିନ୍ଦା କରୁଁ ମାତ୍ର ଯେତେବେଳେ ଆମ୍ଭମାନଙ୍କଠାରୁ ସଭ୍ୟତର ଇଂରାଜ ଗବର୍ଣ୍ଣମେଣ୍ଟଙ୍କୁ ଚିତ୍କାରରେ ବଶ ହେବାର ଦେଖୁଁ ସେତେବେଳେ ଆଉ ଉଦାର ବାଗ୍ମୀଙ୍କୁ ନିନ୍ଦା ନ କରି ସେମାନଙ୍କଠାରୁ ଶିକ୍ଷା ଲାଭ କରିବାର ଉଚିତ ଅଟେ ବୋଲି ଜାଣୁ ହେବ । କେହି ଅନୁମାନ କରନ୍ତି କି ବିଲାତର ସେକ୍ରେଟରୀ ଲର୍ଡ କିମ୍ବରଲି ଏହି ଆଇନକୁ ଅନୁମୋଦନ କରିବେ ନାହିଁ ଏବଂ ସେ ଯେବେ ଏପରି କରନ୍ତି ତେବେ ଲର୍ଡ ରିପନ ଇସ୍ତଫା ଦେଇ ସ୍ୱଦେଶକୁ ଫେରିଯିବେ । ଆମ୍ଭେମାନେ ଅନୁମାନ କରୁଁ କି ତେବେ ସବୁ କଥା ଠିକ ନାହିଁ । ମାତ୍ର ଲର୍ଡ ରିପନ ଯେବେ ଦେଶୀୟ ଲୋକଙ୍କୁ ଶୀଘ୍ର ଜୁରି ବିଚାର ପ୍ରଦାନ କରିବାଦ୍ୱାରା ଆପଣା ଭ୍ରମ ସଂଶୋଧନ କରନ୍ତି ତେବେ ଏକ ପ୍ରକାର ଭଲ ମୀମାଂସା ହୋଇଯିବ ।

---

Digitized by srujanika@gmail.com

## ପୁରୀ ପୁଲିସର ମୋକଦ୍ଦମା ।

ପୁରୀ ହରଚଣ୍ଡୀ ସାହିର ଯୋଗୀ ମେକାପ ଏବଂ ଉକ୍ତାର ମେକାପଙ୍କ ସେଠା ଡେପୁଟୀ ମାଜିଷ୍ଟ୍ରେଟ ହିଲ୍‌ସ୍ପମସନ ସାହେବ ପୁଲିସକୁ ବାଧା ଦେବା ଅପରାଧରେ ଦଣ୍ଡ ଦେବା ଏବଂ ଆସାମୀମାନେ ତହିଁ ବିରୁଦ୍ଧରେ ଅପିଲ କରିବା ବିଷୟ ଗତ ଡିସେମ୍ବର ମାସରେ ଅମ୍ଭେମାନେ ପାଠକମାନଙ୍କୁ ଜଣାଇଥିଲୁଁ ଏବଂ ଡେପୁଟିଙ୍କ ନିଷ୍ପତ୍ତି ମଧ୍ୟ ଅବିକଳ ପ୍ରକାଶ କରିଥିଲୁଁ । ଏ ମୋକଦ୍ଦମାରେ ସୁବିଚାର ହୋଇ ନ ଥିବାର ପ୍ରଥମରୁ ଅମ୍ଭମାନଙ୍କର ଧାରଣା ଥିଲା ଏବଂ ଏଥିପାଇ ଅପିଲର ଫଳକୁ ଚାହିଁ ରହିଥିଲୁଁ । ବର୍ତ୍ତମାନ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଶ୍ରୀଯୁକ୍ତ ଜଜ ସାହେବ ଏ ମୋକଦ୍ଦମାକୁ ଉତ୍ତମରୂପେ ବିଚାର କରି ଡେପୁଟିଙ୍କ ରାୟ ରଦ ଏବଂ ଆସାମୀମାନଙ୍କୁ ଖଲାସ ଦେଇଅଛନ୍ତି । ଜଜ ସାହେବ ଆପଣା ରାୟରେ ଯେ ସମସ୍ତ ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି ତାହା ଅମ୍ଭମାନଙ୍କ ଆଶାନୁରୂପ ପୁଲିସ ଓ ଡେପୁଟିଙ୍କ ପ୍ରତି ତୀବ୍ର ହୋଇ ନ ଥିଲେହେଁ ତହିଁରୁ ସେମାନଙ୍କର ଅକର୍ମଣ୍ୟତା ଯଥେଷ୍ଟରୂପେ ପ୍ରକାଶ ପାଉଅଛି । ପୁଲିସ ପ୍ରଥମେ ଯୋଗୀ ମେକାପର ଘର ଭିତରକୁ ଯାଇ ସ୍ତ୍ରୀଧାନାନଙ୍କ ସ୍ତ୍ରୀକୁ ଡାକ୍ତରଖାନାକୁ ପଠାଇ ଦେବାକୁ କହିଲେ ଓ ସେ ନାସ୍ତି କରିବାରୁ ପୁଲିସ ଫେରି ଯାଇ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଜ୍ଞା ସହିତ ପୁନର୍ବାର ସେଠାକୁ ଆସିଲେ । ଏଥର ମଧ୍ୟ ଜଗୁ ସେମାନଙ୍କୁ ଅଗଣା ଭିତରକୁ ଛାଡ଼ିଦେଲା ଏବଂ କେବଳ ସ୍ତ୍ରୀଧାକୁ ଡାକ୍ତରଖାନାକୁ ପଠାଇ ଦେବା କାରଣ ପୁଲିସ କହିଲେ । ସ୍ତ୍ରୀଧାକୁ ଲୁଗା ପିନ୍ଧାଇ ନେଇ ଯାଉଅଛି ବୋଲି ସେ କହିବାରୁ ପୁଲିସ ବାହାରକୁ ବାହାରି ଆସିଲେ ଏବଂ ଏହି ସମୟରେ ଦାଣ୍ଡ କବାଟ ପଡ଼ିଗଲା । କିଏ କବାଟ ଲଗାଇଲା ତାହା ପ୍ରମାଣ ହୋଇ ନ ଥିବାର ଡେପୁଟୀ ସ୍ୱୀକାର କରନ୍ତି । କେବଳ ଜଗୁ ଅଥବା ତାହା ପରିବାର୍ଣ୍ଣରେ କେହି କବାଟ ଲଗାଇଥିବା ଅନୁମାନରେ ଡେପୁଟୀ ତାହାକୁ ଓ ତାହା ବାପକୁ ଦଣ୍ଡ ଦେଇଅଛନ୍ତି । ଏଥିକୁ ଜଜ ସାହେବ ଯଥାର୍ଥ କହିଅଛନ୍ତି କି ଯେବେ ପୁଲିସ ଆପଣା କର୍ତ୍ତବ୍ୟ ଉତ୍ତମରୂପେ ବୁଝିଥାନ୍ତେ ତେବେ ସ୍ତ୍ରୀଧାକୁ ଆପେ ଗିରଫ୍ତାର କରିଥାନ୍ତେ । ତାହା ନ କରି ହାସପାତାଳକୁ ପଠାଇ ଦେବା କାରଣ ଆସାମୀକୁ କହିଲେ ମାତ୍ର ସେ କାର୍ଯ୍ୟ ଆସାମୀର ନୁହେ ଏବଂ ଏମନ୍ତ ଆଜ୍ଞା ସେ ମାନିବାକୁ ବାଧ୍ୟ ନୁହଇ ପରନ୍ତୁ ଯେବେ ଆସାମୀ ଘର ମଧ୍ୟକୁ ପୁଲିସକୁ ଦୁଇ ଥର ଛାଡ଼ି ଦେଲା ଓ ସେମାନେ ଆପଣା କର୍ତ୍ତବ୍ୟ ସ୍ଥିର କରି ନ ପାରି କେବଳ ଆସାମୀର ସାହାଯ୍ୟ ଲୋଡ଼ିଲେ ତେବେ ଆସାମୀ ବାଧା ଦେଲା କପରି ? ଏ ମୋକଦ୍ଦମାରେ ପୁଲିସର ମୂର୍ଖତା ପଦେ ୨ ପ୍ରକାଶ ହୋଇଅଛି ଏବଂ ଆସାମୀମାନେ ଯେପ୍ରକାର ବାଧା ଦେବାର କଥିତ ହୁଅଇ ତାହା ପ୍ରମାଣଦ୍ୱାରା ସାବ୍ୟସ୍ତ ହୋଇ ନାହିଁ ଏବଂ ହୋଇଥିଲେ ସୁଦ୍ଧା ଉକ୍ତ କାର୍ଯ୍ୟ ଆଇନସଙ୍ଗତ ବାଧା ଅଟେ ଏମନ୍ତ ବୋଲା ଯାଇ ନ ପାରେ । ଜଜ ସାହେବଙ୍କ ଏହି ବିଚାର ଅତ୍ୟନ୍ତ ନ୍ୟାୟସଙ୍ଗତ ଏବଂ ସୁନ୍ଦର ହୋଇଅଛି ଓ ଅମ୍ଭେମାନେ ଆଶା କରୁଁ କି ଯାହାଙ୍କର ନିଷ୍ପତ୍ତି ଏତଦ୍ଦ୍ୱାରା ରହିତ ହେଲା ସେ ଏଥିରୁ ଉପଦେଶ ଗ୍ରହଣ କରି ଭବିଷ୍ୟତକୁ ନ୍ୟାୟବିଚାର କରିବାକୁ ଶିକ୍ଷା କରିବେ । ମୋକଦ୍ଦମାର ଅବସ୍ଥା ଦେଖିଲେ ହଠାତ୍ ମନେ ହୁଅଇ ଯେମନ୍ତ ପୁଲିସ କୌଣସି ପୌରୁଷ୍ୟ କରିବାକୁ ଯାଇଥିଲେ ଏବଂ ତହିଁରେ କୃତକାର୍ଯ୍ୟ ନ ହେବାରୁ ଅଦାଲତର ସାହାଯ୍ୟ ଲୋଡ଼ିଲେ ଏବଂ ଅଦାଲତ ମୋକଦ୍ଦମାର ସମସ୍ତ ଘଟଣା ସୁବିବେଚନାପୂର୍ବକ ସମାଲୋଚନା ନ କରି ଯେମନ୍ତ ପୁଲିସର ଟେକ ରଖିବାପାଇଁ ଦୁଇ ଜଣ ଭଦ୍ରଲୋକଙ୍କୁ ଜେଲଖାନାକୁ ପଠାଇ ଦେଲେ । ଯେଉଁଠାରେ ପୁଲିସ ଅଦାଲତର ସାହାଯ୍ୟ ପାଇବାର ଯୋଗ୍ୟ ସେଠାରେ ସେମାନଙ୍କୁ ସାହାଯ୍ୟ ଦେବା ଅବଶ୍ୟ କର୍ତ୍ତବ୍ୟ ଅଟଇ ମାତ୍ର ପୁଲିସ ହାତରେ ଯେପରି ଅସୀମ କ୍ଷମତା ରହିଅଛି ଏବଂ ତଦ୍ଦ୍ୱାରା କୌଣସି ଅକର୍ମଣ୍ୟ ବା ଅତ୍ୟାଚାରୀ ପୁଲିସ କର୍ମଚାରୀ ଯେପରି ପ୍ରକାରେ ନିର୍ଦ୍ଦୋଷୀ ପ୍ରଜାଙ୍କୁ କ୍ଲେଶ ଦେଇ ପାରେ ସେ ସମସ୍ତ ବିବେଚନା କଲେ ପୁଲିସର ଗୁହାର ଶୁଣିବା ସମୟରେ ଅଦାଲତର ସମଧିକ ସାବଧାନତା ଓ ଦୂରଦର୍ଶିତାର ଆବଶ୍ୟକ ଏ କଥା ବୋଲିବା ଅଧିକ । ଦୁଃଖର ବିଷୟ ଯେ ସକଳ ହାକିମ ସେପ୍ରକାର କାର୍ଯ୍ୟ କରନ୍ତି ନାହିଁ ଏବଂ ଏହିହେତୁ ଯେଉଁ ପୁଲିସ ପ୍ରଜାଙ୍କ ରକ୍ଷା ନିମିତ୍ତ ନିଯୁକ୍ତ ହୋଇଅଛନ୍ତି ସେହି ପୁଲିସ ପ୍ରଜାଙ୍କ ବିପଦର କାରଣ ହୁଅନ୍ତି ।

---

## କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

ବି, ଏ ପରୀକ୍ଷାର ଫଳ ସମ୍ପର୍କରେ ଅମ୍ଭମାନଙ୍କ ମତ ଗତ ସପ୍ତାହରେ ବ୍ୟକ୍ତ କରିଅଛୁଁ । ବି, ଏଲ୍ ପରୀକ୍ଷା ସ୍ଥଗିତ ବ୍ୟାପାର ଏବଂ ତହିଁର ବିଷୟ ସ୍ଥାନାନ୍ତରେ ପ୍ରକାଶିତ ହେଲା । ସମ୍ପ୍ରତି ଏଫ୍, ଏ, ଏବଂ ପ୍ରବେଶିକା ପରୀକ୍ଷାର ଫଳାଫଳ ବିଚାର କରିବାର ଆବଶ୍ୟକ ।

ଏଫ୍, ଏ, ପରୀକ୍ଷାରେ ଗତ ବର୍ଷ ପ୍ରାୟ ନ ୧୪୦୦ ଶ ଛାତ୍ର ପରୀକ୍ଷା ଦେବାକୁ ଆସିଥିଲେ ଯେ ତହିଁ ମଧ୍ୟରୁ ୫୪୬ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ । ତହିଁ ପୂର୍ବବର୍ଷ ୩୬୮ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ପରୀକ୍ଷାର୍ଥିଙ୍କ ସଂଖ୍ୟା ଜଣା ଯାଇ ନାହିଁ ମାତ୍ର ୧ମ ଶ୍ରେଣୀରେ ୫୮ ଜଣ ୨ ୟରେ ୧୩୦ ଜଣ ଏବଂ ୩ୟରେ ୩୧୨ ଜଣ ସର୍ବସୁଦ୍ଧା ୬୪୦ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ପରୀକ୍ଷାର୍ଥିଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ହେବାର ଦେଖା ଯାଇଅଛି ଏବଂ ସେହି କ୍ରମେ ପାସ କରିବା ପିଲାଙ୍କ ସଂଖ୍ୟା ବୃଦ୍ଧି ହେବାରୁ ମୋଟ ଫଳ ଅବଶ୍ୟ ସନ୍ତୋଷକର ହୋଇଅଛି ବୋଲିବାକୁ ହେବ । ପୁଣି ଗତବର୍ଷଠାରୁ ଏ ବର୍ଷ ଦୁଇଶତ ଛାତ୍ର ଅଧିକ ପାସ କରିବା ଅତ୍ୟନ୍ତ ସୁଖର ବିଷୟ ଅଟଇ । ଏହି ସାଧାରଣ ଫଳ ସଙ୍ଗେ ଓଡ଼ିଶାର ଫଳକୁ ତୁଳନା କଲେ ଦେଖାଯାଏ ଯେ ଗତବର୍ଷ ୧୨ ଣ ଛାତ୍ର ମଧ୍ୟରୁ ୭ ଜଣ ପାସ କରିଥିଲେ ଏ ବର୍ଷ ୯ ଜଣ ମଧ୍ୟରୁ ୬ ଜଣ ପାସ କରିଅଛନ୍ତି । ସୁତରାଂ ଗତବର୍ଷଠାରୁ ଏ ବର୍ଷ ପାସ ସଂଖ୍ୟା ଊଣା ହୋଇଥିଲେହେଁ ହାରହାର ଫଳ ଉତ୍ତମ ହୋଇଅଛି ମାତ୍ର ଗତ ଦୁଇ ବର୍ଷରେ ଜଣେ ଛାତ୍ର ସୁଦ୍ଧା ପ୍ରଥମ ଶ୍ରେଣୀରେ ପାସ ନ କରିବା ବଡ଼ ଦୁଃଖର ବିଷୟ । ମୋଟ କଥା ଏହି କି ଏ ପରୀକ୍ଷାର ଫଳାନୁସାରେ ରେଭେନ୍‌ସା କଲେଜ କେବଳ ଆପଣା ମହତ୍ତ୍ୱ ରକ୍ଷା କରିଅଛି ଉନ୍ନତି ଦେଖାଇ ପାରି ନାହିଁ ।

ପ୍ରବେଶିକା ପରୀକ୍ଷାରେ କେତେ ଛାତ୍ର ଉପସ୍ଥିତ ହୋଇଥିଲେ ତାହା ସୁଦ୍ଧା ଜଣା ଯାଇ ନାହିଁ କିନ୍ତୁ ୧୬୬୮ ଜଣ ପାସ କରିଅଛନ୍ତି । ଗତବର୍ଷ ୧୮୬୯ ଜଣ ଏବଂ ତହିଁ ପୂର୍ବବର୍ଷ ୧୪୦୦ ଜଣ ପାସ କରିଥିଲେ । ଏଥିରୁ ସାଧାରଣତଃ ବର୍ଷକୁବର୍ଷ ପରୀକ୍ଷାର୍ଥିଙ୍କ ସଂଖ୍ୟା ଦୁଇ ଶତ ଶତ ଲେଖାଏ ବଢ଼ିବାର ଦେଖାଯାଏ ଅତଏବ ଏ ବର୍ଷର ଫଳ ଉତ୍ତମ ହୋଇଅଛି ବୋଲିବାକୁ ହେବ ଅନ୍ୟତଃ ଗତବର୍ଷ ତୁଳନାରେ ମନ୍ଦ ବୋଲିବାର କୌଣସି କାରଣ ନାହିଁ । ଏହି

Split by PDF Splitter
Digitized by srujanika@gmail.com

ମୋଟ ଫଳ ସଙ୍ଗେ ଏଥର ଓଡ଼ିଶାର ଅନ୍ୟ ବିଦ୍ୟାଳୟର ଫଳକୁ ତୁଳନା କରିବା ।

କଟକ କଲେଜିଏଟ ସ୍କୁଲ—ଏଠାରୁ ୧୬ ଜଣ ପରୀକ୍ଷା ଦେବାକୁ ଯାଇଥିଲେ ତହିଁ ମଧ୍ୟରୁ କେବଳ ୬ ଜଣ ଅର୍ଥାତ୍ ୧ ମ ଶ୍ରେଣୀରେ ୧, ୨ ୟରେ ୪ ଏବଂ ୩ ୟରେ ୧; ଗତ ବର୍ଷ ୧୨ ଜଣ ଛାତ୍ର ମଧ୍ୟରୁ ୧୧ ଜଣ ଏବଂ ତହିଁ ପୂର୍ବ ବର୍ଷ ୬ ଜଣ ପାସ କରିଥିଲେ । ବର୍ତ୍ତମାନ ବର୍ଷ ଏତେ ଊଣା ଛାତ୍ର ପାସ କରିବା ଅବଶ୍ୟ ଚିନ୍ତାର ବିଷୟ ଅଟଇ କାରଣ ଏହା ସାଧାରଣ ହାରର ଫଳାପେକ୍ଷା ଊଣା ହୋଇଅଛି ଏବଂ କାହିଁକି ଏମନ୍ତ ମନ୍ଦ ଫଳ ଘଟିଲା ବୁଝିବାର କଠିନ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ପ୍ରଧାନ ଶିକ୍ଷକ ପରୀକ୍ଷାର୍ଥୀ ଯାହାଙ୍କୁ ଉତ୍କୃଷ୍ଟ ମନେ କରିଥିଲେ ସେମାନଙ୍କ ମଧ୍ୟରୁ କେହି୨ ବାଦ ଯାଇଅଛନ୍ତି ଏବଂ ଯାହାଙ୍କୁ ପରୀକ୍ଷାକୁ ପଠାଇବା ପାଇଁ ଦ୍ୱିଧା କରୁଥିଲେ ସେପରି କେହି ଛାତ୍ର ପାସ କରିଅଛି । ଏପରି ଘଟଣା ଦେଖି ଅନୁମାନ ହୋଇ ପାରେ ଯେ ପରୀକ୍ଷକଙ୍କର ଏଥିରେ କିଛି ତ୍ରୁଟି ଥାଇ ପାରେ ଅଥବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଭାଗ୍ୟର ସାପେକ୍ଷ । ଫଳତଃ ଯେ କୌଣସି କାରଣରୁ ହେଉ ଏବର୍ଷ ଓଡ଼ିଶାର ସର୍ବପ୍ରଧାନ ବିଦ୍ୟାଳୟ ଏ ପରୀକ୍ଷାରେ ସମସ୍ତଙ୍କଠାରେ ପରାଜିତ ହୋଇଅଛି ଏବଂ ଏହା ଦୁଃଖର ବିଷୟ ଅଟଇ ।

କଟକ ଅକେଡମି ଗତ ଦୁଇବର୍ଷ ଭଲ ଫଳ ଦେଖାଇ ଏ ବର୍ଷ ଏକାବେଳକେ ନୈରାଶ୍ୟ ହୋଇଅଛି । ଏଠାରୁ ଚାରି ଜଣ ଛାତ୍ର ପରୀକ୍ଷା ଦେଇଥିଲେ କେହି କୃତକାର୍ଯ୍ୟ ହୋଇ ନାହାନ୍ତି ।

କଟକ ପ୍ରଟେଷ୍ଟାଣ୍ଟ ସ୍କୁଲ ଗତବର୍ଷ ଗୋଟିଏ ପିଲା ପଠାଇଥିଲା ସେ ହାରିଥିଲା ଏ ବର୍ଷ ଏକ ଜଣ ୨ ୟ ଶ୍ରେଣୀରେ ପାସ କରିଅଛି ସୁଖର ବିଷୟ ଅଟଇ ।

ପୁରୀ ସ୍କୁଲରୁ ଚାରି ଜଣ ଛାତ୍ର ପରୀକ୍ଷା ଦେଇଥିଲେ ତହିଁ ମଧ୍ୟରୁ ୩ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତବର୍ଷ ୫ ଜଣ ମଧ୍ୟରୁ ୩ ଜଣ ଏବଂ ତହିଁ ମଧ୍ୟରୁ ଏକ ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିଲା । ଉଭୟ ଦୃଷ୍ଟିରେ ଏ ବର୍ଷ ଫଳ ଅଳ୍ପ ଊଣା ହେଲେ ହେଁ ପ୍ରାୟ ସମାନ ରହିଅଛି । ସୁତରାଂ ଏଠାର ଫଳ ମନ୍ଦ ହୋଇ ନାହିଁ ।

ବାଲେଶ୍ୱରରୁ ୮ ଜଣ ଛାତ୍ର ପରୀକ୍ଷା ଦେଇ ଥିଲେ ତହିଁ ମଧ୍ୟରୁ ୬ ଜଣ ଏବଂ ତହିଁରେ ଏକ ଜଣ ପ୍ରଥମ ଓ ୩ ଜଣ ୨ ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ବର୍ଷ ୯ ଜଣ ମଧ୍ୟରୁ ୭ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ମାତ୍ର ପ୍ରଥମ ଶ୍ରେଣୀ ଶୂନ୍ୟ ଓ ୨ ୟ ଶ୍ରେଣୀରେ ଏକ ଜଣ ଥିଲା । ସୁତରାଂ ପାସ ସଂଖ୍ୟାରେ ଗୋଟିଏ ଊଣା ହୋଇଥିଲେହେଁ ଏ ବର୍ଷର ଫଳକୁ ଉତ୍କୃଷ୍ଟ ବୋଲିବାକୁ ହେବ ।

ଲକ୍ଷ୍ମଣନାଥ ବିଦ୍ୟାଳୟ ଗତବର୍ଷ ନିଷ୍ଫଳ ହୋଇଥିଲା ଏ ବର୍ଷ ଗୋଟିଏ ଛାତ୍ର ଦ୍ୱିତୀୟ ଶ୍ରେଣୀରେ ପାସ କରିଅଛି ସୁଖର ବିଷୟ ଅଟଇ ।

ଉପରଲିଖିତ ଫଳାଫଳ ଦୃଷ୍ଟିରେ ସ୍ପଷ୍ଟ ଦେଖା ଯାଉଅଛି ଯେ ଏ ବର୍ଷ ପ୍ରବେଶିକା ପରୀକ୍ଷାରେ ବାଲେଶ୍ୱରର ଜୟ ଏବଂ କଟକ କଲେଜର ନିତାନ୍ତ ହାର ହୋଇଅଛି ।

---

### ପ୍ରାପ୍ତ

( ଗତ ପ୍ରକାଶିତ ପତ୍ରରୁ )

ଓଡ଼ିଆ ଗପ ।

( ମୂଳଅଧିକ )

ଜନନୀ ଦେଖିଲେ—ଶ୍ୱେତ ଶତଦଳରେ କାହାର ଦୃଷ୍ଟି ହୋଇଅଛି; ଶାରଦୀୟ ଅଭିରାମ ଚନ୍ଦ୍ରମଣ୍ଡଳ ମେଘାଚ୍ଛନ୍ନ ହୋଇଅଛି । ସୁତରାଂ ଆନନ୍ଦମୟ ମାନସରେ ଦୁଃଖ ଉପସ୍ଥିତ, ପ୍ରଫୁଲ୍ଲ ଆନନ ବିଷାଦ-ପରିପ୍ଳୁତ । ଦୁଃଖିନୀ, ଯାହାଙ୍କୁ ଦେଖି ଯାହାଙ୍କ ଭରସାରେ, ହୃଦୟର ଦୁଃଖ ହୃଦୟରେ ଧାରଣ କରୁଥିଲେ; ଆଜି ସେହି ଜୀବନର ସମ୍ବଳ ହୃଦୟର ଧନ ପୁତ୍ରମଣିଙ୍କୁ ବିବର୍ଣ୍ଣ ଦେଖି ଶୋକାବେଗ ସମ୍ଭାଳି ପାରିଲେ ନାହିଁ । ଶାରଦ-ଅମା-ନିଶି ନୀରଦ ମେଘାଡମ୍ବରରେ ଆଚ୍ଛାଦିତ ହେଲେ ଗଗନ ଯେପରି ଗାଢ଼ ଅନ୍ଧକାରରେ ଆବୃତ୍ତ ହୁଏ ଅତି ପ୍ରଭାବତୀଙ୍କର ମାନସାକାଶ ତଦ୍ରୂପ ଅପାର ଦୁଃଖରେ ଦୁଃଖିତ । ହୃଦୟ-ନନ୍ଦନର ବିମର୍ଷର କାରଣ ଅବଗତ ହୋଇ ଶୋକରୁଦ୍ଧମାନା ଦୁଃଖିନୀ ଧୀରେ୨ କହିବାକୁ ଲାଗିଲେ । ପୁତ୍ର ! ତୋର ଶୁଭକାମନାରେ ଏତେଦିନ ମୋହର ସମସ୍ତ [illegible] ଲୁଣ୍ଠ ଥିଲି ମାତ୍ର ଅଦ୍ୟ ଲମ୍ଭିବାର ବଲ ହେଉ ନାହିଁ ।

"ମୁଁ ଅଠରଦଣ୍ଡ ବୃକ୍ଷଶୀ ନୁହେ । ହାତୀର ମୃଗରାଜ ସାର୍ବଭୌମ ମଧ୍ୟରେ ଥିଲେହେଁ ସ୍ପର୍ଦ୍ଧା । ସେହି ଉନ୍ନତ ଅବସ୍ଥାରୁ ଅଧୁନା ଅଶ୍ରୁପୂର୍ଣ୍ଣ ଦୀନ ଜୀବନ କଥା କହିବାକୁ ହୃଦୟ ବିଦୀର୍ଣ୍ଣ ହୋଇ ଯାଉଅଛି, ବିଗତ ଯୋଡ଼ ଭିକ୍ଷୁ ହେ-ଘରେ ଆକ୍ରମଣ କରୁଅଛି । ତୋତେ ଗର୍ଭରେ ଧାରଣ କରିବାର ନବମମାସରେ, ସୁଖରେ ବଜ୍ର-ପାତ ହେଲା—ଖୋର୍ଦ୍ଧାର ତତ୍କାଳୀନ ରାଜା ରାମଚନ୍ଦ୍ରଦେବ (ଏ ବର୍ତ୍ତମାନ ବୁଢ଼ା ରାଜା) ସନ୍ଦିହାନ ହୋଇ ସନ୍ନାଟଙ୍କର ପ୍ରିୟପାତ୍ର ହୋଇ ବାଟୀ ଉପରେ ଅତ୍ୟାଚାର କଲେ । ତୁମ୍ଭ ପିତା ତାହାଙ୍କୁ ରକ୍ଷା ନ କରି ଅନ୍ୟାୟର ବିରୋଧୀ ହୁଅନ୍ତେ ଖୋର୍ଦ୍ଧାରାଜା ପାତକହେତୁ ଗଦ୍ଧାପୂର୍ଣ୍ଣମୀ ଦିନ ପରବରଙ୍କର ଜୀବନ ସଂହାର କଲେ । ବର୍ତ୍ତମାନ ପ୍ରତିଷ୍ଠିତ ଏହି ଅନ୍ୟାୟସଙ୍ଗତ ଶ୍ରେଷ୍ଠ ପଠାଣଙ୍କୁ ତୁମ୍ଭମାନଙ୍କର ଶ୍ରେଷ୍ଠ ପଦକ ରାଜସିଂହାସନରେ ବସାଇ ଅନ୍ତଃପୁରରେ ପ୍ରବିଷ୍ଟ ହେଲେ ।" "ମାତଃ ! ଆଉ କହିବାର ପ୍ରୟୋଜନ ନାହିଁ, ଏହିକ୍ଷଣି ଦୁଷ୍ଟଙ୍କୁ ସମୁଚିତ ଶାସ୍ତି ପ୍ରଦାନ କରିବି । ଆଶୀର୍ବାଦ କର ବିଦାୟ ହେଉଅଛି ।" "ରେ ବାପ ! ସମ୍ଭାଳ, ତୁ ଶାସ୍ତି ଦେବାପାଇଁ ଜନ୍ମ ଅଛୁ ଓ ଈଶ୍ୱରଙ୍କ କୃପାରୁ ଏତେଦିନ ଜୀବିତ ଅଛୁ, ଶାସ୍ତି ଦେବାର ନୋହି ଥିଲେ ପ୍ରଭୁ ମୋତେ ମୃତ୍ୟୁ ମୁଖରୁ ରକ୍ଷା କରି ନ ଥାନ୍ତେ । ଏବେ ଆଉ କିଛି ଶୁଣାଇ ମୋହର ପରିତାପର ଉପସଂହାର କରିବି । ପାଷଣ୍ଡ ଅନ୍ତଃପୁରରେ ପ୍ରବେଶି ଯାହାକୁ ଦେଖିଲା—ସେ ସ୍ତ୍ରୀ ବା ବାଳକ ହେଉ—ତତ୍କ୍ଷଣାତ୍ ପ୍ରାଣ ସଂହାର କରିବାକୁ ଲାଗିଲା । ସେତେବେଳେ ମୁଁ ନିତାନ୍ତ ଶୋକାତୁରା ହୋଇ ସୁଦ୍ଧା କେବଳ ତୋହପାଇଁ ଜୀବନ ଦେବାକୁ ସ୍ଥିର ହୋଇଥିଲି । ପାମର ବାରମ୍ବାର କହୁଥିଲା—ମଧୁରସ୍ୱର ଶ୍ରବଣ କାହିଁ ବା ପାଟରାଣୀ କାହିଁ । ମୋହର ସେତେବେଳର ଦୁଃଖ ଯାତନା ଦୁଃଖିନୀହିଁ ଅନୁଭବ କରିବେ । ମୁଁ ଉପାୟାନ୍ତରବର୍ଜିତା ହୋଇ ଏଠି, ସେଠି, କବାଟ କଣରେ, ସିନ୍ଦୁକ ପଛଆଡ଼େ, ଲୁଗା ତଳରେ ଲୁଚି୨ ବୁଲୁଥିଲି । ଏତିକିବେଳେ ପିତୃଦତ୍ତ ଏହି ବୃଦ୍ଧ ଭୃତ୍ୟ ମୋତେ ଟାଣି ନେଇ ଗୋଟାଏ ଗୁପ୍ତଦ୍ୱାର ଫିଟାଇ ଦେଇ କହିଲେ—ତୁମ୍ଭେ ଏହି ବଣ ଭିତରକୁ ଅବାଟରେ ପଳାଅ ମୁଁ ତୁମ୍ଭ ପଛେ୨ ଯାଉଅଛି । ଏ ବୃଦ୍ଧ ସବୁଦିନେ ଜଗନ୍ନାଥଙ୍କୁ ଯିବା ଆସିବା କରନ୍ତି, ସମସ୍ତଙ୍କର ମାନନୀୟ ଓ ସରଳାତ୍ମା ଥିବାରୁ ମୁଁ ତାଙ୍କର ଉପଦେଶ ପାଳନ କରିବାକୁ ବାଧ୍ୟ ହେଲି । ତ ଉର ପ୍ରାଣପଣରେ ଦୌଡ଼ିବାକୁ ଲାଗିଲି, ଶ୍ରାନ୍ତ ଗର୍ଭବତୀ ଭୟବିହ୍ୱଳହୃଦୟ, ନଦୀ ବେଷ୍ଟିତ, କଣ୍ଟକମୟ, ଅମାର୍ଗ ଦେଇ ଚଳିଃ

ମାନ୍ଦ୍ରାଜ ଏବଂ ଅନ୍ୟାନ୍ୟ ପ୍ରଦେଶରେ ଶସ୍ତ ବିକ୍ରୋୟା ପ୍ରସ୍ତୁତ ହେବାର ସନ ୧୮୮୨ରୁ ଚଳିବାର ଅଛି । ବିକ୍ରୋୟା ଗୋଟିଏ ନୂତନ ଫଳ ଏହାରୁ ଗୁଡ଼ଜାତୀୟ ପ୍ରସ୍ତୁତ ହୁଏ ।

କ୍ଷେତ୍ରତତ୍ତ୍ୱ ।

କ୍ଷେତ୍ରତତ୍ତ୍ୱର ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହୋଦୟ ସମୀପେଷୁ

ମହାଶୟ !

ଗତମାସ ତାରିଖ ତା ୧ ରଖ ସରସ୍ୱତୀ ପୂଜାର ଅବକାଶ ଉପଲକ୍ଷେ ଅଫିସମାନ ବନ୍ଦ ଥିବା ସମୟରେ ଗବର୍ଣ୍ଣମେଣ୍ଟ ଗେଜେଟର ଉତ୍କଳ ଅନୁବାଦକ ଶ୍ରୀଯୁକ୍ତ ବାବୁ ଶ୍ରୀ ଚତୁର୍ଭୁଜ ପଟ୍ଟନାୟକ ବି, ଏ, ବ୍ରାହ୍ମଧର୍ମ ପ୍ରଚାର ଉଦ୍ଦେଶରେ ଏହି ସ୍ଥାନକୁ ଆଗମନ କରିଥିଲେ । ତାହାଙ୍କର ଯେ ମହତ ଉଦ୍ଦେଶ ଥିଲା ତାହା ସମ୍ପୂର୍ଣ୍ଣରୂପେ ସଫଳ ହୋଇ ପାରିଲା ନାହିଁ । ଯଦ୍ୟପି ସେ ଏସ୍ଥାନର ଅଧିପତି ଶ୍ରୀଯୁକ୍ତ ରାଜାମହୋଦୟଙ୍କ ସଙ୍ଗେ ସାକ୍ଷାତ ସମୟରେ ବ୍ରାହ୍ମଧର୍ମ ସମ୍ପର୍କୀୟ କେତେକଗୋଟି ବିଷୟ ସେଠାରେ ତର୍କ ବିତର୍କ ହୋଇଥିଲା । ସେଥିରୁ ଚତୁର୍ଭୁଜବାବୁଙ୍କର ବ୍ରାହ୍ମଧର୍ମ ସମ୍ବନ୍ଧୀୟ ବିଷୟମାନ ସର୍ବସାଧାରଣଙ୍କୁ ବୁଝାଇବା ବିଷୟରେ ଅତ୍ୟନ୍ତ ନୈପୁଣ୍ୟ ପ୍ରକାଶ ପାଇଥିଲା । ଏତଦ୍ଭିନ୍ନ ବାବୁ ମହାଶୟଙ୍କର ଦୈନିକ ଉପାସନା ସମୟରେ ଭକ୍ତି ଓ ପ୍ରେମର ସହିତ ସ୍ତୋତ୍ରମାନ ଗାନ କରିବା ଓ ସରଳ ବକ୍ତୃତାଦ୍ୱାରା ଏ ସ୍ଥାନ ନିବାସିମାନଙ୍କର ମନରେ ମହାଦିବ୍ୟ ବିଷୟମାନ ଶୁଣି ପରମ-ପ୍ରୀତି ଲାଭ କରିଅଛନ୍ତି । ପ୍ରାର୍ଥନା କରୁଁ ବାବୁ ମହୋଦୟ କଷ୍ଟ ସ୍ୱୀକାରପୂର୍ବକ ଗଡ଼ଜାତର ନାନା ସ୍ଥାନରେ ଭ୍ରମଣ କରି ଏହିପରି ସଦୁପଦେଶ ପ୍ରଦାନଦ୍ୱାରା ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିବେ । ଇତି ।

ଅଠଗଡ଼ ସ୍କୁଲ } ଅପଣଙ୍କର ବଶମ୍ବଦ
୮।୨।୮୪ } ଶ୍ରୀ ଶ୍ୟାମ ଚରଣ ଘୋଷ
ଅଠଗଡ଼

ମହାଶୟ !

ଆପଣଙ୍କ ପ୍ରକାଶିତ ଗତ ଜାନୁଏରୀ ମାସ ତା ୨୬ ରଖ ଲେଖିତ ଉତ୍କଳଦୀପିକାରୁ ଅବଗତ ହେଲୁଁ ଯେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିର ମରାମତି ସକାଶେ ପୁରୀରେ ଏକ ସଭା ସ୍ଥାପିତ ହୋଇଅଛି ଯେ ସେଥିରେ କମିଟିର ମେମ୍ବର ବାବୁ ଭଗବାନ୍ ପ୍ରସାଦ କର ଓ ବାବୁ କାଶୀନାଥ ଦାସ ଓ ବାବୁ ଶ୍ୟାମାଶ୍ୟାମ ଦେ ଓ ବାବୁ ନନ୍ଦକିଶୋର ଦତ୍ତ ଓ ବାବୁ କୁଞ୍ଜବିହାରୀ ପଟ୍ଟନାୟକ ଓ ବାବୁ ବ୍ରଜବଲ୍ଲଭ ଗୁପ୍ତ ଓ ବାବୁ ଗଗନଚନ୍ଦ୍ର ଗୁପ୍ତ ଓ ନରସିଂହପ୍ରସାଦ ମିଶ୍ର ଓ ଗୌରିଶ୍ୟାମ ଦତ୍ତ ଓ ଆନନ୍ଦଚନ୍ଦ୍ର ମୁଖର୍ଜ୍ୟା ଓ ଡେପୁଟି କୃତ୍ତିବାସ ଦାସ ଓ ଭିକାରି ମିଶ୍ର ଓ ବାବୁ ହରମୋହନ ରାୟ ଏହି ସଭାର ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଅଛନ୍ତି ଓ ମୁନସି କାଶୀନାଥ ଦାସଙ୍କୁ ଅର୍ଥ ସଂଗ୍ରହ କରିବା ସକାଶେ ଦେଶ ବିଦେଶକୁ ପଠାଇବାରୁ ତାହାଙ୍କ ଉଦ୍ୟମରେ କଲେ ରଣପୁରର ରାଜା ଟ ୨୦୧ ଙ୍କା ସାହାଯ୍ୟ ପଠାଇ ଅଛନ୍ତି ଏତଦ୍ବ୍ୟତୀତ ଆଉ କେହି କିଛି ଦେଇ ନାହାନ୍ତି ବର୍ତ୍ତମାନ ଯେଉଁମାନେ କି ଏପକ୍ଷରେ କମିଟି ଓ କୋଷାଧ୍ୟକ୍ଷ ନିଯୁକ୍ତ ଅଛନ୍ତି ସେମାନେ କିଛି ସାମାନ୍ୟଲୋକ ନୁହନ୍ତି ସେମାନେ ଆଜପର୍ଯ୍ୟନ୍ତ କିଏ କେତେ ଦେଇଅଛନ୍ତି ତାହା କିଛି ପୁରୁଷୋତ୍ତମପତ୍ରିକା ବା ଆପଣଙ୍କ ପତ୍ରିକାରୁ ପ୍ରକାଶ ପାଇ ନାହିଁ ଏବା ସେମାନେ ବାହିଁଛ ପୁରୀ ନଗରରେ ଅନେକ ଧନାଢ୍ୟ ସନ୍ତ ଓ ମହନ୍ତମାନେ ବସିଛି ଅଛନ୍ତି ସେମାନେ ଏରୂପ ସତ୍କାର୍ଯ୍ୟରେ ଅର୍ଥ ବ୍ୟୟ କରିବା ସକାଶେ ଯେ କୁଣ୍ଠିତ ହେଉ ଅଛନ୍ତି ଏ ଅତି ଆଶ୍ଚର୍ଯ୍ୟର ବିଷୟ ଓ ଯେଉଁ ସନ୍ତ ମହନ୍ତମାନେ କି ଅର୍ଥ ସଂଗ୍ରହ କରି ନାମଖ୍ୟାତି କରୁ ଅଛନ୍ତି ସେ କେବଳ ଶ୍ରୀ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କର ମନ ଅଟଇ ସେମାନେ ଥିବା ପ୍ରତ୍ୟକ୍ଷେ ଯେ ଅନ୍ୟସ୍ଥାନକୁ ଯିବା ଅସମ୍ଭବ ହୋଇ ଏକମାତ୍ର ସତ୍କାର୍ଯ୍ୟରେ ଲାଗେ ଏ ଅତି ଲଜ୍ଜାର ବିଷୟ ଯଦ ପୁରୁଷୋତ୍ତମବାସୀ ସନ୍ତ ମହନ୍ତ ଓ ଧନାଢ୍ୟ ବ୍ୟକ୍ତିମାନେ ମନ୍ଦିର ମରାମତି ପକ୍ଷରେ ମନୋଯୋଗୀ ହୋଇ ସାହାଯ୍ୟ କରନ୍ତି ତେବେ ଅନାୟାସରେ ଏ କର୍ମ ସମାଧା ହେବ ଓ ଅପର ଲୋକେ ଯେଉଁ ସାହାଯ୍ୟ ଦାନ କରିବେ ସେ ମଧ ତହିଁସଙ୍ଗେ ମିଶ୍ରିତ ହୋଇ ପାରେ ପୁରୀବାସିମାନଙ୍କର ଦାତବ୍ୟ ଶକ୍ତି ଜଣା ଗଲେ ତାକୁ ଲକ୍ଷ କରି ଅପର ଲୋକେ ଆପଣା ଦାତବ୍ୟ ଶକ୍ତି ପ୍ରକାଶ କରି ପାରନ୍ତି କମଧିକ ମିତି । ତା ୫ ରଖ ମାହେ ଫିବ୍ରୁଏରୀ ସନ ୧୮୮୪ ମସିହା ।

ନିବେଦନ
ଶ୍ରୀ କୁଞ୍ଜକୁମାର ଘୋଷ

ଅମ୍ଭେମାନେ ମଧ୍ୟ ଦେଖିବା କରୁଁ ଯେ ଏ ବିଷୟର ଦେବା ପ୍ରଥମେ ପୁରୀ ନଗରବାସୀଙ୍କର ହେବାର ଉଚିତ । ସେମାନେ କାର୍ଯ୍ୟତଃ ଅଗ୍ରସର ନ ହେବାଯାଏ ବିଦେଶୀୟଙ୍କଠାରୁ ସହାନୁଭୂତ ଆଶା କରିବା ଅନୁଚିତ ଅଟଇ ।
ଉ, ଦୀ, ସମ୍ପାଦକ

---

ନୂଆ ପ୍ରକାଶିତ ଉତ୍ସରୁ ।

ମେଳାଦର୍ଶନ ।

ଛତ୍ର ଗୃହ ।

କଳ୍ପବୃକ୍ଷ ଘୋଟାରେ ନିର୍ମିତ ବାଗାଦନ୍ତେ ଗଠିତ
ତ୍ରିବାଙ୍କୁରଠାରୁ ଆଗତ ଦ୍ରବ୍ୟରାଶି ସହିତ ।
ଚନ୍ଦନକାଠର ପେଡ଼ିକାମାନ ଅଛି ପୂରିତ ।
ଦେବ ଦେବୀ ମୂର୍ତ୍ତି ସକଳ ତହିଁ କେତେ ଅଙ୍କିତ ॥
ଏଥିରୁ ଗୋଟିଏ ବାକସ ସଙ୍ଗି ଯେବେ କଣିବ
ଖାସି, ମାଳା, ମୋତି ମାଣିକ ଟଙ୍କା ସାଇତିରଖିବ
ଅଗରେ ଉତ୍କଳ ଦଶନ କେତେ ଅଛି ପଥର ।
ନାନା ରଙ୍ଗେ ଚିତ୍ର ବିଚିତ୍ର ଦେଖୁ ଅତି ସୁନ୍ଦର
ପାଶରେ ମାନ୍ଦ୍ରାଜ ମୃତ୍ତିକାପାତ୍ର ଥାଉଛି ଥାଉ ।
ରୂପା ସମ ତେଜ ଦିଶାଇ ଆଖିଯାଏ ଦିଶଇ ॥
ମୃତ୍ତିକା ପାତ୍ରର ଚଉଣି ମୁଦ୍ରା ମୂଲ୍ୟ ହୁଅଇ ।
ଏ କଥା ସ୍ୱପ୍ନରେ କିଏ ବା କେବେ ମନେ ଭାବଇ
ଏ ମୃତ୍ତିକାପାତ୍ର ଗୋଟିକ ସଙ୍ଗି ଯେବେ କଣିବ
ବୃଦ୍ଧା ନାରି ଖାଇ ମନରେ କେତେ ସୁଖ ଲଭିବ
ଅର୍କଟ ଜିଲାରୁ ଆଗତ ପିତ୍ତଳର ବାସନ ।
ତାମ୍ରପାତ୍ର ସଙ୍ଗ ଅତ୍ୟନ୍ତ ଦିଶେ କି ସୁଶୋଭନ ॥
ପଞ୍ଚବିଂଶ ମୁଦ୍ରା ଦେଇଣ ନିଅ ଏହି ମନ୍ଦିର ।
ଶୋଇବାକୁ ଖଟ ଉପରେ ମନ ହେବ ଅଭୁଶ ॥
ଚଳଙ୍ଗପୁରର ଆବ୍ରନୀ ସ୍ଥାନଠାରୁ ଆଗତ ।
ସୂକ୍ଷ୍ମ ସୂକ୍ଷ୍ମ ବସ୍ତ୍ର ସକଳ ଥାକେ ଥାକେ ସଜ୍ଜିତ ॥
ମହୁଗା ବଳର ତାଞ୍ଜୋର ଛତ୍ରପତି ଦେଶର ।
ଜରୀରେ ମଣ୍ଡିତ ରେଶମଶାଢ଼ୀ କେତେ ସୁନ୍ଦର
ଏ ବସନମାନ କିଣିଣ ଘରେ କଲେ ପ୍ରଦାନ ।
ଯୁବତୀ ହେବେ ସକଳେ କରି ତା ପରିଧାନ ॥
ଆଏ ଶ୍ରେଣୀ କିଛି ଆଗକୁ ଅନ୍ୟ ଦୃଶ୍ୟ ଦେଖିବ ।
ପିତ୍ତଳ ଦ୍ରବ୍ୟ କେତେ ପ୍ରବଳ ମନେଇ ଭାବନ ॥
ଗୃହସ୍ଥ ଗୋଟିଏ କେମନ୍ତ କରି କେଶ ମୁଣ୍ଡନ ।
ଆଣ୍ଠୁମାଡ଼ି ବସି କରନ୍ତି କରେ ପିଣ୍ଡ ପ୍ରଦାନ ॥
ଭୂଲପୁରୋହିତ ପଢ଼ନ୍ତି ବାକ୍ୟ ଶାସ୍ତ୍ରସହିତ ।
କେବେ ଉଦ୍ଧି ଗନ୍ଧ ବସନେ, ସନ୍ଧେ ଯଜ୍ଞୋପବୀତ
ଶୋକ ତରଙ୍ଗର ବଢ଼ାନ୍ତି ବଇରାଗୀ ସକଳ ।
ଚମକି ଲୋକମାନଙ୍କ ଦେଖୁ ଲାଗେ ଚହଳ ॥
ହୁଳହୁଳିଏ ବାଡ଼ରେ ଛତ୍ରମାର୍ଗ କରଣ ।
ଶାନ୍ତ କ୍ରିୟା କାଣ୍ଡ ଦେଖନ୍ତି ଅନ୍ତଃପୁରେ ରହଣ ॥
ଯୋଡ଼ିରେ ନିର୍ମିତ ଅପୂର୍ବ ଦେଖ ସୁଖଶଯ୍ୟାକ ।

Split by PDF Splitter



ମଧ୍ୟରେ ସୁନ୍ଦର ବସନ୍ତ ଚାଁଦୋଆର ଉପର ।
ସ୍ୱର୍ଣ୍ଣଗୃହ ସବୁ ତହିଁରେ କେତେ ଶୋଭା ପାଉଛି
ହସ୍ତୀଦନ୍ତରେ କ ନିର୍ମିତ ମନେ ଜ୍ଞାନ ହେଉଛି
ତ୍ରିବାଙ୍କୁରର ନୃପତିଙ୍କର ଅସ୍ତ୍ର ଶସ୍ତ୍ର ବହୁଳ ।
ଅଳଙ୍କାର ଚନ୍ଦ୍ରପଟ୍ଟ ଯେ ବିଶେଷ କେତେ ମଞ୍ଜୁଳ
ଅନେକ ପ୍ରକାର ବାଜଣା ନାନାବିଧ ଖେଳନା ।
ମୃତ୍ତିକାନିର୍ମିତ ପିତୁଳା ଦଶ କରେ ଗଣନା ॥
ପଶ୍ଚିମ ଭିତ୍ତିରେ ଅଛନ୍ତି ତ୍ରିବାଙ୍କୁରନୃପତି ।
ପାଶେ ଲକ୍ଷ୍ମୀବାଈ ସୁନ୍ଦରୀ କାନ୍ତି ପ୍ରକାଶୁଛନ୍ତି ॥
ଏ ଦୁହିଙ୍କ ଶରୀରପୃଷ୍ଠରେ ଗୃହ ବିଶେଷ ଉଜ୍ଜ୍ୱଳ ।
ଗୋଲାପଲକ୍ଷ୍ମୀ ଏଥି ଅଛନ୍ତି ତାହିଁ ଲୋହିଁ ଚଞ୍ଚଳ
ଦୁଇ ଚନ୍ଦ୍ରପଟ୍ଟ ସଙ୍ଗେ ଦେ ଦଇ ଅବଲୋକନ ।
ସାର୍ଥକ ହୋଇବ ଦର୍ଶୟ ଆଜ ତୁମ୍ଭ ନୟନ ॥
ଆସ ତନ୍ନ ଦେଖିବା ମହାସ୍ତମ୍ଭଘରରେ ।
ପରିପୂର୍ଣ୍ଣ ଯେଉଁ ଗୃହର ବ୍ୟଞ୍ଜନାଦି ଦ୍ରବ୍ୟରେ ॥
ଏଥିରୁ ଗୋଟିଏ ବ୍ୟଞ୍ଜନ ସଙ୍ଗି ବର୍ଣ୍ଣିବ ଅଛ ।
ମୋର କଥା ରଖ ଯଦ୍ୟପି ହୁଅ ନାହିଁ ବେସ୍ତକ
ଯେତେବେଳେ ଗ୍ରୀଷ୍ମକାଳରେ ଗୃହନ୍ତର
ବସିବ ।
ପରସ୍ପର ପାଶେ ବ୍ୟଞ୍ଜନ ହାତେ ଧରି ବସିବ ॥
ଚନ୍ଦନ ଲେପିତା ପରସ୍ପେ ସେହି ଶୀତପବନ ।
ମୋର ଅନୁରୋଧ ବଚନ କରୁଥିବ ସ୍ମରଣ ॥
ଅବଲୁପ୍ତ କାଷ୍ଠ ଉପରେ ଗଜଦନ୍ତ ଖଚିତ ।
ବଙ୍ଗାଳୋର ଅନ୍ଧ୍ରକାର ହାର ଦେଖ ସହିତ ॥
ନାଗାମଙ୍ଗଳର ଅନେକ ସୁନା ରୂପା ଗହଣା ।
ଉଳାପାଟଣାର କୃତ୍ରିମ ଫଳ କର ଗଣନା ॥
ଓଡ଼ିଶା ଧାତୁରେ ନିର୍ମିତ ନାନାବିଧ ପ୍ରସ୍ତର ।
ପଶମ, ରେଶମ, ସୂତାର ବସ୍ତ୍ର କେତେପ୍ରକାର ॥
ନାନାବିଧ କାଷ୍ଠ ନମୁନା କେତେ ଶୃଙ୍ଗପଦାର୍ଥ ।
ବଙ୍ଗାଳୋରଠାରୁ ଆସିଛି କର ନମୁନା ସାର୍ଥ ॥
ବନ୍ଧପ୍ରଦେଶର ମସଲା ଡାଲି ଧାନ ଚାଉଳ ।
ଦେଶମୂର୍ତ୍ତି କେତେ ପ୍ରକାର ବୃକ୍ଷ ଫୁଲଫଳ ।
ପୁନ୍ନାଳ ମୁଦ୍ରା ଅନେକ ଅଛି ସୁନା ରୂପାର ।
ଲୋକେ ବାରବାରେ ଏହାକୁ କରୁଥିଲେ ପ୍ରଚାର
ମହୀଶୂର ମୂର୍ତ୍ତି ପଥର କୃଷ୍ଣ ଯଦୁନନ୍ଦନ ଛବି ।
ପାଶେ ରଙ୍ଗାମୂର୍ତ୍ତି ସହିତ ଦେଖ ଉପାସ୍ୟ ଦେବ
ମଦାଗଣ ରାମଚନ୍ଦ୍ରେନ୍ଦ୍ର ଉତ୍ତେଶ୍ୱରଙ୍କ ମୂର୍ତ୍ତି ।
ଦେଖିଲେ ମନରେ ପ୍ରକାଶ ଅତି ଖାନୁପଣ୍ଡିତ ॥
ଅମରପୁରଙ୍ଗମ ସ୍ୱରୂପ ଦେଖିଲେ ଫଟେଲୁ ଛନ୍ତି ।
ବର୍ତ୍ତମାନ ଏହି ଅଟନ୍ତି ମହୀଶୂର ନୃପତି ॥
ଶ୍ରୀରଙ୍ଗପତ୍ତନ ଟଙ୍କାଳ ଦୁର୍ଗ ବହୁମତର ।
ଟାବେଙ୍ଗର ଜଳପ୍ରପାତ ସଙ୍ଗେ ଲେଖନ କର ॥
ଥିଅଛନ୍ତି ସବୁ ନିଜାମରାଜ୍ୟ ଦ୍ରବ୍ୟସକଳ ।
ଗୋଟିଏ କର ଦେଖିବ ନେତ୍ର ହେବ ଶୀତଳ ॥
ରେଶମ ପଶମେ ନିର୍ମିତ ନାନାବିଧ ଗାଲିଚା ।
ସୁନ୍ଦର କାର୍ପେଟ ବହୁମୂଲ୍ୟ ଦୁଲିଚା ॥
ଲୌହ ଦସ୍ତା ପାତ୍ର ଅନେକ ଫୁଲ ଅଙ୍କିତ ବାଟ
କାହାର ଉପରେ ସ୍ୱର୍ଣ୍ଣ କାହିଁ ରୂପାଗିଲଟ ॥
କେତେ ଫୁଲଦାନ ଅସଂଖ୍ୟ ଅଛି କାଠର ଥାଳ
ଜାଲି କସା ରୂପାବାଲମ ପୂର୍ଣ୍ଣ ମାଳକ ମଳ ॥
ମୂଲ୍ୟବାନ କେତେ ପୋଷାକ ମୃଗବ୍ୟାଘ୍ର ଅନେକ
ବୁଟ ଯୋଡ଼ା ଟଟ୍ଟ ଅସଂଖ୍ୟ ଦେଖିବ ବାରେକ ॥
ଏ ସକଳ ଶିଳ୍ପନୈପୁଣ୍ୟ ସ୍ୱଜାତୀୟ କହିବ ।
ପ୍ରକାଶେ ବିଦେଶୀ ସମୀପେ ଭାରତର ଗୌରବ
ଏ ସମସ୍ତ ଦ୍ରବ୍ୟ କରନ୍ତି ଏବେ ସ୍ୱଦେଶୀ ନର ।
ବିଦେଶୀୟ ଦ୍ରବ୍ୟେ କରନ୍ତି ନାନାବିଧ ଆଦର ॥
ବଡ ଦୁଃଖ ହୁଏ ମନରେ ଏକା ଏହି ଭାବନା ।
ବାଉଗରଲୁ କେ ମିଳିବ ନାହିଁ ଏଣିକି ଦାନା ॥
କ୍ରମେ ଶିଳ୍ପକାର୍ଯ୍ୟ ଭାରତେ ଯାଏ ଅବନତି ।
ଏ ଦ୍ରବ୍ୟ ଦର୍ଶନ ନ ହେବ ଆଉ ପୁଅ ନାତିକି
ବିଦେଶୀୟ ଶିଳ୍ପବାଜରେ ସତ ଭାରତ ଜନେ ॥
ଶସ୍ତା ପାଇ ଦ୍ରବ୍ୟ କିଣନ୍ତି ନାହିଁ ବିଚାର ମନେ ॥
କୁତ୍ରିତ ସଙ୍ଗରେ ମେଘର ଅଟେ ଯେହ୍ନେ ଅନ୍ତର
ଭାରତୀୟ ଦ୍ରବ୍ୟ ସମୀପେ ତେହ୍ନେ ବିଦେଶୀଙ୍କର
ବିନୟ ବଚନ ମୋହର ଭାଇମାନେ ଶୁଣିବ ।
ବିଦେଶୀ ପୋଷାକେ ବର୍ଜିତ ନିଜ ଅଙ୍ଗ ସାଜିବ ॥
ପୁତ୍ର କନ୍ୟାଗଣେ ଦେଉଛ ବିଦେଶୀୟ ଭୂଷଣ ।
ଏକଥା ତୁମ୍ଭଙ୍କୁ କହିଲେ ହେଉ ନାହିଁ ଦୂଷଣ ॥
ଭାରତ ଦ୍ରବ୍ୟକୁ ଦେଖିଣ ପ୍ରଶଂସନ୍ତି ବିଦେଶେ ।
ଇଂରେଜ, ଫରାସୀ, ଜାପାନୀ, ଚୀନ ନାନା ପ୍ରକୃତେ
ତହିଁ ଅନାଦର ତୁମ୍ଭର ଏକ ଯୋଗ୍ୟ ନୁହେଁ ?
ସାହେବ ବିବି ନ ସାଜିଲେ ତାହା ସୁନ୍ଦର ହୁଏ ?
ଛାଡ଼ ଏହି ପ୍ରଥା କେମନ୍ତ ନେତ୍ର ଅପ୍ରୀତିକର ।
ଭାରତସନ୍ତାନେ କହନ୍ତୁ କେତେ ଏଥି ବିଚାର ॥

କ୍ରମଶଃ

# ବିଜ୍ଞାପନ ।

## ନୂତନପଞ୍ଜିକା ।

ସନ ୧୮୮୪।୮୫ ମସିହାର ନୂତନପଞ୍ଜିକା ଖ ୪ ଣ୍ଡ ପ୍ରତିମୂର୍ତ୍ତି ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୦ ୵, ମୋଫସଲ ଗ୍ରାହକମାନଙ୍କୁ ମୂଲ୍ୟ ଛଡା ଡାକମାସୁଲ ଖଣ୍ଡ ପ୍ରତି ଟ ୦/ ଦେବାକୁ ହେବ ।

# ହୃଦୟର ହୃଦୟ
# ତାଡିତ ରକ୍ଷା କବଚ ।

ତାଡିତପ୍ରାଣ-ସ୍ୱରୂପ ଉକ୍ତର
ଶୀତଳାଶକ୍ତି ।

ଏବେ ହଲେ ଅଦ୍ଭୁତ !

ତାଡିତର ଶକ୍ତି !

ମନୁଷ୍ୟ ଯେତେ ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି ସେ ସମସ୍ତ ଏହି କବଚ ଧାରଣ କଲେ ନିଶ୍ଚିତରୂପେ ନିବାରିତ ଓ ଉପଶମିତ ହୁଏ ।

ଏ କବଚ ନାନା ପ୍ରକାର ଧାତୁଦ୍ୱାରା କୌଶଳକ୍ରମେ ନିର୍ମିତ । ଦେହରେ ଲାଗିଥିଲେ ଶରୀରର ଲବଣାକ୍ତ ଓ ଅମ୍ଳରସ ସଂଯୁକ୍ତ ହୋଇ ମୃଦୁତାଡିତଶକ୍ତି ଉତ୍ପାଦନ କରଇ। ପିଲାମାନଙ୍କ ପକ୍ଷେ ବିଶେଷ ଉପକାରୀ ଓ ନିତାନ୍ତ ଆବଶ୍ୟକ ।

ଏହାକୁ ପିନ୍ଧିଲେ ନିମ୍ନଲେଖିତ ରୋଗସମୂହ ନିବାରଣ ହୁଏ । ଯଥା—ଉଦରାମୟ, ରକ୍ତାମାଶୟ, ଯକୃତ ରୋଗ, ମୂତ୍ରାଘାତ, ହୃତକମ୍ପ, ବାତ, ସନ୍ଧିବାତ, କମ୍ପିଶୂଳ, ମସ୍ତୁଶୂଳ, କଷ୍ଟରଜ, ଧାତୁଦୌର୍ବଲ୍ୟ, ସାଧାରଣ ଦୁର୍ବଳତା, ଦୁଦ୍ଦାହ, ପକ୍ଷାଘାତ, ସର୍ବପ୍ରକାର ବେଦନା, କାଠାଧିକ୍ୟ, ଅଜୀର୍ଣ୍ଣ, ସ୍ନାୟୁଭ୍ରଂଶ, ବକ୍ଷଂଶତା, ପିତ୍ତୋନ୍ମାଦ, ନିଦ୍ରାନାଶ, ଶିରରୋଗ ମସ୍ତକ ଘୂର୍ଣ୍ଣନ, କ୍ଲେଶକର ସ୍ୱପ୍ନ, ବାକ୍‌ରୋଧ, ସ୍ତ୍ରୀଲୋକମାନଙ୍କର ଦର୍ପ ମୂର୍ଚ୍ଛା, ମୂତ୍ରରୋଗ ସମୂହ, ବକ୍ଷସ୍ଥଳର ଦୂଷିତବନ୍ଧନରୋଧ ଶରୀର କ୍ଷୀଣତା, ସ୍ନାୟୁ ଏବଂ ଶୋଣିତ ସମ୍ବନ୍ଧୀୟ ସମସ୍ତ ରୋଗ ।

ଶରୀର ମଧ୍ୟସ୍ଥିତ ତାଡିତର ହ୍ରାସ ହେଲେ ରକ୍ତର ଦୋଷ ଜନ୍ମିଯାଏ, ଏହି ହେତୁ ପରିମିତରୂପ ତାଡିତ ରହିବାର ଆବଶ୍ୟକ ଏବଂ ତାହା ଉକ୍ତ ତାଡିତକବଚ ପିନ୍ଧିଲେ ସାଧିତ ହୁଏ ।

ପ୍ରତ୍ୟେକ ତଡ଼ିତଯନ୍ତ୍ରକୁ ଗୋଟିଏ ରେଶମ ସୂତାଦ୍ୱାରା ଗଳଦେଶରେ ପିନ୍ଧିବାକୁ ହୁଏ, କିମ୍ବା ଶରୀରର ଯେ କୌଣସି ସ୍ଥାନରେ ପିନ୍ଧାଯାଇ ପାରେ ।

ପ୍ରତ୍ୟେକ କବଚ ଓ ରେଶମର ମୂଲ୍ୟ ଟ ୧୵ ଲେଖାଏ ଅଟଇ । ତାହରେ ପଠାଇବା ପାଇଁ ଦୁଇଅଣା ମାସୁଲ ଲାଗିବ ।

କଟକ ନଗରରେ ଅମ୍ଭେ ଏଥିର ଏକ ମାତ୍ର ସବ୍‌ଏଜେଣ୍ଟ ଅଟୁଁ ।—

Digitized by srujanika@gmail.com

Split by PDF Splitter

58



ଆମ୍ଭ ନିକଟରେ ଏବଂ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହା ବିକ୍ରୟ ହେଉଅଛି। ଏହି ଔଷଧଦ୍ୱାରା ଉପକାର ଫଳ ହେଉଅଛି ତାହା ଜଣାଇବା କାରଣ କେତେଗୁଡିଏ ପ୍ରଶଂସାପତ୍ର ନିମ୍ନେ ପ୍ରକାଶ କଲୁଁ ।

ଶ୍ରୀ ବିଜୟକୁମାର ଚକ୍ରବର୍ତ୍ତୀ।
ଢେଙ୍କାନାଳ ଅସିଷ୍ଟାଣ୍ଟ ସର୍ଜନ

## ପ୍ରଶଂସା ପତ୍ର ।

ଅଶାନ ରେଲ କାଷ୍ଟର ଜଣେ ଷ୍ଟେସନ ମାଷ୍ଟର ଲେଖିଅଛନ୍ତି ଯେ ଆପଣମାନଙ୍କର ପ୍ରେରିତ ଔଷଧର ପ୍ରାପ୍ତି ସ୍ୱୀକାର ଓ ତାହା ବ୍ୟବହାର କରି ଯେ ମହା ଉପକାର ଲାଭ କରିଅଛୁଁ ସେଥି ନିମିତ୍ତ କୃତଜ୍ଞତା ପୂର୍ବକ ଧନ୍ୟବାଦ ଦାନ ହେଉ ଅଛେ ଆପଣମାନଙ୍କ ନିକଟରେ ଋଣୀ ଅଛୁଁ ବର୍ତ୍ତମାନ କୃତଜ୍ଞତା ସହିତ ଜଣାଉ ଅଛୁଁ ଯେ ଅମ୍ଳ ଶୂଳ ରୋଗର ବେଦନା ଓ ଶାରୀରିକ ଦୁର୍ବଳତାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛୁଁ ଏ ଔଷଧଟି ଯେ ଅନେକ ପୀଡା ସକଳ ନିମିତ୍ତ ଫଳଦାୟକ ତାହା ଅନେକ ବ୍ୟବହାର କଲେ ଜାଣିଇ ପାରିବେ ।

ସତେଶ ଚନ୍ଦ୍ରର ବାଣୀ ।

ପଚିଶ ବର୍ଷ ଅବଧି ଅମ୍ଳେ ଏଣା ବେଦନାରେ କଷ୍ଟ ପାଇ ଥିଲୁଁ ବର୍ତ୍ତମାନ ଔଷଧ ବ୍ୟବହାର କରି ଆରୋଗ୍ୟ ଲାଭ କରିଅଛୁଁ ।

ଭୁବନେଶ୍ୱର ତା ୨୨ ଶେଷ ମଇ ସନ ୧୮୮୩ ମସୀହା
କେ ଏମ୍, ବୋଷ ହେଡ୍ ମାଷ୍ଟର ମିସନ ସ୍କୁଲ
... ଜଣର ଅଦ୍ୟାପୂର୍ବ ମୁକ୍ତି ଲଭ ।

ଲକ୍ଷ୍ନୌ ତା ୪ ଶେଷ ଜୁନ ୧୮୮୩

ପରମଆହ୍ଲାଦରେ ପ୍ରକାଶ କରୁଅଛୁଁ ଯେ ଆପଣମାନଙ୍କର ଔଷଧ ନ୍ୟୁନାଧିକ ତେରଶତ ଜଣ ଲୋକର ଅମାଶୟ ଯକୃତ ଅଗ୍ନିଶୂଳ ରୋଗ ଆରୋଗ୍ୟକରତା ଶୂଳରୋଗ ପରାସାଦ ଓ ମୂତ୍ର ଉଦ୍ଧାରତା ସମ୍ବନ୍ଧ ପୀଡାର ଅବ୍ୟର୍ଥ ପ୍ରତିବନ୍ଧକ ବୋଲି ଅଛି ବାସ୍ତବିକ ଏହା ସୁପରୀକ୍ଷିତ ସିଦ୍ଧ ସମୂହର ଅଦ୍ଭୁତ ମହୌଷଧ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ବାବୁ ... ଢେଙ୍କାନାଳ ମେଡିକାଲ ମହୋଦୟଙ୍କର ପଦ ପାଠ କରିବା ... ଲଭ ... ପାରେ ଯଥା;—

... ବିକ୍ରୟ ... ଅମ୍ଳର ... ଯେଉଁ ବହୁବର୍ଷାବଧି ... ଓ ଶାରୀରିକ ଦୁର୍ବଳତା ... ଅଜୀର୍ଣ୍ଣ ... ତାହାରୁ ଆପଣ ... ଔଷଧ ... ସେବନ ... ଏବଂ ... ଏହି ... ସନ୍ତୋଷ ... ଲେଖୁଅଛୁଁ ଯେ ... ଉଦ୍ଧାର ... ଅଟଇ ।

ସ୍ୱସ୍ତି ବାବୁ ବିଜୟକୁମାର ଚକ୍ରବର୍ତ୍ତୀ ମହାଶୟ
ସମୀପେଷୁ

ମହାଶୟ !

କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ ଯେ ଅନେକ ପ୍ରାୟ ମାସକରୁ ଊର୍ଦ୍ଧ୍ୱ ହେବ ଜ୍ୱର ରୋଗରେ ଆକ୍ରାନ୍ତ ହୋଇ ନାନା ଚୌଷଧାଦିରୁ ପାଇଅଛୁଁ ମାତ୍ର ସେହି ଦିନରୁ ଆପଣଙ୍କର ବହୁମୂଲ୍ୟ ଔଷଧ ଦେବନ ... ଧାରଣ କରୁଁ ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଶରୀର ... ଓ ସବଳ ହୋଇଅଛି । ଏହା ବାସ୍ତବିକ ଗୋଟିଏ ... ନମ୍ବରର ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଓ ଶରୀର ଜୀବନ ଶକ୍ତିକୁ ଉତ୍ତେଜିତ କରଇ ।

ତା ୧୭ ଶେଷ ଅକ୍ଟୋବର ସନ ୧୮୮୩ ମସିହା
ଶ୍ରୀ ... ମୋହନ ... 
... 

ମହାଶୟ !

କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଅନେକ ବାବୁ ... ହେଲା ଜ୍ୱରରୋଗରେ ଆକ୍ରାନ୍ତ ଥିଲି ମାତ୍ର ଯେଉଁ ଦିନଠାରୁ ଆପଣଙ୍କ ବହୁମୂଲ୍ୟ ଔଷଧ ନିୟମିତ ରୂପରେ ଧାରଣ କଲି ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ବାସ୍ତବିକ ଗୋଟିଏ ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଇତି ।

ତା ୨୨ ଶେଷ ଅକ୍ଟୋବର ସନ ୧୮୮୩ ମସିହା } ଶ୍ରୀ ... ପଣ୍ଡା । ... । ଢେଙ୍କାନାଳ

ମହାଶୟ !

ଅଳ୍ପ ଦିନ ଆଗରୁ ... ନମ୍ବର ଜ୍ୱରରୋଗରେ ଆକ୍ରାନ୍ତ ହୋଇଥିଲି ତାହାରୁ ଆପଣ ଗୋଟିଏ ଔଷଧ ... ଯେତେବେଳେ ଦେଇଥିଲେ ସେହି ଦିନରୁ ଆପଣଙ୍କର ବହୁମୂଲ୍ୟ ଔଷଧ ନିୟମିତ ରୂପରେ ଧାରଣ କଲି ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ଗୋଟିଏ ବହୁମୂଲ୍ୟ ଉପକାରୀ ଜିନିଷ ଅଟେ । ଇତି ।

ତା ୨୨ ଶେଷ ଅକ୍ଟୋବର ସନ ୧୮୮୩ ମସିହା } ... ମାନଙ୍କ ... ହେଡ ... ମୋହରର । କା ଢେଙ୍କାନାଳ

## ଏକ୍ଷିସିୟର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ରସାୟନ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବାର ଟ ୧/୧୯ ପ୍ୟାକିଂ ଖର୍ଚ୍ଚା ଟ ୦। ଅଣା ।

## ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦର ଘା, ଗରମୀ ଘା, କାଳି ଘା, ଦେହ ଓ ହାତ ଉପରର ଘା, ଗୋଲ ଘା, କାନ ଘା, ଜାନର ଶୂଳ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା, ଛାତିବ୍ୟଥା, କାଶ, ଶଯ୍ୟାଳାଗ, ମୂତ୍ରାଶୟପୀଡ଼ା, ଇନ୍ଦ୍ରିୟ, ଧାତୁଦୌର୍ବଲ୍ୟ ଏବଂ ଜିର୍ଣ୍ଣନାଶ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକ ଟ ୧୦୵ ଅଣା ।

## ଚାମ୍ବୁର ତେଲ ।

ଡାକ୍ତରୀ ଉପାୟରେ ଚାମ୍ବୁରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ଉତ୍ତମ ଔଷଧ ଥାଏ ତହିଁରେ ତାହା ଶ୍ରେଷ୍ଠ । ଚାମ୍ବୁର ତେଲ ଆମ୍ଭେମାନେ ବହୁ ଯତ୍ନରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରୁଅଛୁଁ । ଖାଜୁ, ଘାଦୁ, କୁଣ୍ଡିଆ, ଛୁଲି, ପଦ୍ମଘାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ ବୋତଲ ଟ ୬୯ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡା ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ବେଡ଼ନ ଷ୍ଟ୍ରିଟ ୪୬ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ୍‌ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ । ବଙ୍ଗଦେଶର ପ୍ରଧାନ ପ୍ରଧାନ ଡାକ୍ତରମାନେ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । ... ନିକଟରେ ... ଦରରେ ମିଳିପାରେ ଯଥା;—

... ଉଣା ... ଟ ୭ଙ୍କା । ୮ ... ଟ ୧୧ ଙ୍କା । ୧୬ ... ଟ ୨୦୵ ମୂଲ୍ୟ ଲାଗେ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର୍ଶ । ଉଚିତ ... ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡି ପ୍ରତି | ଟ ୦/୦ |
| ... | ଟ ୨/୦ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩/୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ... ଟ ... ରୁ ଊଣା ହେବ ନାହିଁ ।

... ଓ ... ଥରର ... ପ୍ରଥମ ... ଓ ... ହେବ ।

ଅଧିକ ... ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

... ମୂଲ୍ୟ ... ସଙ୍ଗେ ପଠାଇବାକୁ ହେବ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀ ବାବୁ ... ସାହେବ | ... | ... | ଟ ... |
| ବାବୁ ... ଚକ୍ରବର୍ତ୍ତୀ | କଟକ | ... | ଟ ୨୯ |
| ... | ... | ... | ଟ ... |

ଏହି ଉତ୍କଳଦୀପିକା ... କଟକ ପ୍ରିଣ୍ଟିଂକମ୍ପାନୀ ... ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୧୯ ଶ

ସଂଖ୍ୟା ୮

ତା ୨୭ ଚୈତ୍ର ମାହେ [illegible] ୧୮୮୫ ମସିହା । ମୁ । ଫାଲଗୁନ [illegible] ୧୨୯୧ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
|---|---|---|
| ବାର୍ଷିକ | ଟ ୨।୦ | ଟ ୨।୦? |
| ଡାକମାସୁଲ | ଟ ୦।୬ | ଟ ।୯? |

ଏଠା ରେବନସା କଲେଜରୁ ଯେଉଁ ଦୁଇ ଛାତ୍ର ଫାଷ୍ଟ ଆର୍ଟସ୍ ପରୀକ୍ଷାରେ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସେମାନେ ୨ୟ ଶ୍ରେଣୀର ଦ୍ୱିତୀୟର ବୃତ୍ତି ପାଇଅଛନ୍ତି । ପ୍ରଥମର ବୃତ୍ତିରେ ଏ ବର୍ଷ ଓଡ଼ିଆ ପିଲଙ୍କ ଭାଗ ପଡ଼ିଲା ନାହିଁ ।

ଗତ ଏମ୍, ଏ ପରୀକ୍ଷାରେ ଏଠା କଲେଜର ଛାତ୍ର ଗୋପାଳଚନ୍ଦ୍ର ଦାସ ଦ୍ୱିତୀୟ ଭଦ୍ୟାରେ ୩ୟ ଶ୍ରେଣୀରେ ପାସ କରିଅଛନ୍ତି । ମନମୋହନ ଚକ୍ରବର୍ତ୍ତୀ ବି, ଏ, ପର୍ଯ୍ୟନ୍ତ ଏଠା କଲେଜର ଛାତ୍ର ଥିଲେ ବର୍ତ୍ତମାନ ପ୍ରେସିଡେନ୍ସି କଲେଜରେ ପଢ଼ି ଥିବାରୁ ସେଠାର ଛାତ୍ର ସ୍ୱରୂପ ଏହି ଭଦ୍ୟାରେ ୨ୟ ଶ୍ରେଣୀରେ ପାସ ହୋଇଅଛନ୍ତି । ରେବନସା କଲେଜର ଭାଗ୍ୟରୁ ଏମ୍, ଏ, ଫଲ ଏହି ବର୍ଷ ପ୍ରଥମ ଫଳିବାରୁ ଉକ୍ତ କଲେଜ ଏହି ଶୁଭସମ୍ବାଦ ପାଇ ଏକଦିନ ବନ୍ଦ ହୋଇଥିଲା ।

ହାଇଦରାବାଦର ନିଜାମ ଶାସନଭାର ନେବା ସଙ୍ଗେ ଉକ୍ତ ରାଜ୍ୟର ବର୍ତ୍ତମାନ ମନ୍ତ୍ରୀ ସର ସାଲାରଜଙ୍ଗଙ୍କ ପୁତ୍ର ଲଇକଅଲି ସାଲାରଜଙ୍ଗଙ୍କୁ ଆପଣା ମନ୍ତ୍ରିତ୍ୱ ପଦରେ ବରଣ କରିବାରୁ ଆପଣା ମନ୍ତ୍ରିତ୍ୱ ପଦରେ ବରଣ କରିଅଛନ୍ତି ଏବଂ ନିଜାମଙ୍କ ଏହି କାର୍ଯ୍ୟ ସାଧାରଣଙ୍କର ସନ୍ତୋଷଜନକ ହୋଇଅଛି । ଲଇକଅଲିଙ୍କ ବୟସ ଅଳ୍ପ ମାତ୍ର ଯୋଗ୍ୟତା ଗୁଣ ନ୍ୟୁନ ନୁହେ ଏବଂ ଖବରେ ଜଣାଯାଏ ଯେ ସିନ୍ଧିଆର ପୁତ୍ର ହିନ୍ଦୁ ହେବ । ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସମ୍ମତିରେ ଏହି ବନ୍ଦୋବସ୍ତ ହୋଇଅଛି । ଶାସନ କାର୍ଯ୍ୟର ସୁବ୍ୟବସ୍ଥା ନିମିତ୍ତ ଗୋଟିଏ ସଭା ଗଠିତ ହୋଇଅଛି । ସ୍ୱୟଂ ନିଜାମ ତହିଁର ସଭାପତି ଏବଂ ନବାବ ସାଲାରଜଙ୍ଗ ବାହାଦୁର ଓ ନବାବ ବସିରୁଦୌଲା ଓ ନବାବ ସାହେବଜାଦା ନବାବ ବଶିରୁଦ୍ଦୌଲା ଓ ନବାବ ସାହେବଜଙ୍ଗ ସରଫରାଜ ଉମରେଜ ସମସେରଜଙ୍ଗ ସଭ୍ୟ ହୋଇ ଅଛନ୍ତି । ନିଜାମ ଅଥବା ତାହାଙ୍କ ମନ୍ତ୍ରୀ ଯେଉଁ ବିଷୟ ଉପସ୍ଥିତ କରିବେ କେବଳ ସେହି ବିଷୟ ବିଚାର କରିବାକୁ ସଭା ସମର୍ଥ ହେବ । ଏ ବନ୍ଦୋବସ୍ତ ଉତ୍ତମ ହୋଇଅଛି । ଆମ୍ଭେମାନେ ଆଶା କରୁଁ ଯେ ହାଇଦରାବାଦର ଶାସନକାର୍ଯ୍ୟ ଏହାଦ୍ୱାରା ଅତ୍ୟନ୍ତ ସୁଶୃଙ୍ଖଳାରେ ଚାଲିବ ।

ତାର ଯୋଗେ ସମ୍ବାଦ ଆସି ଅଛି ଯେ ଚୀନ ରାଜ୍ୟରି ଟିଙ୍କିନ ନଗରରେ ଓ [illegible] ଶ ଖ୍ରୀଷ୍ଟିୟାନ ହାଣ ଖାଇ ଅଛନ୍ତି ଏବଂ ଗୋ ୧୦୮ ଟା ପାଦ୍ରିଙ୍କ ଘର ପୋଡ଼ି ଯାଇଅଛି । ପୁନଶ୍ଚ ଅନ୍ୟ ଏକ ସମ୍ବାଦରୁ ଜଣାଯାଏ ଯେ ହୋଂକଙ୍ଗ ନଗର ନିକଟରେ ଅନ୍ୟୂନ ପଞ୍ଚାଶ ଜଣ ଖ୍ରୀଷ୍ଟିୟାନ ଏହିପରି ଦଶାକୁ ଲଭିଅଛନ୍ତି । ଏହି ଖ୍ରୀଷ୍ଟିୟାନମାନେ ଫରାସୀ ରାଜ୍ୟର ପ୍ରଜା ଅଟନ୍ତି । ଫରାସୀ ପାଦ୍ରିଙ୍କ ଉପରେ ଚୀନର ଏପରି ଅତ୍ୟାଚାର କାହିଁକି ଏଥିର କାରଣ କିଛି ବୁଝିଯାଉ ନାହିଁ ମାତ୍ର କାରଣ ଯାହା ହେଉ ନିର୍ଦ୍ଦୋଷୀ ଧର୍ମଯାଜକଙ୍କୁ ଏପରି ନିଷ୍ଠୁରରୂପେ ଆକ୍ରମଣ କରିବା ନିତାନ୍ତ ଗର୍ହିତ ହୋଇ ନ ପାରେ । ଅନୁମିତ ହେଉଅଛି ଯେ ଚୀନବାସୀମାନେ କୌଣସିରୂପେ ଫରାସିଙ୍କ ସହିତ ଯୁଦ୍ଧ କରିବାକୁ ମନ ବଳାଇ ତହିଁର ସୂତ୍ରପାତ ସ୍ୱରୂପ ଆଉ କିଛି ନ ପାଇ ଖ୍ରୀଷ୍ଟିୟାନଙ୍କର ବିନାଶ ସାଧନ କରିଅଛନ୍ତି ଏବଂ ଏମନ୍ତ ହେବା କଥିତ ଯେ ସେମାନେ ପୂର୍ବରୁ ଯୁଦ୍ଧର ଆୟୋଜନ କରୁଥିଲେ । ଫରାସୀ ଗବର୍ଣ୍ଣମେଣ୍ଟ ଏ କଥାକୁ ସହଜରେ ଛାଡ଼ି ପାରିବେ ନାହିଁ ଏବଂ ଯେବେ ପରିଶେଷରେ ଚୀନ ଫରାସିଙ୍କର ଯୁଦ୍ଧ ହେବ ତେବେ ଗୋଟିଏ ଭୂମିକମ୍ପ ଲାଗିବ । ଘଟଣା ସ୍ରୋତ କେଉଁ ଦଗକୁ ବହି ଯାଉଅଛି ଶୀଘ୍ର ଦେଖିବାରେ ଆସିବ ।

ମିସରରେ ପୁଣି ସମରାଗ୍ନି ପ୍ରଜ୍ୱଳିତ ହେବାର ଦେଖାଯାଏ । ସୌଦାନରେ ମାହଦି ମାତି ଅଛନ୍ତି ଏବଂ ସେଠାର ମୁସଲମାନମାନେ ଇହାଙ୍କ ଅଧୀନତା ସ୍ୱୀକାର କରି ଅଛନ୍ତି । ମିସରର ଖେଦିବ ଇଂରାଜଙ୍କ ପରାମର୍ଶରେ ସେ ରାଜ୍ୟରୁ ବାହାରି ଆସିବାର ଉଦ୍ୟମ କରୁଥିଲେ ମାତ୍ର ମାହଦି ତାହା କରି ଦେଉ ନାହାନ୍ତି । ସେ ଖେଦିବଙ୍କ କରୁବାରେ ଯୁଦ୍ଧ ଆରମ୍ଭ କରି କ୍ରମଶଃ ଜୟଲାଭ କରୁଅଛନ୍ତି । ସେ ଦିନ ତାରଯୋଗରେ ସମ୍ବାଦ ଆସିଅଛି ଯେ ସିକାଟ ବନ୍ଦର ପତନ ହୋଇଅଛି ଏବଂ ସେଠାରେ ଥିବା ୬୦୦ ସେନା ସମସ୍ତେ ହାଣ

Digitized by srujanika@gmail.com

Split by PDF Splitter



ଯାଇ ଅଛନ୍ତି । ଶତ୍ରୁ ଏମନ୍ତ ବଳରେ ଏହାଙ୍କୁ ଆକ୍ରମଣ କଲେ ଯେ ମିସରୀୟ ସେନମାନେ କୌଣସିରୂପେ ଆପଣାଙ୍କୁ ରକ୍ଷା କରିବା ଅସମ୍ଭବ ଦେଖି ସମ୍ମୁଖ ଯୁଦ୍ଧରେ ପ୍ରାଣ ହରାଇଲେ । ମାହିଦ ଏଥିରେ ଉତ୍ସାହିତ ହୋଇ ପ୍ରବଳ ପ୍ରତାପ ପ୍ରକାଶ କରୁଅଛନ୍ତି ମାତ୍ର ତାହାଙ୍କର ସେତେ ଅଧିକ ଦିନ ରହିବ ନାହିଁ । କାରଣ ଇଂରାଜ ସିଂହ ରଣସଜ୍ଜା ଧାରଣ କରି ଗୃହଦେଶରୁ ସୈନ୍ୟ ପଠାଉ ଅଛନ୍ତି ଏବଂ ଏହି କଥା ଶୁଣି ବିଦ୍ରୋହିମାନେ ଛିନ୍ନଭିନ୍ନ ହେବାକୁ ଆରମ୍ଭ କଲେଣି । ମାଲ୍ଟାରୁ ଅନେକ ସୈନ୍ୟ ଯିବାର ଆଦେଶ ହୋଇଅଛି ଏବଂ ବମ୍ବେଇରୁ ଭାରତୀୟ ସୈନ୍ୟ ଯିବାର ମଧ୍ୟ କଥା ଉଠି ଅଛି । ଫଳେ ମିସର ଦେଶର ବ୍ୟାପାର ପାର୍ଲିମେଣ୍ଟର ବର୍ତ୍ତମାନ ଅଧିବେଶନକୁ ଚଞ୍ଚଳ କରିଅଛି ଏବଂ ଉଦାରନୈତିକମାନଙ୍କ ଆସନକୁ ଟଳମଳ କରୁଅଛି ।

---

ଗତ ଶୁକ୍ରବାର ରାତ୍ରି ଦୁଇ ପହର ୨ ଘଣ୍ଟା ସମୟରେ ଏ ନଗର ବାଙ୍କାବଜାର ସ୍ଥିତ ବାବୁ ଫକିରମୋହନ ମାହାନ୍ତିଙ୍କ ଗୋଦାମ ଘରେ ଅଗ୍ନି ଲାଗିଥିଲା । କପରି ଅଗ୍ନି ଉଦୟ ହେଲା ଠିକ ଜଣା ଯାଇ ନାହିଁ ମାତ୍ର ଏହି ଘରେ କେତେକ କମାରଶାଳ ବସିଥିଲା ଏବଂ ଖଇ ଅଖା, କିରାନ, ସ୍ଥାନଠାରୁ ଛାତ ଛୁଇଁବା ପର୍ଯ୍ୟନ୍ତ ନାଦ ପ୍ରଭୃତି ଜମା ଥିଲା । ସୁତରାଂ ଅଗ୍ନି ଲାଗିବା ମାତ୍ରେ ହେବାର କାରଣ ସହଜରେ ଅନୁମାନ ହୋଇ ପାରେ । ଫଳତଃ ଗୋଦାମ ଘର ଅତି ନିକଟ ଥିବାରୁ ପୋଡିବା ସମୟରେ କଟକର ପର୍ଯ୍ୟନ୍ତ ଆଲୋକ ବିସ୍ତାର ହୋଇଥିଲା ଏବଂ ଚହିଁର ଚୁଲିମାନ ହୃତ ନିକଟବର୍ତ୍ତୀ ଘରମାନଙ୍କୁ ଅସ୍ଥିର କରିଥିଲା । କେବଳ ପବନର ବେଗ ନ ଥିବାରୁ ଚତୁଃପାର୍ଶ୍ୱର ଲୋକମାନେ ଆପଣା ଘର ରକ୍ଷା କରିବାକୁ ସମର୍ଥ ହେଲେ ଏବଂ ଏହି ଗୋଦାମ ଓ ତାହାକୁ ଲାଗିଥିବା ଆଉ ଗୋଟିଏ ଘର ଛଡ଼ା ଆଉ କିଛି ନଷ୍ଟ ହୋଇ ନାହିଁ । ଗୋଦାମ ସଙ୍ଗେ ଅନେକ ଦ୍ରବ୍ୟ ପୋଡି ଯାଇ ଅନେକ ଟଙ୍କା କ୍ଷତି ହୋଇଅଛି । ରାତ୍ରିଯାକ ଅଗ୍ନି ଜଳୁଥିଲା ଏବଂ ସକାଳେ ଦମକଳ ଆଣିଲେ ମାତ୍ର ତହିଁରେ କିଛି କାର୍ଯ୍ୟ ହେଲା ନାହିଁ । ଅନେକ ମନୁଷ୍ୟ ଘଡ ହାତରେ ପାଣି ବୋହି କୌଣସିମତେ ବେଳ ଦଶ ଘଣ୍ଟା ସମୟରେ ନିଆଁ ଲିଭାଇଲେ । ମିଉନିସିପାଲଟିରୁ ଦମକଳର ବ୍ୟବସ୍ଥା ହୋଇଥିଲେ ଏ ସମୟରେ ବଡ଼ କାର୍ଯ୍ୟ ହୋଇଥାନ୍ତା । ଭରସା କରୁଅଛି ଏହି ଘଟଣା ସେମାନଙ୍କୁ ଜାଗ୍ରତ କରିବ ।

---

ଯାଜପୁର ମିଉନିସିପାଲ କମିଶନର ଅପିଲ ମୋକଦ୍ଦମା ଏ ସପ୍ତାହରେ ନିଷ୍ପତ୍ତି ହେଲା ଏବଂ ଜଜ ସାହେବ ପ୍ରମାଣ ଅଭାବରୁ ଆସାମୀକୁ ଖଲାସ ଦେଲେ । କମିଶନର ଉପରେ ଆଦୌ କୌଣସି ଅପରାଧର ସନ୍ଦେହ ହେଉ ନାହିଁ । ଜଜ ସାହେବ ଏପରି କହି ନାହାନ୍ତି ମାତ୍ର ସେ ସ୍ପଷ୍ଟରୂପେ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଯେ ପ୍ରକାର ପ୍ରମାଣ ଉପରେ ନିର୍ଭର କରି ନିମ୍ନ ଅଦାଲତ ଏହାକୁ ଦଣ୍ଡ ଦେଇଥିଲେ ତାହା ନିତାନ୍ତ ଅକର୍ମଣ୍ୟ ଏବଂ ସେପରି ପ୍ରମାଣ ଉପରେ କାହାରିକୁ ଫଉଜଦାରୀକୁ ପଠାଇବା ଉଚିତ ନୁହଇ । ଏଥିରୁ ଦେଖାଯାଏ ଯେ ଯାଜପୁରର ମିଉନିସିପାଲ କମିଟୀ କମିଶନରକୁ ଫଉଜଦାରୀକୁ ନ ପଠାଇ କେବଳ ତାହାର ତହବିଲ ସନ୍ଦେହ କରି କର୍ମରୁ ବରଖାସ୍ତ କରିଥିଲେ ଏବଂ ତାହାଙ୍କର କାର୍ଯ୍ୟ ଯେ ଅଧିକନ୍ତୁ ସୁନ୍ଦର ହୋଇଥିଲା ଏ କଥା ବର୍ତ୍ତମାନ କହିବା ଅଧିକ । ଅନୁମାନଙ୍କ ମାଜିଷ୍ଟ୍ରେଟ କମିଟିର କାର୍ଯ୍ୟରେ ସନ୍ତୁଷ୍ଟ ନ ହୋଇ କମିଶନରକୁ ଫଉଜଦାରୀକୁ ପଠାଇଲେ ଏବଂ ଉଦ୍ଧାର ଯେମନ୍ତ ତାହାକୁ ଅନର୍ଥକ ହରବର କଲେ ସେମନ୍ତ ମିଉନିସିପାଲଟିର ଟଙ୍କା ସାତଶ ନଷ୍ଟ କଲେ । ସ୍ଥାନୀୟ କମିଟିଙ୍କ ଆତ୍ମଳ୍ୟ କରିବା ମାଜିଷ୍ଟ୍ରେଟଙ୍କର ଉଚିତ ହୋଇ ନାହିଁ ଏବଂ ତାହାଙ୍କ ଅବିବେଚନାରୁ ମିଉନିସିପାଲଟିର ଯାହା କ୍ଷତି ହେଲା ତାହା ତାହାଙ୍କଠାରୁ ଆଦାୟ କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ହେଉଅଛି । ଗବର୍ଣ୍ଣମେଣ୍ଟ ଏପରି କଥାମାନ ଶୁଣି ନ ଦେଲେ ମିଉନିସିପାଲଟିର ରକ୍ଷା ଅସମ୍ଭବ ।

---

ନିମ୍ନଲିଖିତ ବିବରଣରୁ ୟୁରୋପର ସଭ୍ୟ ଦେଶମାନଙ୍କରେ ପ୍ରାଣଦଣ୍ଡ ପ୍ରତି ଲୋକଙ୍କ କିପରି ଅଭିମତ ପ୍ରକାଶ ପାଉଛି ।

ବେଲଜିୟମରେ ବର୍ତ୍ତମାନ ରାଜା ସିଂହାସନାରୂଢ ହେଲା ଦିନରୁ ଫାଶୀ ହୋଇ ନାହିଁ; ପ୍ରାଣଦଣ୍ଡାଜ୍ଞା ଦଣ୍ଡବିଧି ଆଇନରେ ଲିଖିତ ଥିଲେହେଁ ଫାଶୀ ହୁକୁମରେ ରାଜାଙ୍କ ସ୍ୱାକ୍ଷର ପାଇବା ବଡ଼ ଦୁର୍ଘଟ । ଫ୍ରାନ୍ସରେ, ଜୁରମାନେ ଆସାମୀକୁ ପ୍ରାଣରୁ ବଞ୍ଚାଇବା ନିମନ୍ତେ ପ୍ରାଣଦଣ୍ଡାର୍ହ ନ ହେବାର କାରଣମାନ ସର୍ବଦା ଦେଖାନ୍ତି । ଜର୍ମାନୀରେ ପ୍ରାଣଦଣ୍ଡର ଆଜ୍ଞା କଦାଚିତ୍ ହୁଏ, [illegible] ଏରୂପ ଆଜ୍ଞା ପ୍ରଦତ୍ତ ହେଲେ [illegible] କାର୍ଯ୍ୟରେ ପରିଣତ ହୁଏ; ଗତ [illegible] ମଧ୍ୟରେ ପ୍ରୁସିଆରେ କେବଳ ହୋଡେଲ ଏକ ବ୍ୟକ୍ତିର ୧୮୭୮ ସାଲରେ ସମ୍ରାଟଙ୍କୁ [illegible] କରିବା ଅପରାଧରେ ଫାଶୀ ହୋଇଥିଲା । ଇଟାଲିରେ ଫାଶୀ ଅତି ଦୁର୍ଲଭ; ରୁଷିଆ, ଯାହାକୁ ସର୍ବଦାରେ ଇଉରୋପର ଅନ୍ୟାନ୍ୟ ଦେଶମାନଙ୍କର ପଶ୍ଚାଦ୍ବର୍ତ୍ତୀ ବୋଲି କଥିତ ହୁଏ, ପ୍ରାୟ ଏକଶତ ବର୍ଷ ହେବ ପ୍ରାଣଦଣ୍ଡାଜ୍ଞା ଉଠାଇ ଦେଇଅଛି; ସ୍ୱିଜର୍ଲାଣ୍ଡ ବାସୀମାନେ କହନ୍ତି ଯେ "ଆମ୍ଭେମାନେ ଅପରାଧର ଶାସ୍ତି ଦେବାରେ ଯେରୂପ ତାହାର ଅନୁକରଣ ନ କରୁଁ । ପ୍ରାଣଦଣ୍ଡର ଆଜ୍ଞା ଅନର୍ଥକ ନିଷ୍ଠୁରତା ଭିନ୍ନ ଆଉ କିଛି ନୁହେ ।" ସନ ୧୮୮୪ ମସିହାରେ ସ୍କଟଲଣ୍ଡରେ ପ୍ରାଣଦଣ୍ଡର ଆଜ୍ଞା ଉଠିଲା ହୁଏ । ଏ ସବୁ ଦେଶର ଦଣ୍ଡିତ ବ୍ୟକ୍ତିମାନଙ୍କର ସଂଖ୍ୟା ଇଂଲଣ୍ଡର ସହିତ ତୁଳନା କଲେ ଅନେକ ପରିମାଣରେ ଊଣା; ତଥାପି ଇଂଲଣ୍ଡର ଉପନିବେଶମାନଙ୍କରେ ପ୍ରତିବର୍ଷ ୧୫ ରୁ ୨୦ ଜଣ ବ୍ୟକ୍ତିର ପ୍ରାଣଦଣ୍ଡର ଆଜ୍ଞା ହେଉଅଛି !!

---

ଗତବର୍ଷ ଜଳକରର ଉମ୍ପା ଦେବା ନିମିତ୍ତ ଯେମନ୍ତ ସହସ୍ର ପ୍ରଜା କଲେକ୍ଟରଙ୍କ ଅତି ଦରଖାସ୍ତ ଦେଇଥିଲେ ବର୍ତ୍ତମାନ ଅନ୍ୟାୟ କର ଅଧିକ କମିବାରେ ସେହିପରି ଦରଖାସ୍ତ ଦେଇଅଛନ୍ତି । କଲେକ୍ଟର ସାହେବ ଏ ସମସ୍ତ ଦରଖାସ୍ତ ଦେଖି ବିବେଚନା କରିବେ ତାହା ଆମ୍ଭେମାନେ କହି ନ ପାରୁଁ [illegible] ଏଥିରେ ଯେତେ କେନାଲ କର୍ମଚାରୀଙ୍କ ବନ୍ଦୋବସ୍ତ ଭୂମିରେ ଦରଖାସ୍ତ ଦେବା ଅଥାଥାଇଣ ଅଛନ୍ତି । ସମସ୍ତେ ଯେ ସ୍ୱେଚ୍ଛାରେ ନେଇ ସେହି ଅଭାବ କରିଥିଲେ ଏପରି ବିଶ୍ୱାସ କରିବା କଠିନ । ଜଳକରର ଅଭ୍ୟାଗତ ପ୍ରଜାମାନଙ୍କୁ ବାଧ୍ୟ ହେଉ ସେମାନେ ଲିଖିତ ହୋଇ ଲେଖା ଦେଇଥିଲେ । ଏଥିରୁ ଯେବେ ଏବର୍ଷ ଉକ୍ତ ବେବଗା ପ୍ରଜାଙ୍କ ଲିଖାନୁସାରେ ପାଣି ନେଇ ଥାନ୍ତେ ତେବେ କୌଣସି କଥା ନ ଥିଲା । ତମ୍ଭୁ [illegible] ବର୍ଷାର ଅଭାବ ଫସଲକୁ ନାଶ ଥିଲା ଏବଂ ତହିଁ ପ୍ରଜାମାନେ ଜଳ ସହାୟେ ବାହୁଲ ପ୍ରାପ୍ତ ହେଲେ । କେହି ପଡ଼ାର ନାଲି ବନ୍ଦ କରି ସେହି ରକ୍ଷା କରିବାକୁ ଚେଷ୍ଟା

Digitized by srujanika@gmail.com

କଲେଜରୁ ଉତ୍ତୀର୍ଣ୍ଣରେ କୃତକାର୍ଯ୍ୟ ହେବାର ଦେଖଣ ଆଉ ବରଂ ଫୌଜଦାରୀ ସୁପର୍ଦ୍ଦ ହେଲେ । କେହି? ଜଲ ପ୍ରାର୍ଥନା କରି ସୁଦ୍ଧା ଯଥା ସମୟରେ ପାଇଲେ ନାହିଁ । ଏତେବେଳେ ବେଆଇନ ଜଲ ନେବା ଅପରାଧରେ ଅର୍ଥଦଣ୍ଡ ସହିତ ଜରିମାନା ବସ୍ତୁ ସମସ୍ତଙ୍କଠାରେ ଲଗିଲା । ଏ ଅବସ୍ଥାରେ ପ୍ରଜାଙ୍କର ରକ୍ଷା କେଉଁଠାରେ? ସରକାର ଯେବେ ପ୍ରଜାଙ୍କୁ ଏପରି କଣ୍ଡଦଣ୍ଡ କରନ୍ତେ ତେବେ ତାହାଙ୍କର ରକ୍ଷାକର୍ତ୍ତା କିଏ? ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଯେ ଗୋଟିଏ କମିସନ ନିଯୁକ୍ତ କରି ଜଲକର ଅତ୍ୟାଚାରର କଥା ଉତ୍ତମରୂପେ ଅନୁସନ୍ଧାନ କରିବାର ଆଜ୍ଞା ଦେଉନ୍ତୁ ନୋହିଲେ ପ୍ରଜାମାନଙ୍କର ଦୁଃଖର ସୀମା ରହିବ ନାହିଁ ।

---

## ବିଶ୍ୱବିଦ୍ୟାଳୟର ଭ୍ରମ ସଂଶୋଧନ ।

ଗତ ଫାଷ୍ଟ ଆର୍ଟସ୍ ଏବଂ ବି, ଏ, ପରୀକ୍ଷାରେ ଯେଉଁମାନେ ହାରି ଯାଇଅଛନ୍ତି ସେମାନଙ୍କଠାରୁ ଆଗାମୀ ମଇ ମାସ ତା ୧୨ ରିଖ ଓ ତହିଁ ପରୁ ଦିନମାନଙ୍କରେ ପୁନର୍ବାର ପରୀକ୍ଷା ନିଆଯିବ । କଲିକତା ବିଶ୍ୱବିଦ୍ୟାଳୟ ଏପରି ସ୍ଥିର କରିଅଛନ୍ତି । ଏହା ବଡ଼ ସୁଖର ବିଷୟ ଅଟଇ । ଏହି ପରୀକ୍ଷାର ପୁସ୍ତକମାନ ଏ ବର୍ଷକୁ ବଦଳି ଯାଇଅଛି ଏବଂ ତାହା ପଢ଼ିବାକୁ ଦୀର୍ଘକାଳ ଲୋଡ଼ା ସୁତରାଂ ଯେଉଁମାନେ ଗତ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ସେମାନଙ୍କର ଆଗାମୀ ନୂତନ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଆଶା ନାହିଁ । ଏଣୁକରି ସେମାନଙ୍କଠାରୁ ଆଗାମୀ ମଇ ମାସରେ ତାହାଙ୍କ ପଢ଼ା ପୁସ୍ତକ ସମ୍ବନ୍ଧରେ ପରୀକ୍ଷା ନେବାର ନିୟମ କରି ବିଶ୍ୱବିଦ୍ୟାଳୟ ବଡ଼ ସୁବିବେଚନାର କାର୍ଯ୍ୟ କରିଅଛନ୍ତି ।

ଅମ୍ଭମାନଙ୍କ ବିବେଚନାରେ ପ୍ରବେଶିକା ପରୀକ୍ଷାରେ ଯେଉଁମାନେ ହାରି ଯାଇଅଛନ୍ତି ତାହାଙ୍କୁ ମଧ୍ୟ ଏହିପରି ସୁବିଧା ଦେବାର ଉଚିତ ଉପରଲିଖିତ ହେତୁ ସେମାନଙ୍କ ପକ୍ଷରେ ଖଟଇ ନାହିଁ ସତ୍ୟ ମାତ୍ର ସାଧାରଣ ବିଶ୍ୱାସ ଏହି ଯେ ଏଥର ପରୀକ୍ଷା ଗ୍ରହଣ ବିଷୟରେ ଅନେକ ପ୍ରକାର ବିଶୃଙ୍ଖଳା ଘଟିଅଛି ଏବଂ ସେ ସମସ୍ତକୁ ଲକ୍ଷ୍ୟ କରି କଲିକତାର ସମ୍ବାଦପତ୍ରମାନେ ତହିଁର ତଦନ୍ତ ନିମିତ୍ତ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଦୃଢ଼ରୂପେ ଅନୁରୋଧ କରୁଅଛନ୍ତି । ସେରୂପ ଅନୁସନ୍ଧାନ ହେବା ନିତାନ୍ତ ଆବଶ୍ୟକ ଏବଂ ଅନୁସନ୍ଧାନ ହେଲେ ତାହା କଦାଚ ବ୍ୟର୍ଥ ହେବ ନାହିଁ । ବସ୍ତୁତଃରେ କୌଣସି ବିଶୃଙ୍ଖଳା ଘଟି ନ ଥିଲେ ଯେଉଁ ଛାତ୍ରମାନେ ଶିକ୍ଷକ ଏବଂ ଅନ୍ୟାନ୍ୟ ଜାଣିବା ଲୋକଙ୍କ ବିବେଚନାରେ ଭଲ ଶିକ୍ଷା କରିଥିଲେ ଏବଂ ଉତ୍ତୀର୍ଣ୍ଣ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିଲା ସେମାନେ କାହିଁକି ଅକୃତକାର୍ଯ୍ୟ ହେଲେ ? ସେମାନଙ୍କର ଉତ୍ତରରେ ଯେ ନିତାନ୍ତ ଭ୍ରମ ତ୍ରୁଟି ଥିବ ଏହାଠାରୁ ପରୀକ୍ଷକବିଶେଷଙ୍କ ଛଇଛରପଣିଆ ବା ଅମନୋଯୋଗିତା ଅନୁମାନ କରିବା ଅଧିକ ସଙ୍ଗତ ଅଟଇ । ପୁଣି କଥିତ ହୁଅଇ ଯେ ସମୂହରେ ଅନେକ ଗଣ ହାରି ଯାଇଅଛନ୍ତି ଏବଂ ଏହି ଭାଷାର ପ୍ରଶ୍ନ କାଗଜରେ ୨୦।୨୫ ଭୁଲ ଥିଲା । ଅତଏବ ଏ ସମସ୍ତ ବିଷୟର ଅନୁସନ୍ଧାନ କରିବା ଯେମନ୍ତ ଆବଶ୍ୟକ ହାରି ଯାଇଥିବା ଛାତ୍ରମାନଙ୍କୁ ଆଉ ଥରେ ସୁଯୋଗ ଦେବା ତଦ୍ରୂପ ଅଟଇ ।

---

## ବାଙ୍କି ପୁଲିସ ମୋକଦମାର ପରିଣାମ ।

ବାଙ୍କିର ସବ୍ଇନ୍ସପେକ୍ଟର ରମାକାନ୍ତ ବାବୁଙ୍କ ନାମରେ ଯେଉଁ ମୋକଦ୍ଦମା ହୋଇଥିଲା ଏବଂ ତହିଁରୁ ସେ ଯେରୂପ ନିସ୍ତାର ପାଇଲେ ତହିଁର ବିବରଣ ଅମ୍ଭେମାନେ ଗତ ସେପ୍ଟେମ୍ବର ମାସ ତା ୨୬ ରିଖର ପତ୍ରିକାରେ ଲେଖିଥିଲୁଁ ଏବଂ ସେ ମୋକଦମାର ବିଚାର ଶେଷ ହୋଇ ନ ଥିବାରୁ ଅମ୍ଭେମାନେ ସେ ସମ୍ବନ୍ଧରେ ମନ୍ତବ୍ୟ ପ୍ରକାଶ କରିଥିଲୁଁ । ସେ ମୋକଦମାର ଫରିୟାଦିମାନେ ମାଜିଷ୍ଟ୍ରେଟଙ୍କ ହୁକୁମ ବିରୁଦ୍ଧରେ ଜଜ ସାହେବଙ୍କଠାରେ ମୋସନ କରି ପୁନର୍ବିଚାରର ପ୍ରାର୍ଥନା କରିଥିଲେ । ଏଥି ମଧ୍ୟରେ ସେହି ମୋକଦମାର ଘଟଣା ସମ୍ପର୍କରେ ଆଉ ଦୁଇ ନମ୍ବର ମୋକଦମା ଫଉଜଦାରୀରେ ଦାଏର ହେଲା ଅର୍ଥାତ୍ ଯେଉଁ କନଷ୍ଟେବଲର ଶୁହାଇରେ ଫରିୟାଦିମାନେ ଆଜାଲୁ ଧରା ହୋଇ ଅସିଥିଲେ ସେହି କନଷ୍ଟେବଲ ଫରିୟାଦିଙ୍କ ନାମରେ ନାଲିଶ କଲା ଯେ ସେମାନେ ସରକାରୀ କର୍ମରେ ତାହାକୁ ବାଧା ଦେଇଥିଲେ ଏବଂ ଯେଉଁ କନଷ୍ଟେବଲମାନେ ଫରିୟାଦିଙ୍କୁ ଥାନା ଗାରଦରେ ମାଡ଼ ମାରିଥିଲେ ଫରିୟାଦିମାନେ ସେହି କନଷ୍ଟେବଲଙ୍କ ନାମରେ ମାଡ଼ପିଟର ନାଲିଶ କଲେ ଏହି ଦୁଇ ମୋକଦମା ପ୍ରମାଣ ହୋଇ ଏକ ମୋକଦମାରେ ଫରିୟାଦିମାନଙ୍କୁ ଟ୧୫୯ଙ୍କା ଲେଖାଏ ଅର୍ଥଦଣ୍ଡ ହେଲା ଏବଂ ଅନ୍ୟ ମୋକଦମାରେ କନଷ୍ଟେବଲମାନଙ୍କ ମଧ୍ୟରୁ ଜଣେ ଏକ ସପ୍ତାହ କାରାବାସ ଓ ଅନ୍ୟ ଦୁଇଜଣ ଟ୧୦୧ ଙ୍କା ଲେଖାଏ ଅର୍ଥଦଣ୍ଡ ଲଭିଲେ । ଫରିୟାଦିମାନେ କିପରି ଦଣ୍ଡନୀୟ ହେଲେ ମୋକଦମାର ନଥି ଦେଖି ନ ଥିବାରୁ ଅମ୍ଭେମାନେ ନିଶ୍ଚୟ କହି ନ ପାରୁଁ ମାତ୍ର ବିଚାରପ୍ରଣାଳୀ ଅନୁସାରେ ଯାହା ହେଉ ନ୍ୟାୟ ବୁଝିବାକୁ ଗଲେ ଫରିୟାଦିଙ୍କୁ ଦଣ୍ଡ ଦେବା ଉଚିତ ହୋଇ ନାହିଁ କାରଣ ମୋକଦମାର ମୂଳାଧାର କନଷ୍ଟେବଲମାନେ ଥିବାରୁ ସମସ୍ତ ଅବସ୍ଥାରୁ ଅନୁମାନ ହେଉଥିବାସ୍ଥଳେ ଫରିୟାଦିମାନେ ପ୍ରଥମେ ପୁଲିସର କୋପଦୃଷ୍ଟିରେ ପଡ଼ି ଯଦ୍ୟପି କୃତ ଅଛନ୍ତି ତେବେ ତାହାଙ୍କୁ ନାମମାତ୍ର ଦଣ୍ଡ ଦେବାର ଥିଲା ମାତ୍ର ଟ୧୫୯ଙ୍କା ଅର୍ଥଦଣ୍ଡ ନିତାନ୍ତ ନାମମାତ୍ର ନୁହେଁ ଓ ତହିଁରେ ପୁଲିସର ମୁହଁ ବଢ଼ିବାର ସମ୍ଭାବନା ।

ଏଣେ ଏହି ଦୁଇ ମୋକଦମା ହୋଇଗଲା ତେଣେ ଜଜ ସାହେବ ପ୍ରଥମ ମୋକଦମାରେ ନଥିରୁ ସୃଷ୍ଟ ହୋଇଥିବା ସାବ୍ୟସ୍ତ କରି ପୁନର୍ବିଚାର ନିମିତ୍ତ ଫଉଜଦାରୀକୁ ପଠାଇଲେ ଏବଂ ଯହୁଁ ସେ ମୋକଦମାର ପୁନର୍ବିଚାର ଶୁଣିବାର ହେଲା ତହୁଁ ଫରିୟାଦିମାନେ ଆସି ରାଜିନାମା ଦାଖଲ କରିଗଲେ ସୁତରାଂ ସମସ୍ତ ଗୋଳଯୋଗ ଭାଙ୍ଗିଗଲା । ଏବେ ଦଣ୍ଡ ଭୟରୁ ଫରିୟାଦିମାନେ ମୋକଦମା ପରିତ୍ୟାଗ କରିବାକୁ ସମ୍ମତ ହେବାରେ ତାହାର ଦୋଷ ସାବ୍ୟସ୍ତ ହେଉଅଛି ପାଠକମାନେ ଅନୁମାନ କରନ୍ତୁ । ମୋକଦମା ରାଜିନାମା ହେଲା ସୁତରାଂ ଅମ୍ଭମାନଙ୍କର ଆପତ୍ତି ନାହିଁ ମାତ୍ର ଯେ ସ୍ଥଳେ ଜଣେ ପୁଲିସକର୍ମଚାରୀ ଆସାମୀ ଓ ଯେ ମୋକଦମାରେ ଏତେ ଧୁମଧାମ ହୋଇଥିଲା ସେଥିରେ ପୁଲିସକର୍ମଚାରୀର ଦୋଷ ଅଛି କି ନାହିଁ ଏ କଥାର ବିଭାଗୀୟ ବିଚାର ମାଜିଷ୍ଟ୍ରେଟ ସାହେବଙ୍କୁ କରିବାର ଉଚିତ । କାରଣ ଅମ୍ଭେମାନେ ପୁନଃପୁନଃ କହୁଅଛୁଁ ଯେ ମୋଫସଲରେ ପୁଲିସର କ୍ଷମତା ଅସୀମ ଓ ସରକାରୀ ହାକିମମାନେ ତହିଁର ସୂକ୍ଷ୍ମ ଅନୁସନ୍ଧାନ ନ କଲେ ପ୍ରଜାମାନଙ୍କର ମାନ ମହତ୍ତ୍ୱ ରହିବା କଠିଣ ଅଟଇ ।

---

Split by PDF Splitter

Digitized by srujanika@gmail.com

Split by PDF Splitter



## ଓଡ଼ିଶା ରେଲବାଟ ।

ଏହି ରେଲବାଟ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟିକୁ ସମ୍ଯକରୂପେ ଆକର୍ଷଣ କରିବାର ଦେଖି ଆମ୍ଭେମାନେ ଉତ୍ସାହିତ ହୋଇ ମନେ କରୁଅଛୁଁ ଯେ ଭାଗ୍ୟସ୍ରୋତ ଏତେଦିନେ ଓଡ଼ିଶାର ଅନୁକୂଳରେ ପ୍ରଧାବିତ ହେବାକୁ ଆରମ୍ଭ ହୋଇଅଛି । ଏକା ନାଲ କାର୍ଯ୍ୟର ବିସ୍ତାର ଦେଖି ଭୟ ହେଉଥିଲା ଯେ ଗବର୍ଣ୍ଣମେଣ୍ଟ ଏହି ଭ୍ରମରେ ପଡି ଓଡ଼ିଶାବାସିଙ୍କୁ ଗମନାଗମନର ଉତ୍କୃଷ୍ଟ ସୁଖରୁ ବଞ୍ଚିତ କରିବେ । କିନ୍ତୁ ଏବେ ଦେଖିଲେ ଯେମନ୍ତ ଏକଦଗରେ ନାଲ କାର୍ଯ୍ୟ ବିସ୍ତାରର ଅବ୍ୟାଘାତ ନାହିଁ ତେମନ୍ତ ଅନ୍ୟ ଦଗରେ ରେଲବାଟର ପ୍ରସ୍ତାବମାନ ଯଥାବହିତରୂପେ ବିବେଚନା ହେଉଅଛି । ଏହି ମାସ ମଧ୍ୟରେ ଉଭୟ ଇଣ୍ଡିଆ ଓ ବଙ୍ଗଳା ଗବର୍ଣ୍ଣମେଣ୍ଟ ଓଡ଼ିଶା ରେଲ ବିଷୟରେ ଆପଣା ମତ ଯେପରି ବ୍ୟକ୍ତ କରିଅଛନ୍ତି ତହିଁରୁ ବିସ୍ତର ଆଶାର ସଞ୍ଚାର ହେଉଅଛି ଯେ ଓଡ଼ିଶାରେ ରେଲବାଟ ଅବିଳମ୍ବେ ହେବ । ଅନ୍ତତଃ ଗବର୍ଣ୍ଣମେଣ୍ଟ ଆଉ ପୂର୍ବପରି ନାଲର ଦୋହାଇ ଦେଇ ରେଲବାଟ କଥାକୁ ଘଣ୍ଟି ଦେଉ ନାହାନ୍ତି ।

ନାଗପୁର ବାଟେ ବମ୍ବେ ସଙ୍ଗେ କଲିକତାକୁ ଯୋଗ କରିବା କାରଣ ଯେଉଁ ରେଲବାଟର ପ୍ରସ୍ତାବ ହୋଇଅଛି ତହିଁ ସମ୍ପର୍କରେ ଆମ୍ଭମାନଙ୍କର ଛୋଟ ଲାଟ ସାହେବ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଅଛନ୍ତି ଯେ ଏହି ବାଟର ଜରିପ ଇଷ୍ଟିମେଟ ନକ୍ସା ଇତ୍ୟାଦି ସମସ୍ତ ପ୍ରସ୍ତୁତ ହୋଇଅଛି ଏବଂ ବ୍ୟବସାୟୀ ଲୋକମାନେ ତାହାରୁ ଟଙ୍କା ଦେଇ ଏହି ବାଟ ନିର୍ମାଣ କରିବା କାରଣ ପ୍ରସ୍ତୁତ ଅଛନ୍ତି ତଥାପି କାହିଁକି ଯେ ଏକାର୍ଯ୍ୟରେ ବିଳମ୍ବ ହେଉଅଛି ବୁଝି ହେଉ ନାହିଁ । ସେ ପରାମର୍ଶ ଦେଇଅଛନ୍ତି ଯେ ଏ କାର୍ଯ୍ୟରେ କିଛି ମାତ୍ର ବିଳମ୍ବ କରିବା ଉଚିତ ନୁହଇ ଏବଂ ଏହି ରେଲବାଟଦ୍ୱାରା କିପରି ଉପକାର ହେବ ତହିଁର ବର୍ଣ୍ଣନାରେ ଲେଖିଅଛନ୍ତି ଯେ ଏହି ବର୍ଷ ବଙ୍ଗଳାର କେତେ ସ୍ଥଳରେ ଫସଲ ନୋକସାନ ହେବାରୁ ଖାଦ୍ୟଦ୍ରବ୍ୟ ଦୁର୍ମୂଲ୍ୟ ହୋଇଅଛି ଅଥଚ ମଧ୍ୟପ୍ରଦେଶରେ ଖାଦ୍ୟଦ୍ରବ୍ୟ ଶସ୍ତା ଥିଲେହେଁ ବାଟ ନ ଥିବାରୁ ଏଠାକୁ ଆସି ପାରୁ ନାହିଁ । ଏହି ରେଲବାଟ ଫିଟି ଥିଲେ ଏ ସମୟରେ ବଙ୍ଗଳାର ବିଶେଷ ଉପକାର ହୋଇଥାନ୍ତା । ଏଥି ସଙ୍ଗେ ଲେଫ୍ଟନାଣ୍ଟ ଗବର୍ଣ୍ଣର ଏ କଥା ମଧ୍ୟ କହିଅଛନ୍ତି ଯେ ବର୍ତ୍ତମାନ ଓଡ଼ିଶା କେବଳ ଏକପାର୍ଶ୍ୱିଅ ହୋଇ ପଡିଅଛି ବାହାର ସଙ୍ଗରେ ଏହାର ଯୋଗ ନ ଥିବାରୁ ଦୁର୍ଭିକ୍ଷ ବା ଅନ୍ନକଷ୍ଟ ସମୟରେ ଏହାର ଦୁର୍ଦ୍ଦଶାର ସୀମା ରହିବ ନାହିଁ । ଏପରି ଅବସ୍ଥାର ଏକମାତ୍ର ପ୍ରତିକାର ଏହି ରେଲବାଟ ଅଟଇ । ଏ ରେଲ ଶୀଘ୍ର ଫିଟିଲେ ଓଡ଼ିଶାକୁ ଏଥିର ଏକ ଶାଖା ବାହାର ଯିବ ସୁତରାଂ ସମସ୍ତ ପ୍ରଦେଶ ସହିତ ଏହାର ଯୋଗ ହେବ । ଅତଏବ ପାଠକମାନେ ଦେଖିବେ ଯେ ଓଡ଼ିଶାକୁ ବିଶେଷ ଲକ୍ଷ୍ୟ କରି ଛୋଟ ଲାଟ ସାହେବ ଏହି ରେଲବାଟ ଫିଟାଇବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେଇଅଛନ୍ତି ଏବଂ ଏହା ବଡ଼ ଭାଗ୍ୟର ବିଷୟ ଅଟଇ ।

ଏଣେ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବନାରସ କଟକ ରେଲବାଟ ସମ୍ପର୍କୀୟ ଜରିପର ଫଳାଫଳ ଇଣ୍ଡିଆ ଗେଜେଟରେ ପ୍ରକାଶ କରିଅଛନ୍ତି । ଏହି ଫଳ ଫଳ ଗତ ବର୍ଷର ଜରିପ ସମ୍ପର୍କରେ ଅଟଇ ତାହା ମନୋଜ୍ଞ ହେବାରୁ ଏ ବର୍ଷ ବାହୁଲ୍ୟରୂପେ ଜରିପ କାର୍ଯ୍ୟ ହେଉଅଛି ଏବଂ ଏଥିରୁ ସ୍ପଷ୍ଟ ଅନୁଭବ ହେଉଅଛି ଯେ ଆମ୍ଭମାନଙ୍କର ଆଶା ବିଫଳ ହେବ ନାହିଁ । ଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟରୁ ଜଣାଯାଏ ଯେ ପ୍ରଥମେ ଡାଲ୍ଟନଗଞ୍ଜରି ପଥର କୋଇଲା ଖଣିର କାରବାର ସକାଶେ ଉକ୍ତ ସ୍ଥାନରୁ ମୁଗଲସରାଇକୁ ଗୋଟିଏ ରେଲବାଟ ହେବାର ପ୍ରସ୍ତାବ ହୋଇଥିଲା । ପରେ ବିବେଚନା ହେଲା ଯେ ଏହି ବାଟକୁ ନାଗପୁର ସୀତାରାମପୁର ରେଲବାଟ ସାହାଯ୍ୟରେ କଟକ ଓ ପୁରୀ ପର୍ଯ୍ୟନ୍ତ ବଢ଼ାଇଦେଲେ ଯାତ୍ରିଙ୍କର ବଡ଼ ସୁବିଧା ହେବ ଓ ଭାରତବର୍ଷର ରେଲବାଟ ବୃଦ୍ଧି କରିବାର ସାଧାରଣ ପ୍ରସ୍ତାବ ଅନେକ ପରିମାଣରେ ଅଗ୍ରସର ହେବ । ଏହି ବିବେଚନାରେ ସମସ୍ତ ବାଟ ଜରିପ କରିବାର ଆଦେଶ ହେଲା ଏବଂ ତଦନୁସାରେ ଯେଉଁ କାର୍ଯ୍ୟ ହୋଇଅଛି ତହିଁରୁ ଦେଖାଯାଏ ଯେ ବନାରସଠାରୁ କଟକ ଓ ପୁରୀ ପର୍ଯ୍ୟନ୍ତ ଅନାୟାସରେ ରେଲବାଟ ହୋଇ ପାରେ । ବନାରସରୁ ମୁଗଲସରାଇ ପର୍ଯ୍ୟନ୍ତ ରେଲବାଟ ଅଛି । ସେଠାରୁ ପୁରୀ ପର୍ଯ୍ୟନ୍ତ ଯେଉଁ ବାଟ ହେବ ତାହା ଚାରିଖଣ୍ଡରେ ବିଭକ୍ତ ହେବ । ଯଥା ପ୍ରଥମ ଖଣ୍ଡ ମୁଗଲସରାଇଠାରୁ ଗଡ଼ବା ପର୍ଯ୍ୟନ୍ତ ଏହାର ଦୈର୍ଘ୍ୟ ୧୩୦ ମାଇଲ ଏବଂ ୧୩୦ ଲକ୍ଷ ଟଙ୍କାରେ ନିର୍ମାଣ ହୋଇ ପାରିବ । ଦ୍ୱିତୀୟ ଖଣ୍ଡ ଗଡ଼ବାଠାରୁ ଗୁମଲ ପର୍ଯ୍ୟନ୍ତ । ଏହି ବାଟ ସମସ୍ତ ଛୋଟନାଗପୁର ପ୍ରଦେଶକୁ ଭେଦ କରି ଗୁମ୍ଳା ନୋଡ଼ାରେ ସୀତାରାମପୁର ନାଗପୁର ରେଲବାଟ ସହିତ ମିଶିବ । ଏହାର ଦୈର୍ଘ୍ୟ ୧୯୫ ମାଇଲ ଏବଂ ଆନୁମାନିକ ବ୍ୟୟ ୨୦୮ ଲକ୍ଷ ଟଙ୍କା ଅଟଇ । ୩ୟ ଖଣ୍ଡ ସୀତାରାମପୁର ନାଗପୁର ରେଲବାଟକୁ ଗୁମିଲାଠାରୁ ମା ୨୫ ପଲ ଅନ୍ତର କୁଟେନଠାରେ ଛାଡି ସେଠାରୁ ମହାନଦୀର ଉତ୍ତରକୂଳ ପର୍ଯ୍ୟନ୍ତ ଅଟଇ । ଏହାର ଦୈର୍ଘ୍ୟ ୧୮୨ ମାଇଲ ଏବଂ ବ୍ୟୟ ଅନାଉ ୨୨୦୫ ଲକ୍ଷ ଟଙ୍କା ହେବ । ଏଠାରୁ ଯେଉଁ ଜଳ ଜାହାଜଦ୍ୱାରା କଟକ ନଗରକୁ ଯିବା ଆସିବା ହୋଇ ପାରିବ । ୪ର୍ଥ ଖଣ୍ଡ କଟକଠାରୁ ଖୋରଧାବାଟେ ପୁରୀ ପର୍ଯ୍ୟନ୍ତ । ସୁନାମ ଇଞ୍ଜିନିୟରଙ୍କଦ୍ୱାରା ଏଥିର ଜରିପ ହୋଇ ଦେଖା ଯାଇଅଛି ଯେ ଏହାର ଦୈର୍ଘ୍ୟ ୬୦ ମାଇଲ ଏବଂ ଆନୁମାନିକ ବ୍ୟୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ ଅତଏବ ସମୁଦାୟ ବାଟର ଦୈର୍ଘ୍ୟ ୫୬୭ ମାଇଲ ଏବଂ ବ୍ୟୟ ୬୧୫ ଲକ୍ଷ ଟଙ୍କା ହେବାର ସମ୍ଭାବନା । ଏହି ବାଟରୁ ଗୟାକୁ ଗୋଟିଏ ଶାଖା ବାହାରିବାର ପ୍ରସ୍ତାବ ହୋଇଅଛି ଯେ ଏଥିର ଦୈର୍ଘ୍ୟ ୮୬ ମାଇଲ ଏବଂ ବ୍ୟୟ ପ୍ରାୟ ୬୭ ଲକ୍ଷ ଟଙ୍କା ହେବ । ଅତଏବ ଦେଖାଯାଏ ଯେ ଏହି ରେଲବାଟ ହେଲେ ଭାରତବର୍ଷର ତିନି ପ୍ରଧାନ କ୍ଷେତ୍ର ଯଥା ପୁରୀ ଗୟା ଓ କାଶୀ ଏକକାଳରେ ଯୋଗ ହେବ । ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କର ଅଭିପ୍ରାୟ ଏହି ଯେ ପର୍ବତମୟ ସ୍ଥାନ ମଧ୍ୟରେ ପୂର୍ଣ୍ଣ ମାପର ରେଲବାଟ ଯେତେ ବ୍ୟୟରେ ହେବାର ଅନୁମିତ ହୋଇଅଛି ତାହା ଅଧିକ ନୁହଇ ଏବଂ ଏଥିରୁ ଯେପରି ଆୟ ହେବାର ଅନୁମାନ କରାଯାଏ ତାହା ଅତ୍ୟନ୍ତ ଉତ୍ସାହଜନକ ଅଟଇ । ଆମ୍ଭେମାନେ ଅବଗତ ହେଲୁଁ ଯେ ଏହି ବାଟରେ ମାଇଲପ୍ରତି ସପ୍ତାହକ ଆୟ ଟ ୨୧୮୯ କା ହେଲେ ସୁଧ ଓ ଖର୍ଚ୍ଚ ଚଳାଇ ହେବ ଏଥିରୁ ଏକା ଯାତ୍ରୀଙ୍କଠାରୁ ଟ ୭୩ ଙ୍କା ଆୟ ହେବାର ଅନୁମିତ ହୋଇଅଛି । କାରଣ ହେ-ସାବଦ୍ୱାରା ଜଣାଯାଇଅଛି ଯେ ୪,୫୦,୦୦୦ ଯାତ୍ରୀ ପୁରୀକୁ ଯାତାୟାତ କରନ୍ତି ଏବଂ ଏଥିର ତୃତୀୟାଂଶ ରେଲବାଟରେ ଗମନାଗମନ କଲେ ଉକ୍ତ ଟ ୭୫ କା ହେବ । ଆମ୍ଭେମାନେ ଅନୁମାନ କରୁଁ ଯେ ଏହା ମାଲଦ୍ୱାରା ସପ୍ତାହରେ ମାଇଲ ପ୍ରତି ତହିଁର ଦ୍ୱିଗୁଣ ଆୟ ହୋଇ ପାରେ ବର୍ତ୍ତମାନ ପୁରୀକୁ ଆସିବାର କୌଣସି ଉପଯୁକ୍ତ

Digitized by srujanika@gmail.com

ସୁବିଧା ନ ଥିବା ପ୍ରତ୍ୟକ୍ଷ ଯେ ସ୍ଥଳେ ଏତେ ଯାତ୍ରୀ ଅଛନ୍ତି ରେଲୱାଇରେ ଯେ ଅଧିକ ଉତ୍ପନ୍ନ ଆସିବେ ଏଥିରେ ସନ୍ଦେହ ନାହିଁ । ଏପରି ଏହି ରେଲୱାଇ ଓଡ଼ିଶାର କେତେକ ଗଡ଼ଜାତକୁ ଛୁଇଁ କରି ଯିବ ଅପାତତଃ ସେଥି ବାଟରେ ଆସିବାର କଥା ଅଛି କେନ୍ଦୁଝର ସୁନ୍ଦର ଢେଙ୍କାନାଳ ଅଠଗଡ଼ ଖୋର୍ଦ୍ଧା ପ୍ରଭୃତି ଏଥିର ସାକ୍ଷାତ ଫଳଭୋଗ କରିବେ ଏବଂ ଅନ୍ୟାନ୍ୟ ଗଡ଼ଜାତକୁ ନିକଟ ହେବ । ଯାଜପୁରକୁ ମଧ୍ୟ ଏଥିର ଶାଖା ଯାଇ ପାରେ । ଅମ୍ଭମାନଙ୍କର ଏତେବ ଆଶା କି ଗଭର୍ଣ୍ଣମେଣ୍ଟ ଯେମନ୍ତ ଇଷ୍ଟ କୋଷ୍ଟ ଏହି ରେଲୱାଇର ପ୍ରସ୍ତାବ କରିଅଛନ୍ତି ଏହାର କାର୍ଯ୍ୟ ଆରମ୍ଭ ପକ୍ଷରେ ସେହିପରି ଉତ୍ସାହିତ ହୋଇ ଅମ୍ଭମାନଙ୍କର ଦୁର୍ଦ୍ଦଶା ମୋଚନ କରନ୍ତୁ ।

## ସାପ୍ତାହିକ ସଂବାଦ ।

ଶୁଣାଯାଏ ଯେ ବାବୁ ଜଗନ୍ମୋହନ ରାୟ ସାଧାରଣ କେମ୍ପଟି କଲେଜର କାର୍ଯ୍ୟକୁ ଫେରି ଆସିବେ ଏବଂ ବାବୁ ଭଗବତୀ ଚରଣ ବାନାର୍ଜୀ ଅସ୍ଥାୟୀ ଡମିଷ୍ଟ୍ରେଟର ଅଫିସରେ କାର୍ଯ୍ୟ କରିବେ ।

ବାବୁ ଶ୍ୟାମସୁନ୍ଦର ଭକ୍ତ ଚନ୍ଦ୍ରଶେଖରଙ୍କୁ ମାଡ଼ପିଟ କରିବା ଅପରାଧରେ ଯେଉଁ ପଲ୍ଟନିଆମାନେ ଦଣ୍ଡ ପାଇଥିଲେ ସେମାନଙ୍କ ଅପିଲ ମୋକଦ୍ଦମା ଜଜ ଡିସମିସ କରି ଦେଇଛନ୍ତି ସେମାନଙ୍କ ଅପିଲ ମୋକଦ୍ଦମା ଜଜ ଫଇସଲା କରିବାର ଜଣ୍ଟରି ନେଇ ପାଇଲେ ନାହିଁ । ତେଣୁ ଅପରାଧୀମାନେ ଦଣ୍ଡ ଫଳ ପାଇଲେ ନାହିଁ ହେଲା । ଅପରାଧୀମାନଙ୍କ ଉପରୁ ସମ୍ପୂର୍ଣ୍ଣରୂପେ ବାହାର ହେବ । ଏଥିନ୍ତେ ଶ୍ୟାମବାବୁଙ୍କର ଜିତ ହୋଇବାରୁ ହେବ ।

ସାଲେପୁରରେ ପ୍ରାୟ ସମସ୍ତ ଅଷ୍ଟମାନେ ବିଶେଷରୂପେ କହୁଅଛନ୍ତି ଏବଂ ଏଥି ମଧ୍ୟରେ ଏକ ଅଦ୍ଭୁତ ପ୍ରକାର ବୃଷ୍ଟି ହେଉଅଛି ଏବଂ ଏଥି ମଧ୍ୟରେ ଶ୍ରେଣୀରୁ ବୋଧ ହେଉଅଛି । ମୋଟ ବାବୁ ସମ୍ପ ପକ୍ଷରେ ଶ୍ରେଷ୍ଠରୁ ବୋଧ ହେଉଅଛି । ମୋଟ ବ୍ୟୟ ଟୋଙ୍କ ୨୨ ସେର ମିଳୁଅଛି ।

ଯାଜପୁରର କେମ୍ପଟି କଲେକ୍ଟର ବାବୁ ଜଗତନାଥ ଘୋଷ କଲିକତାର ମହାପ୍ରଦର୍ଶନୀ ଦେଖିବା ଅବକାଶରେ ଗତ ମାସ ତା ୭ ରଖରେ କଲିକତା ଗମନକୁ ପ୍ରସ୍ଥାନ କରିଅଛନ୍ତି ତାହାଙ୍କ ଅନୁପସ୍ଥିତ ପର୍ଯ୍ୟନ୍ତ ସବଡିଭିଜନ କାର୍ଯ୍ୟାଳୟ ବନ୍ଦ ହୋଇଅଛି କେବଳ ସବ୍‌ରେଜଷ୍ଟ୍ରୀ ଅଫିସର ଦର ଏ ସ୍ଥାନ ଓ ନୂତନ ଶ୍ରୀଯୁକ୍ତ ବାବୁ ଦୟାନିଧି ରାୟ ପ୍ରଭୃତି କାର୍ଯ୍ୟ ଚଳାଉଅଛନ୍ତି ।

। ତ୍ରି । ଦଣ୍ଡେଶ୍ୱର । ତା । ମିଦ୍ୟପୁର । ମୌ । ସୁହାଗିନୀକା ସ୍ତ୍ରୀ ଏକ ବାଳିକା ପୋଷ୍ୟ ପୁତ୍ର ରଖିବା ପ୍ରକାର ଏକ ବାଳୁଗ ପ୍ରସବ କରିଅଛି ତିନୋଟି ବାଳିକାର ମୁଣ୍ଡ ଯୋଡ଼ା ମୁଣ୍ଡ ଓ ଦୁଇଯୋଡ଼ା ହାତ ଓ ଗୋଟିଏ ଗୋଡ଼ା ଅଛି ଓ ଦୁଇଗୋଟା ଓ ଦୁଇଯୋଡ଼ା ହାତ ଓ ଗୋଟିଏ ବେକ । ବାଳୁଗଟି ପ୍ରସବ ମାତ୍ରେ ପଞ୍ଚତ୍ୱପ୍ରାପ୍ତ ହେଲା । ଯୋଗିନୀ ଦେଇ ।

ମୁଦ୍ରାଜ ଗବର୍ଣ୍ଣମେଣ୍ଟରେ ବୋମ୍ବାଇ ସହରର ଗାନ୍ଧ ମେଡିକାଲ କଲେଜରେ ୫ ୪ ଜଣ ପାର୍ସୀ ଓ ୫ ୦ ଜଣ ଇଉରୋପୀୟ ଶିକ୍ଷାର୍ଥୀ ଅଛନ୍ତି ଏଥିରୁ ସେ ଦେଶୀ ଉଦାରତା ଏଥିରୁ ସେ କଲେ ସମ୍ମାନ ରଙ୍ଗଭଙ୍ଗ କରି ହୋଇଅଛି ଏଥିରୁ ସେ କଲେ ଦୀପାଳ ସର୍ବନ୍ତ ଜାତି ଓ ଶଣମାନେ ଛାତ୍ରୀମାନଙ୍କର ଉନ୍ନତି ହେବାରେ କଣ୍ଟକ ରୂପ ଗଣମାନେ ଛାତ୍ରୀମାନଙ୍କର ଉନ୍ନତି ହେବାରେ ବିଶେଷ ଉପରେ ଶଣମାନେ । ଏମନ୍ତ ଓ ଛାତ୍ରମାନେ ସେମାନଙ୍କର ଅଧିକ ଦରନ୍ତି ।

ସହାଧ୍ୟାୟୀ ମା ଛାତ୍ରୀମାନଙ୍କୁ ବାଟରେ ଡାକ୍ତର ଟିଟକାରୀ କରି ଆଜ୍ଞା ଓ କେତେ ମଧ୍ୟ ସେମାନଙ୍କୁ କର୍କଶ ଓ ଅପମାନସୂଚକ ବାକ୍ୟ ପ୍ରୟୋଗ କରନ୍ତି । ଏଥିପାଇଁ ଛାତ୍ରମାନେ ସେମାନଙ୍କୁ ସେଠାରେ ଗୋଳ ପକାଇଥିଲେ । ଏହାଦ୍ୱାରା ଅପରାଧୀରୁ ଇଂଲଣ୍ଡ ମାନିଷ୍ଟ୍ରିଏଲ ଯେ ଗୋଟିଏ ଛାତ୍ର ଏହି କଲେଜକୁ ତାଡ଼ିତ ହୋଇଅଛି । ଜଣାଯାଉ ଯେ ଶିକ୍ଷକମାନେ ମଧ୍ୟ ସ୍ତ୍ରୀ ପୁରୁଷ ମିଶ୍ରିତ ସ୍ଥାନରେ ଶିକ୍ଷା ଦେବାକୁ ଅସମ୍ମତ, କାରଣ ସେମାନେ ଏରୂପ ମିଶ୍ରିତ ସ୍ଥାନରେ ମନୁଷ୍ୟଦେହ ଦର୍ଶନ ବିଷୟରେ ବହୁତରୂପେ ଶିକ୍ଷା ଦେବାକୁ ହୃଷ୍ଟ ହବେନାହିଁ କରନ୍ତି । ଏହି ସମ୍ବାଦ ଏରୂପ ପ୍ରସ୍ତାବ ହୋଇଅଛି ଯେ ଅନ୍ତତଃ କୌଣସି କୌଣସି ବିଷୟରେ ସ୍ତ୍ରୀ ଓ ପୁରୁଷ ଛାତ୍ରମାନଙ୍କୁ ପୃଥକ୍‌ରୂପେ ଶିକ୍ଷା ଦିଆଯିବ ।

ମାନ୍ଦ୍ରାଜରେ ସ୍ତ୍ରୀମାନଙ୍କର ଚିକିତ୍ସା ଶିକ୍ଷା ଦାନ ଭଲ ପ୍ରାପ୍ତ ହେଉଅଛି । ମାନ୍ଦ୍ରାଜ ମେଡିକେଲ କଲେଜରେ ୧୩ ଗୋଟି ଛାତ୍ରୀ ପଢୁଅଛନ୍ତି, ସେମାନଙ୍କ ମଧ୍ୟରୁ ଏମ, ବି, କ୍ଲାଶରେ ଗୋଟିଏ ଜିଜ୍ଞାସୁ, ଏଲ, ଏମ, କ୍ଲାଶରେ ଜଣେ ଫିରିଙ୍ଗି ଓ ଜଣେ ହିନ୍ଦୁ, ୨ ୟ କ୍ଲାସରେ ୫ ୪ ଜଣ ଫିରିଙ୍ଗି, ୫ ୨ ଜଣ ଖ୍ରୀଷ୍ଟିୟାନ ଓ ୫ ୧ ଜଣ ଇଉରୋପୀୟାନ ଏବଂ ଉପାଧିହୀନ ଦର୍ଶା କ୍ଲାଶରେ ୫ ୦ ଜଣ ଫିରିଙ୍ଗି ପଢ଼ୁଅଛନ୍ତି ।

କୁମାରୀ ଭୋସ ତୁମ୍ବାଇଟ ମାନ୍ଦ୍ରାଜ ମେଡିକେଲ କଲେଜର ଜଣେ ଛାତ୍ରୀ କର୍ଣ୍ଣୋଲ ହାଇଦ୍ରାବାଦରେ ଚିକିତ୍ସା ବ୍ୟବସାୟ ଆରମ୍ଭ କରିଅଛନ୍ତି । ସେ ମାନ୍ଦ୍ରାଜର ଚିକିତ୍ସା ବ୍ୟବସାୟ ଆରମ୍ଭ କରିଅଛନ୍ତି । କୌଣସି ସମ୍ପ୍ରଦାୟକୁ ଲେଖିଅଛନ୍ତି କି ସେଠାର ସ୍ତ୍ରୀ ଅବସ୍ଥା ବଡ଼ ଶୋଚନୀୟ ଅତି ସମ୍ଭ୍ରାନ୍ତ ପରିବାର ମଧ୍ୟରେ ମଧ୍ୟ ସ୍ୱାଧୀନତା ବନ୍ଧୁ ଜାଣ ହୁଏ ନାହିଁ । ନିଜାମଙ୍କ ମାତା ଠାକୁରାଣୀ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରିବା ସକାଶେ ଅନୁରୋଧ କରିବାରୁ ସେ କହିଲେ କି ଅମ୍ଭମାନଙ୍କର ମାତା ଠାକୁରାଣୀମାନେ କଷ୍ଟ ପାଉଥିଲେ ଏବଂ ଅନ୍ୟମାନେ କର୍ଣ୍ଣାର କଷ୍ଟ ନ ପାଉଥିବା । ଏଠାରେ ସ୍ତ୍ରୀଙ୍କ ସକାଶେ ପୃଥକ୍ ଚିକିତ୍ସା ହୁଏ ନାହିଁ । କେବଳ ପୁରୁଷଙ୍କର ଚିକିତ୍ସାଳୟରେ ହୁଏ । ମଧ୍ୟରେ ଏକ ସ୍ଥଳରେ ସେମାନଙ୍କ ସ୍ଥାନ ଦିଆଯାଏ, ଏଣୁ ସେମାନେ ସେଠାକୁ ଯିବାକୁ ଲଜ୍ଜା କରନ୍ତି ନାହିଁ । ସ୍ତ୍ରୀମାନେ ଅଧିକାଂଶ ମୂର୍ଖ ଅଟନ୍ତି ଲେଖି ପଢ଼ି ଜାଣନ୍ତି ନାହିଁ ।

କଲିକତା ମହାନଗରରେ ଏଥିନିମନ୍ତେ ଦର୍ଶକମାନଙ୍କର ଉପଦେଶରେ ଯେଉଁ ଉତ୍ସବ ପ୍ରସ୍ତୁତ ହୋଇଥିଲା, ତାହା ସବୁ ଦୂରସ୍ଥାନ ବନ୍ଦ ହେଉଅଛି । ଗବର୍ଣ୍ଣମେଣ୍ଟର ଏ ସ୍ଥାନରେ ଉଚ୍ଚେଦ ଛଇତ ହୋଇଅଛି ତଥାପି ହୋଟେଲର ଅଧ୍ୟକ୍ଷମାନେ ଏପରି ଛଡ଼ ଦର ପ୍ରକୃତି କଲେ ଯେ ଦର୍ଶକମାନେ ସେଥିରେ ସ୍ୱତ ହୋଇ ଅନ୍ୟଥିରେ ଅବସ୍ଥା ଗ୍ରହଣ କଲେ ସୁତରାଂ ସେମାନଙ୍କ ଦୋଷରେ ଗବର୍ଣ୍ଣମେଣ୍ଟ କ୍ଷତି ସହିଲେ ।

ସାମ୍ପ୍ରତିକ ଜଣାଯାଏ ଯେ ସେକ୍ରେଟାରୀ ଅବଷ୍ଟେଟ କଲିକତା ହାଇକୋର୍ଟ ଜଜମାନଙ୍କ ନିକଟରୁ ଏକ ପତ୍ର ପାଇଅଛନ୍ତି । ଇଲବର୍ଟବିଲ ସମ୍ବନ୍ଧରେ ପକ୍ଷପାତ ମତ ଦେବାର ଯେଉଁ ଦୋଷାରୋପ କରି ହୋଇଥିଲା, ଜଜମାନେ ତହିଁର ପ୍ରତିବାଦ କରିଅଛନ୍ତି ।

କଲିକତା ମେଡିକାଲ କଲେଜ ଏବଂ ଅଷ୍ଟମ ସେବାରେ କାର୍ଯ୍ୟ କରିଅଛି । ମିଉନିସିପାଲିଟି ରାସ୍ତା ସକଳ ମରାମତି ନିମନ୍ତେ କର ଇତ୍ୟାଦି ଆଦାୟ କରିବାର ପ୍ରସ୍ତାବ କରିଅଛନ୍ତି । ଉତ୍ତର କେବଳ ବିଷୟ ଜାଣିବା ଏହାର ନାମ ଲଭିବ ନୁହେ ତହିଁ ହିନ୍ଦୁ ପେଟ୍ରିଅଟ କହନ୍ତି କି ଏହାର ନାମ ଲଭିବ ନୁହେ ପ୍ରତ୍ୟେକର ଅବହେଳ ଅଟଇ !

ଅମ୍ଭେମାନେ ସତ ପ୍ରତାପର ଉଣିଶି ସରକାର ପାଠକର ଅବଗତ ହେଲୁଁ ଯେ, ବୋମ୍ବାଇର ମାନ୍ୟବର ଇର୍ଣ୍ଣ

ସାହେବ ଜଗନ୍ନାଥ ଜାଟୱର ମାଣ୍ଡଲିକ ସି, ଆଇ, ଇ, ଇଉରୋପୀୟମାନଙ୍କ ସହିତ ଗଳ୍ପ ମଧ୍ୟରେ ଉପାଧିତ ହୋଇଅଛନ୍ତି ବୋମ୍ବାଇର ଉପଯୁକ୍ତ ଗାଥ ଉପାଧିତ ହୋଇଅଛନ୍ତି । କର୍ଣ୍ଣୋଲ ଦେଖାପାଇ, ଯଥନ ତାହାଙ୍କର କଲର ପଣ୍ଡିତମର କେଉଁ ମହାତ୍ମାଙ୍କୁ ଉପାଧିର ବରନ୍ତେ ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଗତ ଜାନୁଆରୀ ମାସ ୭ମ ସଂଖ୍ୟା ସେବକରେ ନିମ୍ନଲିଖିତ ବିଷୟ ପାଠ କରି ଅମ୍ଭେମାନେ ଅତିଶୟ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅଛୁଁ ।

ସେବକର ଲେଖା ଅଛି ମେନେଜର ଶ୍ରୀଯୁକ୍ତ ବାବୁ ବନମାଳୀ ସିଂହ ବଲ୍ଲର ଗ୍ରାମରେ ଜଣେ ବ୍ରାହ୍ମଣଙ୍କୁ ବ୍ୟଙ୍ଗ କରି କହିଲେ "ତୁମ୍ଭେମାନେ ଖ୍ରୀଷ୍ଟିୟାନମାନଙ୍କ ପରି ହୋଇ ନାହିଁ" ଏହି କଥା ଯେନ ସେବକ ସମ୍ପାଦକ ମହାଶୟଙ୍କର ଚେତା ବୁଡ଼ ଯାଇଅଛି, ଲେଖି ଅଛନ୍ତି ଓ ବଲ୍ଲର ବ୍ରାହ୍ମଣମାନେ ଏପ୍ରକାର ବ୍ୟଙ୍ଗୋକ୍ତିରେ ଖିନ୍ନ ହୋଇ ଅଛନ୍ତି ଅତଏବ ବାବୁଙ୍କର ଉଦାରସ୍ୱଭାବ ହେବା ଉଚିତ. ଏହି ଉଦାରସ୍ୱଭାବ ନ ଥିବାରୁ ଲୋକମାନଙ୍କ ମନରେ ଦୁଃଖ ଓ କଷ୍ଟ ଜାତ ହେଉଅଛି ଏବଂ ଅନେକ ମହାମାଧର୍ମିକଲମ୍ବମାନେ ବହୁତ କଷ୍ଟ ପାଉ ଅଛନ୍ତି । ଏହିପରି ଅନେକ ଉପଦେଶ ଦିଆ ଯାଇଅଛି । ନଥି ନ ଦେଖି ସେବକ ସମ୍ପାଦକ ମହାଶୟ ! କଥା କ ଦେଖି ଲଜ୍ଜା ଲାଗିଲା ନାହିଁ କି ? ଆପଣ ବନମାଳୀ ବାବୁଙ୍କ ସ୍ୱଭାବ ଜାଣି ଥିଲେ ଏପରି କଦାପି ଲେଖି ନ ଥାନ୍ତେ । ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଉଦାରଚେତା ବାବୁ ମହୋଦୟଙ୍କ ଦେଖି ଲୋକମାନେ ଭୂତପୂର୍ବ ମହାତ୍ମାଙ୍କୁ ଏକାବେଳକେ ବିସ୍ମରଣ ହୋଇ ଅଛନ୍ତି ଏବଂ ବାବୁ ମହାଶୟ ଗତବର୍ଷ ଛମାସ ଛୁଟି ନେବା ଯୋଗୁଁ ପ୍ରଜାମାନେ ସେହି ସମୟକୁ ଅତ୍ୟନ୍ତ ମନୋଦୁଃଖରେ କଟାଇ ଅଛନ୍ତି । ଉଦ୍ଦାସ ସେମାନେ ଉତ୍ତମରୂପେ ହୃଦୟଙ୍ଗମ କରି ଅଛନ୍ତି ଯେ ବାବୁ ମହାଶୟଙ୍କର ଉପରି ଅମୂଲ୍ୟ ସ୍ୱଭାବ । ଆପଣ କଠାରୁ ଗୋଟିଏ କଥାର ସତ୍ୟାସତ୍ୟ ନ ବୁଝି ଜଣେ ପ୍ରଧାନ ଭଦ୍ରଲୋକଙ୍କ ପ୍ରତି ଏପ୍ରକାର ପାଗଳାମିରେ ଲେଖିବା ସେ କେତେଦୂର ବୁଦ୍ଧିମାନର କାର୍ଯ୍ୟ

Digitized by srujanika@gmail.com

ଛଳ ଅରନ୍ତି ତାହା ପାଠକମାନେ ବିବେଚନା କରିବେ ।

ପ୍ରଥମତଃ—ବନମାଳୀ ବାବୁ ଜଣେ ପ୍ରକୃତ ଧାର୍ମିକ (Saint like) ସେ ଯେ ବ୍ରାହ୍ମଧର୍ମ ବିଷୟରେ ଆନ୍ତରିକଭାବରେ ଅର୍ଥ କହିବେ ଏହା ଏକମୂହୂର୍ତ୍ତକ ନିମନ୍ତେ ବିଶ୍ୱାସ କରାଯାଇ ନ ପାରେ । ପୁନଶ୍ଚ ମିଶ୍ରଗ୍ରାମୀ ବାବୁ ମହାଶୟଙ୍କର ଏହା କହିବା ସ୍ୱାଭାବିକ ନୁହେ ।

ଦ୍ୱିତୀୟତଃ—ତାଙ୍କର ଗ୍ରାମର ଜଣେ ଭଦ୍ର ଲୋକଙ୍କ ସହିତ ଦେଖା ହୋଇଥିଲା । ସେ ଲୋକଙ୍କ ଜନିତ ବ୍ୟଙ୍ଗୋକ୍ତି ମିଥ୍ୟା ବୋଲି ପ୍ରକାଶ କଲେ ।

ତୃତୀୟତଃ—"ଖ୍ରୀଷ୍ଟିୟାନମାନଙ୍କ ପଚ ହୋଇ କରି ନାହିଁ" ଏପ୍ରକାର କଥା ବାବୁ ମହାଶୟ କଦାପି କହି ନାହାନ୍ତି । ଯଦି ଆପଣଙ୍କ ମତରେ ଏହି ଆନ୍ତି ତେବେ କାହାକୁ ବ୍ୟଙ୍ଗୋକ୍ତି ବୋଲି ପ୍ରକାଶ ପାଉଅଛି ? ଏହି ବାକ୍ୟର ସରଳଭାବ ଯେ ବୁଝାଗଲା ନାହିଁ ଏହା ବଡ଼ ଆକ୍ଷେପର ବିଷୟ । ବରଂ ବ୍ରାହ୍ମମାନଙ୍କ ପ୍ରତି ଏହା ଗୋଟିଏ ଉପଦେଶ ବାକ୍ୟ ଅଟେ । ଯଦ୍ୟପି ସେମାନେ ଖ୍ରୀଷ୍ଟିୟାନମାନଙ୍କ ପଚ ହୋଇ ହେବେ ତେବେ ଲେଖକଙ୍କର ବ୍ରାହ୍ମଧର୍ମପ୍ରତି ଘୃଣା ହେବ ।

ସମ୍ପାଦକ ମହାଶୟ ! ସେବକର ଏପ୍ରକାର ଅସମ୍ପୃକ୍ତ କାରଣର ପତ୍ରିକା ଦେବା ଅତି ଶୋଚନୀୟ, ବନମାଳୀ ବାବୁଙ୍କ ସ୍ୱଭାବ ଅନୁକରଣୀୟ । ତାହାଙ୍କର ଜୀବନୀ ମାନ୍ୟପୂର୍ଣ୍ଣ ଚରିତ । ଯଦି କେହି ପ୍ରକୃତ ମନୁଷ୍ୟ ହେବାକୁ ଇଚ୍ଛା କରେ ତାହା ହେଲେ ସେ ତାଙ୍କଠାରୁ ଅନେକ ଶିକ୍ଷାଲାଭ କରିବ ।

ପରିଶେଷରେ ସେବକ ସମ୍ପାଦକ ମହାଶୟଙ୍କୁ ଉପଦେଶ ଦିଏ ଯେ ସେ ଏପ୍ରକାର ଅଳୀକ କଥାରେ ବିଶ୍ୱାସ କରି ଉତ୍କୃଷ୍ଟବୃତ୍ତିକୁ କୌଣସି ବିଦ୍ରୋହ ବିଷୟରେ ନ ଲେଖିବେ ।

ଭେଣ୍ଡାଜାଳି ଗଡ଼ (୧୪—୨—୮୪) } ଶ୍ରୀ ଦାମୋଦର ପଟ୍ଟନାୟକ

---

( ପୂର୍ବ ପ୍ରକାଶିତ ଉତ୍ତାରୁ )

## ମେଳା ଦର୍ଶନ ।

ଷଷ୍ଠସ୍ତବ ।

ପ୍ରିୟବନ୍ଧୁ ଆଉ କହିଲେ ଆଗେ କର ଗମନ ।
କାଶ୍ମୀର ପଞ୍ଜାବ ଦେଶର ଦ୍ରବ୍ୟ ଦେଖ ଦର୍ଶନ ।
ମୂଲ୍ୟବାନ ଶାଲ ଦୋଶାଲା ଶଟି ରୁମାଲ ।
ଜାମେୟାର, ଅନେକ ଯେ ପଟ୍ଟବସ୍ତ୍ର କଷାଇ ।
ସୁନ୍ଦର ମଲିନ ଅମୂଲ୍ୟ ଶ୍ରମଫଳ ଚଦର ।
ତରୁଣ ଶୁଭଲୋମରେ ଶୀତବସ୍ତ୍ର କର ।
ଅମୃତସରରକଶୀ ଦେଶୀନାହା ନାମକ ।
ଶାଲବ୍ୟବସାୟୀ ଅଟନ୍ତି ଅତି ଧନୀ ବଣିକ ।
ଭରତେଶ୍ୱରୀଙ୍କ ନାମରେ ଏକ ଶାଲ ଚଦର ।
ନିର୍ମାଣ କରିଲ ମେଳାରେ କରନ୍ତୁ ଗୋଚର ।
ଏତେ ସୂକ୍ଷ୍ମବସ୍ତ୍ର ସେଠାରେ ହୋଇ ନ ଥିଲା କେବେ ।
ଦୁଇଶତ ମୁଦ୍ରା ଦେଲେଣ ଜଣ ଉତ୍ତ୍ୱକ ଯେବେ ।
ଗୁରୁଦାସପୁରର ମେଭୁନା ଉତ୍କୃଷ୍ଟ ଚଦର ।
ଦରି, ପେଶୋଖର ଷାଟିନ ବସ୍ତ୍ର କେତେପ୍ରକାର ।
ଗଲାବନ୍ଧ ଟୋପି ହୋଥଟା ଶେଗା ପୋଷାକ ପର ।
ରେଶମ ଜରିର ସିଲାଇ କାର୍ଯ୍ୟ କେତେ ସୁନ୍ଦର ।
କାରଓଁଆଇ, ଗୁଲବଦନ, ଲୁଙ୍ଗୀ ତୋଇଅମାନ ।
ପଶମୀ ଉପରେ ପଞ୍ଜାବେ ଅଟନ୍ତି ଏ ପ୍ରଧାନ ।
ଝିଲିମିଲି ସୁନ୍ଦରୀ ନାମରେ ରେଶମର ବସନ ।
ପରିଧାନ ଏହା କରନ୍ତି ବଡ଼ ମୁସଲମାନ ।
ଲାହୋର ମୁଲତାନ ଶିଆଲକୋଟ ନିକଟ ରୁଟ ।
ତେଲାଇ ବନ୍ଧୁଆ ଦେଶରେ ବଣୁଅଛି ପ୍ରକଟ ।
ଫୁଲକାରି ନାମେ ଅପର ବସ୍ତ୍ର ଅଛି ସକ୍ତିତ ।
କଳା ଧଳା ନୀଳବର୍ଣ୍ଣର ରେଶମରେ ଚଢ଼ିତ ।
ମସଲିନ, ଖେସ ଗାଢ଼ିକ ନାମେ ନାନାପ୍ରକାର ।
ବସନ ସକ୍ତିତ ରହିଛି ଆଉ କେତେ ସ୍ଥାନର ।
ପଶମର ଝାଲର କୋମରବନ୍ଧ ଅଛି ଅନେକ ।
ଜଣ ଏ ବସନ ମଧ୍ୟରୁ ଭୁମ୍ଭ ଇଚ୍ଛା ଯେତେକ ।
ରୁମାଲ ଉପରେ ରେଶମ ସୂତା କାରୁ କୌଶଳ ।
ନାନା ବର୍ଣ୍ଣର ଲଗାଇ ଦିଶେ ଅତି ନିର୍ମଳ ।
ମହାଭାରତର ପାଣ୍ଡବ କୁରୁକୁଳ ସମର ।
ନେତ୍ର ତୃପ୍ତି ହେଉ ଶିଳ୍ପି କର ପ୍ରଶଂସା ତାର ।
ଶତବର୍ଷ ପୂର୍ବେ ଦୃଶ୍ୟର ସ୍ୱର୍ଣ୍ଣକାର ପ୍ରବରେ ।
ଦାସୀ କରିଥିଲେ ଏହାକୁ ଅତି କଉଶଳରେ ।
ହୁସିଆରପୁର, ହିସାର, ପାଟିଆଲା, ଝିଲମ—
ପ୍ରଦେଶ, ଡୁଲଣ୍ଡ୍, ଗାଜିଣ୍ଡ୍ ଦେଖ ତ ଅନୁପମ ।
ପେଶୋଆର ମୁଲତାନ ଯେ ନାବା ଶିଆଲକୋଟ ।
କାଶ୍ମୀର ପ୍ରଦେଶ ଆଦର ଲଗେ କେତେ କାର୍ଯ୍ୟର୍ଥ
କେତେ ଉଦ୍ଧକାର୍ଯ୍ୟେ ରଞ୍ଜିତ କାର୍ଯ୍ୟ ଦେଖତ ନବାଜ ।
ଅମ୍ଭମାନଙ୍କ ଶତରଞ୍ଜି ଯେ ଦେଖ କେମନ୍ତ ବଡ଼ ।
ଏ ଶତରଞ୍ଜିକୁ ଗୋଟିଏ ସଙ୍ଗି କଥ ଭୁଲତ ।
ଯୁବକ ବିବାହ ସମୟେ ଶୁଦ୍ଧ ହେବ ସବ୍ଲିତ ।
କମଳିନୀ କଲେ କିସାଇ କଲେ ଅଭିବାଦନ ।
ପ୍ରଶଂସା ପାଇଣ ଆନନ୍ଦେ ନୃତ୍ୟ କରିବ ମନ ।
ଏଥି ଅନ୍ତେ କହ ଦର୍ଶନ କି ଦ୍ରବ୍ୟ ସକଳ ।
ହୁସିଆରପୁରୁ ଆସିଛି କାଠ ଚୌକି ଟେବଲ ।
ତହିଁ ଶିଶୁକାଠ ଉପରେ ହାତୀଦନ୍ତ କସିଛି ।
ଅନଲିଖି ନାହିଁ ଅନେକ ଛବି ଖୋଦା ହୋଇଛି
ଗୁରୁଦାସପୁର କବାଟ ପ୍ରତି ସର୍ବତ୍ର ।
ତାହାର ଉପରେ ସୁନ୍ଦର ବୃକ୍ଷ ଲତା ଖୋଦିତ ।
ଏହି ବାଲାମୃଳ ବୃତ୍ତର କେତେ ଶୋଭା କହିବା ।
ମୃଦୁ ମନ୍ଦଗତେ ସମୀର ଘରେ ଆସି ଖେଳିବ ।
ଅମୃତସରରେ ନିର୍ମିତ ହାତୀଦନ୍ତ ପାନିଆଁ ।
କେମନ୍ତ ତରୁଣ ସୁନ୍ଦର ବସ୍ତ୍ରଛତ୍ର ଖୋଦିଆ ।
ଏ ଅପୂର୍ବ ଦ୍ରବ୍ୟ ଗୋଟିଏ ଦନ୍ତେ ଯେବେ କିଣିବେ
ପ୍ରିୟତମା ତବ ଆନନ୍ଦେ କେଶପାଶ ବାନ୍ଧିବେ ।
ପାଟିଆଲା ନୃପତିଙ୍କର ହସ୍ତୀଦନ୍ତମୟ ଜନ ।
ଘୋଡ଼ା ହାତୀ ପଦ ଦେଖିଲେ ମନେ ସୁଖ ହୁଏକ ।
କାଶ୍ମୀର ଦେଶର କଲମ ଦାନଦାନ ସକଳ ।
ମଧ୍ୟେ ତହିଁ ଚିତ୍ରମାଳ ଯେ ଦିଶେ କେତେ ଉଜ୍ଜ୍ୱଳ
ସଙ୍ଗେ ଏହି ଚିତ୍ରମାଳାରେ ଚିତ୍ର ଲଗିବ ଅଲେ ।
ସ୍ୱର୍ଗପ୍ରାପ୍ତି ଜନ୍ମେ ହୋଇବ ପାପ ଯିବ ଅନ୍ତରେ ।
କାଗଜେ ନିର୍ମିତ ପନ୍ତାବା ତୁଳ ସାରସ୍ୱତ ।
ଶୁଭ୍ରଧର ଉଭ ଖାଣ୍ଡେ ମନ୍ଦେଶ ଦେଇ ବିଦାୟ ।
ଲରଛନ୍ତି ଏହା ଲାହୋର ନଗ୍ର ଚତ୍ରସମାଜ ।
ଧନ୍ୟବାଦ ଦିଅ ତାହାଙ୍କୁ ଦେଖି ଏ ଚାତୁରୀ ଧ୍ୟେ ।
ଭଲ ବୁଦ୍ଧି ଥିଲେ ତୁମ୍ଭର କଥ ଏହି ସାରକୁ ।
ଦ୍ୱାର ପାଶେ ରହି ଚରିବେ ଦୁଷ୍ଟ ଶ୍ୱେତମାନଙ୍କୁ ।
ଶିଖତାଇଙ୍କର ସମ୍ପତ୍ତି ଲାହୋରରେ ନିର୍ମିତ ।
ଲୋହପାତ୍ର କେତେ ପ୍ରଜର ଅସ୍ତ୍ରଶସ୍ତ୍ର ସଜ୍ଜିତ ।
ତଲୱାର କୃପା ବରଛା ଗୁପ୍ତି କାଟାରମାନ ।
ଝକ ଝକ କେତେ ଉଠୁଛି ସତେ ସୂର୍ଯ୍ୟକିରଣ ।
କେତେ କୁରୁକ୍ଷେତ୍ର ଲଢ଼ାଇ ହୋଇଥିଲା ପୂର୍ବରେ ।
ଖେଦୁ ଥିଲେ ସାର ସିପାହି ଏହିପରି ଅସ୍ତ୍ରରେ ।
କେବେ କି ମାଳା କରଅଛନ୍ତି ଦଣ୍ଡକର ଦୁଃଖ ।
ଆଉ ତାଙ୍କ ସମ ଯୁଦ୍ଧରେ ଅଛନ୍ତି କେ ନୃପତ ।
ଏପରି ଅସ୍ତ୍ରରେ ବଇଶ୍ୱ ସଙ୍ଗେ ଖେଳନ୍ତି ପୁଣି ।
ଦେଖି ତହିଁ ତୋଷ ଅମୃତ ପୂର୍ବ ମହିମା ପୁଣି ।
କାଶ୍ମୀରିର ତାମ୍ରପାତ୍ର ଯେ ଶଟି ଦଶକେ ।
ଲକ୍ଷ ପତ୍ର ତହିଁ ଖୋଦିତ ରମ୍ୟ ଜଳଧର୍ମ୍ୟ
କେତେ କାଶ୍ମୀପାତ୍ର ରହିଛି ହୋତ ଦୃଶ୍ୟଶାଳି
ଦେବାସୁରା ନାମେ ବଣିକ ରଖିଅଛନ୍ତି ଆଣି ।
ଜଳନ୍ଧରଠାରେ ନିର୍ମିତ ସୁନ୍ଦର ଭାବରେ ।
ରୂପାରେ ଗୋଟିଏ ଡୋଲି ରହିଅଛି ପାଶରେ ।
ଏଥେ ଚତୁର୍ଦୋଳା ଯୁଗଳ ବୃତ ରୂପାଳଙ୍କାରେ ।

Digitized by srujanika@gmail.com

...ନର ବସିବ ଲାଗିଲେ ଏବା ନାଗ ପାଦରେ ।
...ତ୍ର ତାଙ୍କ ତେବେ ପାମୁଳା ଜଣା ନାନାପ୍ରକାର ।
...ଲନ ଉଠିବା ବାଦସ ନାନାବର୍ଣ୍ଣ ପଥର ।
...ଟକ ଖେଳ ଖେଳବା ପାଇଁ ଅତି ସୁନ୍ଦର ।
...ଙ୍ଗି ପଥରମାନଙ୍କ ମାଳା ବହୁ ପ୍ରକାର ।
...ପରେ କେଳଅ ନାନା ନାନାବର୍ଣ୍ଣେ ରଞ୍ଜିତ
...ସେ ଯୋଅଛ, ଦଶ୍ଚା, ଲହୋର ମାନ୍ଦପାତ୍ର ସହିତ ।
...କେବ ପ୍ରକାର ପିତୁଳା କେତେ କୃତ୍ରିମ ଫଳ ।
...ଚାତ ଥାଜ୍ଞ ସୁନ୍ଦର ଏଥ ଚାରୁକୌଶଳ ।
...ଶୀର ସୁନ୍ଦରଲାଲଙ୍କ ପ୍ରେରିତ ଏ କୋରଣ ।
...ଦଶଶତ ମଧ୍ୟ ଯେ ଗ୍ରନ୍ଥ ମୂଲ୍ୟ ପ୍ରମାଣ ।
...ଯଥ ଧର୍ମୀ ଯେ ଜନ କେବେ ତା ପ୍ରୟୋଜନ
...ଣିତ ଅବଶ୍ୟ ଏଥାକୁ ଦେଇ ଏରବ ଧନ ।
...ଳସ୍ଥାନ ଯୋଗ୍ୟ ଶଣ୍ଠିକ ବନ୍ଧୁ ଅମ୍ଭେ ଭଣିବ ।
...ନାନାରସ ଦ୍ରବ୍ୟ ଗଳପ ଘଡ଼ି ଶୁଖି ହୋଇବ ।

କ୍ରମଶଃ ।

## ବିଜ୍ଞାପନ ।

ଯେହେତୁ ଅମ୍ଭେ ମୁନସି ସେଖ ଗୁଲମହମ୍ମଦ ।ସା। ତୋଲାସାହି ସାକିନ ଲୁମ୍ବଳପୁର । ଓ । ବାଶଗ୍ରାବାଦ ଓ ସେଖ ଓଁବେଦ ମହମ୍ମଦ ।ସା। ... ଅଜମର୍ଷ ବଜାର ସହର କଟକକୁ ଟ୍ରଷ୍ଟି ... ସେମାନଙ୍କ ନାମେ ସନ ୧୮୮୪ ମସିହା ଜାନୁଏରି ମାସ ତା ୧୦ ରିଖରେ ଏକ ଟ୍ରଷ୍ଟିନାମା ଲେଖି ... ଭଡ଼ା ... ଅମ୍ଭ ପକ୍ଷରୁ ଉକ୍ତ ଟ୍ରଷ୍ଟିନାମା ବଳରେ ଅବଶ୍ୟ ରହି କାର୍ଯ୍ୟ କର ତାହାକୁ କମ୍ଭା ଅମ୍ଭେମାନଙ୍କୁ କୌଣସି କାର୍ଯ୍ୟ କରିବାକୁ ଅନୁମତ ଦେଇନାହୁଁ ଅମ୍ଭର ଉକ୍ତ ଟ୍ରଷ୍ଟିମାନଙ୍କହାସ କୌଣସି ମାଲ-ମାମଲ ଓ ଅମ୍ଭ ... କରିବାର ପ୍ରୟୋଜନ ନ ହେବାରେ ଅମ୍ଭେ ଉକ୍ତ ଟ୍ରଷ୍ଟିମାନଙ୍କୁ ଉପରୋକ୍ତ କାର୍ଯ୍ୟରୁ ବରଖାସ୍ତ କରି ତହିଁର ନକଲ ଅଧୁର ଅଦାଲତରେ ଦେବା ନିମନ୍ତେ ସନ ୧୮୮୪ ମସିହା ଫେବ୍ରୁଏରି ମାସ ତା ୧୮ ରିଖରେ ଏକ ଅମକୋଲ୍ଲିନାମା ... ମୋଲ୍ଲାର ସପ୍ୟେଦ ମହେବୁବ ଅଲଙ୍କ ନାମେ ଲେଖିଦେଲ ରେଜଷ୍ଟ୍ରୀ କରାଇ ଦେଇଅଛୁଁ ଏବଂ ଉକ୍ତ ଟ୍ରଷ୍ଟିନାମା ବଳରେ ଉକ୍ତ କାର୍ଯ୍ୟ ନ କରି ଟ୍ରଷ୍ଟିନାମା ଓଁପସ ଦେବା ନିମନ୍ତେ ଟ୍ରଷ୍ଟିମାନଙ୍କପ୍ରତି ନୋଟିସ ପଠାଇ ଅଛୁଁ ଏହା ବିଷୟମାନ ସର୍ବସାଧାରଣଙ୍କ ଜ୍ଞାତାର୍ଥେ

ପ୍ରକାଶ କଲୁଁ । ଇତି । ତା ୧୯ ରିଖ ମାହେ ଫେବ୍ରୁଏରି ସନ ୧୮୮୪ ମସିହା ।

ଏକଜମଜକେଶ ବେରମ

## NOTICE.

Dharamsala Grand Trunk Road Inspection Bungolow is under repair, and it cannot give shelter to Travelling Officers before end of March 1884.

ଧର୍ମଶାଳା ବଡ ସଡ଼କରେ ଥିବା ଡାକ ବଙ୍ଗଳା ମରାମତ ହେଉ ଥିବାରୁ ଆଗାମୀ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ପଥିକମାନଙ୍କ ବ୍ୟବହାରରେ ଆସି ପାରବ ନାହିଁ ।

GOBIND CHUNDER DAS
*Sub Engineer*
No. 4 Sub Dn.

## NOTICE.

A Magic Lantern Exhibition interspersed with singing, will take place in the Mission New School Rooms, Sutahat, Cuttack, at 7 o'clock P. M. the 27th instant.

| | | Rs. A. P. |
|---|---|---|
| Reserved Seats | ... | 0—8—0 |
| Other Seats | ... ... | 0—4—0 |
| Children | | Half price. |

*N. B.*—The proceeds to be devoted to the procuring of New Magic Lantern slides from England.

CUTTACK,
February 21st 1884.

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉ-ଅଛି କି, ଚଳିତ ମାସ ତା ୨୭ ରିଖ ବୁଧବାର ରାତ୍ରି ୭ ଘ ସମୟରେ, ନୂତନ ବାପ୍ଟିଷ୍ଟ ସ୍କୁଲ ଗୃହରେ ଅଲୌକିକ ଅର୍ଥାତ ମାଜିକ୍ ଲ୍ୟାନ ପ୍ରଦର୍ଶିତ ହେବ । ଇହଁରେ ଇଂଲଣ୍ଡ ଓ ହିନ୍ଦୁସ୍ଥାନ ଅନେକ ବଡ଼ ନଗର ଓ ଗୃହ ଜନପଦ ଓ କେତେକ ଇତିହାସ ମହାତ୍ମା ମାନଙ୍କର ମନୋହର ଛବିମାନ ଦେଖାଯିବ ।

| | | |
|---|---|---|
| ଟିକଟ | ପ୍ରଥମ ଶ୍ରେଣୀ | ୫୦ |
| " | ଦ୍ୱିତୀୟ ଶ୍ରେଣୀ | ୪୦ |
| " | ବାଳକମାନଙ୍କୁ | ଅର୍ଧଦାମ |

ଉପଦେଶକ ଗୃହଦ୍ୱାର ନିକଟରେ ସ ୭ ଘ ଠାରୁ ସ ୭ ଘ ପର୍ଯ୍ୟନ୍ତ ଟିକଟ ପ୍ରାପ୍ତ ହେବ ।

ଗୃହ ମଧ୍ୟରେ ପିଇବା ଖାଇବାର ଅବା ଗୋଳମାଳ କରିବାର ସମ୍ପୂର୍ଣ୍ଣ ନିଷେଧ ।

କଟକ
ତା ୨୧ଶ ଫେବ୍ରୁଏରି
୧୮୮୪


# ହୃଦୟରହୃଦୟ
# ତାଡିତ ରକ୍ଷା କବଚ ।

ତାଡିତପ୍ରାଣ-ସ୍ୱରୂପ ଉତ୍ତର
ଶାରୀରିକଶକ୍ତି ।
ଏଥି ଅପେ ଅଦ୍ଭୁତ !
ତାଡିତର ଶକ୍ତି !

ମନୁଷ୍ୟ ଯେତେ ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି ସେ ସମସ୍ତ ଏହି କବଚ ଧାରଣ କଲେ ନିଶ୍ଚୟରୂପେ ନିବାରଣ ଓ ଉପଶମିତ ହୁଏ ।

ଏ କବଚ ନାନା ପ୍ରକାର ଧାତୁଦ୍ୱାରା କୌଶଳକ୍ରମେ ନିର୍ମିତ । ଦେହରେ ଲାଗିଥିଲେ ଶରୀରର ଲବଣାକ୍ତ ଓ ଅମ୍ଳରସ ସଂଯୁକ୍ତ ହୋଇ ମୃଦୁତାଡିତଶକ୍ତି ଉତ୍ପାଦନ କରଇ । ପିଲମାନଙ୍କ ପକ୍ଷେ ବିଶେଷ ଉପକାରୀ ଓ ନିତାନ୍ତ ଆବଶ୍ୟକ ।

ଏହାକୁ ପିନ୍ଧିଲେ ନିମ୍ନଲିଖିତ ରୋଗସମୂହ ନିବାରଣ ହୁଏ । ଯଥା—ଉଦରାମୟ, ରକ୍ତାମାଶୟ, ଯକୃତ ରୋଗ, ମୂତ୍ରାଘାତ, ହୃଦକମ୍ପ, ବାତ, ସନ୍ଧିବାତ, କଟିଶୂଳ, ଶିରଃପୀଡ଼ା, କଣ୍ଠରୋଗ, ଧାତୁଦୌର୍ବଲ୍ୟ, ସାଧାରଣ ଦୁର୍ବଳତା, ହୃଦ୍‌ଦାହ, ପକ୍ଷାଘାତ, ସର୍ବପ୍ରକାର ବେଦନା, ବାତାଧିକ୍ୟ, ଅଜୀର୍ଣ୍ଣ, ସ୍ନାୟୁଦୌର୍ବଲ୍ୟ, ଉଷ୍ଣତା, ଶିରଃଘୂର୍ଣ୍ଣନ, ଅନିଦ୍ରା, ଶିରରୋଗ, ମସ୍ତକ ଦୁର୍ବଳ, ଶ୍ଳେଷ୍ମଜର ଜ୍ୱର, ବାକ୍‌ରୋଧ, ଛୋଟଛୋଟ ପିଲାମାନଙ୍କର ଦନ୍ତୋଦ୍‌ଗମ ମୂର୍ଚ୍ଛା, ମୂତ୍ରରୋଗ ସମୂହ, ବକ୍ଷସ୍ଥଳର ଦୁର୍ବଳତାବୋଧ, ଶରୀର ଶୀର୍ଣ୍ଣତା, ସ୍ନାୟୁ ଏବଂ ଶୋଣିତ ସମ୍ବନ୍ଧୀୟ ସମସ୍ତ ରୋଗ ।

ଶରୀରରେ ନିୟମିତ ତାଡିତର ହ୍ରାସ ହେଲେ ରକ୍ତର ଦୋଷ ଜନ୍ମିଥାଏ, ଏହି ହେତୁ ପରି-ମିତରୂପ ତାଡିତ ରହିବାର ଆବଶ୍ୟକ ଏବଂ ତାହା ଉକ୍ତ ତାଡିତକବଚ ପିନ୍ଧିଲେ ସାଧିତ ହୁଏ ।

ପ୍ରତ୍ୟେକ ଉର୍ଦ୍ଧରସ୍ଥାନରୁ ମୋଟିଏ ରେଶମ ସୂତ୍ରଦ୍ୱାରା ଗଳଦେଶରେ ଝୁଲାଇବାକୁ ହୁଏ, ତାହା ଶରୀରର ଯେ କୌଣସି ସ୍ଥାନରେ ପିନ୍ଧା-ଯାଇ ପାରେ ।

ପ୍ରତ୍ୟେକ କବଚ ଓ ରେଶମର ମୂଲ୍ୟ ୫୲ ଟଙ୍କା ଲେଖାଏ ଅଛି । ତାହାରେ ପଠାଇବା ଖର୍ଚ୍ଚ ଭିପିଅଣା ମାସୁଲ ଲାଗିବ ।

ଜଟକ ଜଣରେ ଅମ୍ଭେ ଏଥିର ଏକ ମାତ୍ର ଏଜେଣ୍ଟ ଅଟୁଁ ।—


Digitized by srujanika@gmail.com

ଅମ୍ଭ ନିକଟରେ ଏବଂ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ ଏହା ବିକ୍ରୟ ହେଉଅଛି। ଏହି ଔଷଧଦ୍ୱାରା ଉପକାର ଫଳ ହେଉଅଛି ତାହା ଜଣାଇବା କାରଣ ନିମ୍ନଲିଖିତ ପ୍ରଶଂସାପତ୍ର ଜନ୍ମେ ପ୍ରକାଶ କଲୁଁ ।

ଶ୍ରୀ ବସନ୍ତକୁମାର ଚକ୍ରବର୍ତ୍ତୀ।
ଢେଙ୍କାନାଳ ଅସିଷ୍ଟାଣ୍ଟ ସର୍ଜନ

ପ୍ରଶଂସା ପତ୍ର ।

ଖଣ୍ଡାପଡ଼ା ରେଲ ବାଟର ଜଣେ ଷ୍ଟେଶନ ମାଷ୍ଟର ଲେଖିଅଛନ୍ତି ଯେ ଅପଣମାନଙ୍କର ପ୍ରେରିତ ଜବଚର ପ୍ରାପ୍ତ ସ୍ୱୀକାର ଓ ତାହା ବ୍ୟବହାର କରି ଯେ ମହା ଉପକାର ଲାଭ କରିଅଛୁଁ ସେଥିପାଇଁ କୃତଜ୍ଞତା ସୂଚକ ଧନ୍ୟବାଦ ଦାନ ହେତୁ ଅମ୍ଭେ ଅପଣମାନଙ୍କ ନିକଟରେ ଋଣୀ ଅଛୁଁ। ବର୍ତ୍ତମାନ କୃତଜ୍ଞତା ସହିତ ଜଣାଉ ଅଛୁଁ ଯେ ଅନେକ ଦିନ କାଳର ବେଦନା ଓ ଶାରୀରିକ ଦୁର୍ବଳତାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛୁଁ ଏ ତଦ୍ଦ୍ୱାରା ସେ ଉପରୋକ୍ତ ପୀଡ଼ା ସକଳ କେତେଦୂର ଫଳଦାୟକ ତାହା ଅନେକ ବ୍ୟବହାର କଲେ ସାଧାରଣ ଜାଣି ପାରିବେ ।

(ପଚଶ ବର୍ଷର କଥା)

ପଚଶ ବର୍ଷ ଅବଧି ଅମ୍ଭେ ଅଣ୍ଟା ବେଦନାଦ୍ୱାରା କଷ୍ଟ ପାଉ ଥିଲୁଁ ବର୍ତ୍ତମାନ ଜବଚର ବ୍ୟବହାର କରି ଆରୋଗ୍ୟ ଲାଭ କରିଅଛୁଁ ।

ବୁଧବାର ତା ୨୨ ରଖ ମଇ ସନ ୧୮୮୩ ମସିହା
ହେ ଏଷ୍ଟ, ବୋଷ ହେଡ଼ ମାଷ୍ଟର ମିଶନ ସ୍କୁଲ
[illegible] ଅଦ୍ୟାନ୍ତର୍ଗତ ମୁକ୍ତି ଫଉ ।

ଲକ୍ଷ୍ନୌ ତା ୪ ରଖ ଜୁନ ୧୮୮୩

ପରମଆହ୍ଲାଦରେ ପ୍ରକାଶ କରୁଅଛୁଁ ଯେ ଅପଣମାନଙ୍କର ଜବଚ ନିବାରକ ଦେଖିଣ ଜଣ ଲୋକର ଅମାଶୟ ସମ୍ବନ୍ଧ ଯୁକ୍ତ ବାତ ଆକୁଞ୍ଚନତା ଧନିକଙ୍କ ପକ୍ଷାଘାତ ଓ ମସ୍ତକ ଘୂର୍ଣ୍ଣନତା ସମସ୍ତ ପୀଡ଼ାର ଆରୋଗ୍ୟ ପ୍ରଦାନ କରିଅଛି ବାସ୍ତବିକ ଏହା ସ୍ୱଳ୍ପ ମୂଲ୍ୟ ପୀଡ଼ା ସମୂହର ଅଦ୍ଭୁତ ମହୌଷଧ ।

ମାନ୍ୟବର ଶ୍ରୀଯୁକ୍ତ ବାବୁ ବନମାଳୀ ସିଂହ ଢେଙ୍କାନାଳ ମେନେଜର ମହୋଦୟଙ୍କର ପତ୍ର ପାଠେ ଉକ୍ତ ମାଦୁଳି ବିଷୟର ବିଶ୍ୱାସ ହୋଇ ପାରେ ଯଥା;—

ପ୍ରିୟ ବନ୍ଧୁ ବାବୁ ଅଦ୍ୟାବଧି ଅନେକ ଦିନ ହେବ କଟିବାତବ୍ୟାଧି ଦୂର ଜାଣ ଓ ଶାରୀରିକ ଦୁର୍ବଳତା ରୋଗରେ ଅକ୍ଷାନ୍ତ ଥିଲା ତାହାକୁ ଅପଣ ଗୋଟିଏ ମାଦୁଳି ଦେବାରୁ ଆରୋଗ୍ୟ ଲାଭ କଲା ଏଥିରେ ଏବଂ ସେ ଜଣାଇ ଅଛି ସେବକାଳୁ ସନ୍ତୋଷ ସହିତ ଲେଖୁଅଛି ଯେ ଉକ୍ତ ମାଦୁଳି ପିନ୍ଧିବାରୁ ଉତ୍ତମ ସ୍ୱାସ୍ଥ୍ୟରେ ଅଛି ।

ଯୁକ୍ତ ବାବୁ ବସନ୍ତକୁମାର ଚକ୍ରବର୍ତ୍ତୀ ମହାଶୟ
ସମୀପେଷୁ
ମହାଶୟ !

କୃତଜ୍ଞତା ପୂର୍ବକ ସ୍ୱୀକାର କରୁଅଛୁଁ ଯେ ଅମ୍ଭେ ପ୍ରାୟ ମାସକରୁ ଉର୍ଦ୍ଧ୍ୱ ହେବ ଜ୍ୱର ରୋଗରେ ଅକ୍ରାନ୍ତ ହୋଇ ନିତାନ୍ତ ଦୌର୍ବଲ୍ୟାବସ୍ଥାକୁ ପାଇଥିଲୁଁ ମାତ୍ର ସେହିଁ ଦିନରୁ ଅପଣଙ୍କର ଅଳ୍ପମୂଲ୍ୟ ମାଦୁଳି କବଚ ହୃଦୟରେ ଧାରଣ କଲୁଁ ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଶରୀର ସୁସ୍ଥ ଓ ସବଳ ହୋଇଅଛି । ଏହା ବାସ୍ତବିକ ଗୋଟିଏ ଉତ୍ତମ ଅଳ୍ପମୂଲ୍ୟ ଉପକାରୀ ଜିନିଷ ଅଟେ ଓ ସମସ୍ତଙ୍କ ଗ୍ରହଣ କରିବା ଉଚିତ କହିଏ।

ତା ୧୭ ରଖ ଅକ୍ଟୋବର ସନ ୧୮୮୩ ମସିହା
ଶ୍ରୀ ମଦନମୋହନ ସିଂହ
କଟକ ସୁବଡିଭିଜନ

ମହାଶୟ !

କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଅଷ୍ଟାହିଅ ପ୍ରାୟ ଦୁଇମାସ ହେବ ଜ୍ୱରରୋଗରେ ଅକ୍ରାନ୍ତ ଥିଲି ମାତ୍ର ଯେଉଁ ଦିନଠାରୁ ଅପଣଙ୍କ ଅଳ୍ପମୂଲ୍ୟ ମାଦୁଳି କବଚ ହୃଦୟରେ ଧାରଣ କଲି ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ବାସ୍ତବିକ ଗୋଟିଏ ଉତ୍କୃଷ୍ଟ ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଇତି।

ତା ୨୨ ରଖ ଅକ୍ଟୋବର ସନ ୧୮୮୩ ମସିହା
ଶ୍ରୀ ରାମଚନ୍ଦ୍ର ବଡ଼ପଣ୍ଡା
। ବ । ଢେଙ୍କାନାଳ

ମହାଶୟ !

ଅମ୍ଭ ପୁଅ ଅନନ୍ତ ଗତ ମାସ ୪ ଥ ଦିନ ଜ୍ୱରରୋଗରେ ଅକ୍ରାନ୍ତ ହୋଇଥିଲା ତାହାକୁ ଅପଣ ଗୋଟିଏ ମାଦୁଳି ଦେବାରୁ ସେ ତାହା ହୃଦୟରେ ଧାରଣ କଲା ଓ ସେହିଁ ଦିନରୁ ଅପଣଙ୍କର ଅଳ୍ପମୂଲ୍ୟ ମାଦୁଳି କବଚ ହୃଦୟରେ ଧାରଣ କରି ସେହିଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ଗୋଟିଏ ଅଳ୍ପମୂଲ୍ୟ ଉପକାରୀ ଜିନିଷ ଅଟେ । ଇତି ।

ତା୨୨ରଖ ଅକ୍ଟୋବର ସନ୍୧୮୮୩ ମସିହା
ବିଶ୍ୱନାଥ ମାନସିଂହ କଲେକ୍ଟର ହେଡ଼ ମୋହରର । ଜା ଢେଙ୍କାନାଳ

## ଏକଭିଗନ୍ଦ ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡିବିଆ ଟ ୧୷ ପ୍ୟାକିଂ ଖର୍ଚ୍ଚ ଟ ।୦ ଅଣା ।

## ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଜନିତ ଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଳି ଘା, ଦେହ ଓ ନାକ ଭିତରର ଘା, ଗୋଲ ଘା, କାଳ ଘା, କାହାର ଗୁଳି, କୋଷ୍ଠ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ପେଟଫୁଲା, ଗଣ୍ଠିବ୍ୟଥା, କାଶ, ଶଯ୍ୟାକ୍ଷତ, ପ୍ରସ୍ରାବପୀଡ଼ା, କୁଣ୍ଡିଆ, ଧାତୁଦୌର୍ବଲ୍ୟ ଏବଂ ଶୁକ୍ରନଷ୍ଟ ଦୁର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୷ ଙ୍କା, ପ୍ୟାକିଂ ଟ ।୦ ଅଣା । ଡଜନ ଟ ୧୦୵ ଅଣା ।

## ଜାମ୍ବୁ ତେଲ ।

ଡାକ୍ତରୀ ଉପାୟରେ ଜାମ୍ବୁରୁ ପ୍ରସ୍ତୁତ ତେଲ। ଧବଳ ଓ କୁଷ୍ଠ ରୋଗର ଯେତେ କଷ୍ଟ ଔଷଧ ଥାଏ ତେତେକ ତାହା ନାହିଁ । ଜାମ୍ବୁର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରୁଅଛୁଁ । କାଛୁ, ଦାଦୁ, କୁଣ୍ଡିଆ, ଛୁଲି, ପଦ୍ମଦାଦୁ, ଧବଳ, କୁଷ୍ଠ, ଗଳତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବଙ୍ଗଳା ଯେତେ ପ୍ରକାର ଘା ଅଛି, ତହିଁର ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୷ ଙ୍କା ଓ ଛୋଟ ବୋତଲ ଟ ୨୷ ଙ୍କା ।

ପୀଡ଼ା ଆରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ହେଡ଼ ଷ୍ଟ୍ରୀଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ୍ ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶି ଟ ୧ ।

---

## ଗବର୍ଣ୍ଣମେଣ୍ଟ କିଟୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍ତମ ଔଷଧ ବୋଲି ବିଦିତ । କଲିକତାର ପ୍ରଧାନ ପ୍ରଧାନ ଡାକ୍ତରମାନେ ଓ ଦେଶୀୟ ଔଷଧାଳୟମାନେ ଏହାକୁ ବ୍ୟବହାର କରନ୍ତି । [illegible] ସାଧାରଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୪ ଅଉନ୍‌ସର ଟ ୧ । ୮ ଅଉନ୍‌ସର ଟ ୧୷ । ୧୬ ଅଉନ୍‌ସରୁ ଟ ୨୦ ମୂଲ୍ୟ ଲାଗେ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉତ୍କଳଦୀପିକା ମୂଲ୍ୟ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ି ପ୍ରତି | ଟ ।୦ |
| ଅଧ ସ୍ତମ୍ଭକୁ | ଟ ୨୷ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୪୷ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେହେଁ ତହିଁର ଦର ଟ ।୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଏହି ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଦୀର୍ଘଚନ୍ଦ୍ର ଗୁପ୍ତ | କଟକ | ବାଙ୍କୀ | ଟ ୪୷ |
| „ ଜଗନ୍ନାଥ ମିଶ୍ର | କାଙ୍କୀ | ଏଜନ୍ସ | ଟ ୧୮୷ |
| „ ଦୈତାରୀନାଥ ଗୁପ୍ତ ଭବାନୀପାଟଣା | ଅଙ୍ଗୁଲ | ଟ ୩୷ | |

---

ଏହି ଉତ୍କଳଦୀପିକା ପତ୍ର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୨୯ ଖ
ସ ୯ ସଂଖ୍ୟା

ତା ୨ ଉଷ ମାର୍ଚ୍ଚ ମାହ ସନ ୧୮୯୪ ମସିହା । ମ । ଫାଲ୍ଗୁନ ତା ୨୦ ଜ ସନ ୧୩୦୧ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ ୮ | ଟ ୩୮ |
| ଡାକମାସୁଲ | ଟ ୦ ୪ | ଟ ୧୮ |

ମାଳଗିର ଜିଲ୍ଲାର ଶାସନ କାର୍ଯ୍ୟ ସକାଶେ ଜଣେ ଇଂରାଜ ନିଯୁକ୍ତ ହେବା କାରଣ ଶ୍ରୀଯୁକ୍ତ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ ମାତ୍ର ଶୁଣାଯାଏ ବେତନ କଷ୍ଟ ପକ୍ଷେ ନାନାନ୍ତ ଅଧିକ ହେବା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ସେ ପ୍ରସ୍ତାବ ଅଗ୍ରାହ୍ୟ କରି ଜଣେ ଉପଯୁକ୍ତ ଦେଶୀୟ ଲୋକ ଟ ୨୦୦ ଟା ପର୍ଯ୍ୟନ୍ତ ବେତନରେ ନିଯୁକ୍ତ କରିବାର ଲେଖିଅଛନ୍ତି ।

---

ଲେଫ୍ଟେନାଣ୍ଟ ଟାମସନ ସାହେବ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଓ ବଳ ଲାଭ କରିବାରୁ ବିଲାତକୁ ଯିବା ଅନାବଶ୍ୟକ ବିବେଚନାରେ ଛୁଟୀର ପ୍ରାର୍ଥନା ଫେରାଇ ନେଇ ଅଛନ୍ତି । ସୁତରାଂ ବଙ୍ଗଳାର ଗଦୀରେ ଯେଉଁ ସାମୟିକ ପରିବର୍ତ୍ତନ ଘଟିବାର ଥିଲା ତାହା ହେବ ନାହିଁ ଏବଂ କର୍ଷ୍ଟାଡ଼ ସାହେବ ବ୍ରହ୍ମଦେଶକୁ ଯିବେ । ଏଥି ମଧ୍ୟରେ ଜନରବ ଶୁଣାଯାଏ ମାନ୍ୟବର ଟାମସନ ସାହେବ ଓଡ଼ିଶା ଗସ୍ତକୁ ଶୀଘ୍ର ଆସିବେ । ତାହା ହେଲେ ବଡ଼ ସୁଖର ବିଷୟ ହେବ ।

---

ମାନ୍ଦ୍ରାଜ ପ୍ରଦେଶର ସୈନ୍ୟାଧ୍ୟକ୍ଷ ସର ଫ୍ରେଡ଼ରିକ୍ ରବର୍ଟ ସାହେବ ହି ଯେଉଁ ମହାତ୍ମା କାବୁଲ ଯୁଦ୍ଧରେ ପ୍ରସିଦ୍ଧ ଯଶ ଅର୍ଜିଥିଲେ ଆଗାମୀ ସୋମବାର ଏ ନଗରକୁ ପହଞ୍ଚି କେବଳ ଦୁଇ ଦିନ ଏଠା ପଲଟନ ଦେଖି ବୁଧବାର ବରି ଡାକଦ୍ୱାରା ଏଠାରୁ ପୁରୀକୁ ଯିବେ ଏବଂ ସେଠାରୁ ଚଲକା ବାଟେ ମାନ୍ଦ୍ରାଜ ସୀମାସ୍ଥିତ ବ୍ରହ୍ମପୁରକୁ ବାହାର ଯିବେ । ଆମ୍ଭମାନଙ୍କ କମିଶନର ଲିମିଂ ସାହେବ ଏହାଙ୍କ ସଙ୍ଗରେ ପୁରୀ ଗସ୍ତକୁ ଯାଉଅଛନ୍ତି ।

---

ତାର ସମ୍ବାଦରୁ ପ୍ରକାଶ ଯେ ଗତ ମାସ ତା ୧୪ ରିଖ ସ୍ୱତରେ ପାର୍ଲିମେଣ୍ଟ ସଭାରେ ସ୍ନାଲହୋପ ସାହେବ ଦୁଇ ହଜାର ଜମିଦାରଙ୍କ କର୍ତ୍ତୃକ ସ୍ୱାକ୍ଷରିତ ହୋଇଥିବା ଏକ ଆବେଦନ ପତ୍ର ଅର୍ପିତ କରି ବଙ୍ଗଳାର ଖଜଣା ବନ୍ଦୋବସ୍ତ ଆଇନର ବଶ୍ୟର ଚିରକାଳ ସ୍ଥିରତର ରଖିବେ କି ନା ପଚାରିଥିଲେ । ତହିଁରେ ଆମ୍ଭମାନଙ୍କର ସହୃଦୟ କାର୍ଯ୍ୟ ଷ୍ଟେଟସେକ୍ରେଟେରୀ ଜସ ସାହେବ ଉତ୍ତର ଦେଲେ ଯେ ବର୍ତ୍ତମାନ ଅଧିବେଶନରେ ତାହା ଧାର୍ଯ୍ୟ ହେବା ପ୍ରାୟ ବୋଧ ହେଉ ନାହିଁ ମାତ୍ର ଯେତେବେଳେ ହେଉ ସମ୍ପ୍ରଦାୟ ସୁହାର ଓ ଆବେଦନପତ୍ରର ବିହିତ ବିଚାର ହେବ । ସୁତରାଂ ଏ ବର୍ଷ ଏ ଆଇନ ବଳବତ୍ ହେବ ନାହିଁ ।

---

ଅଗେଷ ନାମକ ଏକ ବୃହତ୍ ବାଷ୍ପମୟ ଜାହାଜ ୬୦୦୦ ବାକ୍ସ କିରୋସିନ ତେଲ ନେଇ ଆସି କଲିକତା ମାଟିଆବୁରୁଜଠାରେ ଲଙ୍ଗର କରିଥିଲା । ପ୍ରାୟ ୩୬୦୦୦ ବାକ୍ସ ମାଲ ଉତାରିବାକୁ ଅବଶିଷ୍ଟ ଥିବା ସମୟରେ ଗତ ମାସ ତା ୨୦ ରିଖ ପ୍ରାତଃକାଳରେ ତହିଁରେ ଅଗ୍ନି ଲାଗି ସମସ୍ତ ଜାହାଜ ଓ ମାଲ ଏକାବେଳକେ ବିନଷ୍ଟ ହୋଇଅଛି । ପ୍ରାତଃକାଳ ସାତଘଣ୍ଟାଠାରୁ ସନ୍ଧ୍ୟା ଛଘଣ୍ଟା ପର୍ଯ୍ୟନ୍ତ ଅଗ୍ନି ଭୟଙ୍କରରୂପେ ଜଳୁଥିଲା ଓ ଜାଠ ଏକ ହଣ ଜଳ ଯିବା ପରେ ଯେତେବେଳେ ତେଲରେ ଅଗ୍ନି ଲାଗିଲା ସେତେବେଳେ ସେ ତେଲ ବୋହି ଯାଇ ପ୍ରାୟ ନଦୀ ବକ୍ଷରେ ଛନମାଇଲ ବାଟ ଅଗ୍ନି ସ୍ରୋତରୂପରେ ଦେଖା ଯାଉଥିଲା ଏ ଅଗ୍ନି ଯୋଗେ ଅନ୍ୟ କୌଣସି ଅନିଷ୍ଟ ହୋଇ ନାହିଁ କେବଳ ନିକଟବର୍ତ୍ତୀ କୂଳସ୍ଥିତ ଦୁଇ ତିନଖଣ୍ଡ ସାମାନ୍ୟ ଗୃହ ଦଗ୍ଧ ହୋଇ ଯାଇଅଛି ଏବଂ ଏହି ଦୁର୍ଘଟଣା ଯୋଗୁଁ କେରୋସିନ ତେଲ ଅତ୍ୟନ୍ତ ମହରଗ ହୋଇଅଛି ।

---

ଓଡ଼ିଶା ବିଭାଗର ସ୍କୁଲସ୍ଥିତ ଛାତ୍ରମାନେ ଚଳିତ ବର୍ଷରେ ଜୁନିଅର ବୃତ୍ତି ପାଇଅଛନ୍ତି ଯଥା—

ଦ୍ୱିତୀୟ ଶ୍ରେଣୀ ।

| | |
| --- | --- |
| ଶ୍ରୀଗୋପାଳ ଭଟ୍ଟାଚାର୍ଯ୍ୟ | କଟକ |
| ହରିଶ୍ଚନ୍ଦ୍ର ଦତ୍ତ | ବାଲେଶ୍ୱର |
| ଅହମଦ ଉଲ୍ଲା ଖାନ୍ | କଟକ |
| ନାରାୟଣ ପ୍ରସାଦ ମହାନ୍ତି | ” |

ତୃତୀୟ ଶ୍ରେଣୀ ।

| | |
| --- | --- |
| ହରେନ୍ଦ୍ର ନାରାୟଣ ରାୟ | ଲକ୍ଷ୍ମଣନାଥ |
| ହେଦାଏତ ଅଲୀ | ପୁରୀ |
| ଶଶୀ ଭୂଷଣ ଘୋଷ | କଟକ |
| ଶରତଚନ୍ଦ୍ର ଦାସ | କଟକ |

Digitized by srujanika@gmail.com

Split by PDF Splitter



ନରେନ୍ଦ୍ରନାଥ ମିତ୍ର ବାଲେଶ୍ୱର
ରାମଚନ୍ଦ୍ର ମିଶ୍ର ପୁରୀ

ଏମାନଙ୍କ ମଧ୍ୟରୁ କେବଳ ନରେନ୍ଦ୍ରନାଥ ମିତ୍ର ହାବଡ଼ା ଇଞ୍ଜିନିୟରିଂ କଲେଜରେ ଏବଂ ଆଉ ସମସ୍ତେ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରିବେ । ଯୋଗ୍ୟତାନୁସାରେ କଟକ ଫଳ ସରସ ଦେଖାଯାଏ ।

---

କଲିକତା ପ୍ରଦର୍ଶନୀ ଆଉ ଏକମାସ ରହିବାର ପ୍ରସ୍ତାବ ହୋଇଥିଲା ମାତ୍ର ବିଦେଶୀୟ ପ୍ରଦର୍ଶକମାନେ ଏତେ ଦୀର୍ଘକାଳ କୌଣସି ମତେ ଉପସ୍ଥିତ ରହିବାକୁ ଅସମର୍ଥ ହେବାରୁ ପ୍ରଦର୍ଶନୀ କମିଟି ଚଳନମାସ ତା ୮ ରଖରେ ପ୍ରଦର୍ଶନୀ ବନ୍ଦ କରିବାର ସ୍ଥିର କରି ଅଛନ୍ତି । ସୁତରାଂ ଆଉ ଏକସପ୍ତାହ ମଧ୍ୟରେ ଏହି ମହାମେଳା ଶେଷ ହେବ । ଶୁଣାଯାଏ ଅନେକ ଦ୍ରବ୍ୟ ବିକ୍ରୟ ହେବାକୁ ବାକି ଅଛି ଓ ଅନେକ ଲୋକ ମଧ୍ୟ ଦେଖି ପାରି ନାହାନ୍ତି । ଯାହା ହେଉ ଯୁଭାର୍ଟ ସାହେବଙ୍କର ଏଥିରେ ବିଲକ୍ଷଣ ଲାଭ ହୋଇଅଛି । କେହି୨ କହନ୍ତି କି ସେ ଦୁଇଲକ୍ଷ ଟଙ୍କା ପାଇବେ ଅନ୍ତତଃ ଏକଲକ୍ଷ ଟଙ୍କା ପାଇବା ବିଷୟରେ କେହି ସନ୍ଦେହ କରନ୍ତି ନାହିଁ । ପ୍ରତି ଆଗାମୀ ବର୍ଷ ବମ୍ବେଇଠାରେ ଗୋଟିଏ ପ୍ରଦର୍ଶନୀ ପିଟାଇବା ସକାଶେ ସେ ଅନେକ ଚେଷ୍ଟା କଲେଣି । ଏ ଚେଷ୍ଟା ସଫଳ ହେଲେ ଆଉ କେତେ ଲାଭ ହେବ କିଏ ଜାଣେ । ଇଂରାଜମାନେ କେମନ୍ତ ବ୍ୟବସାୟୀ ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

---

ଗତ କଲିକତା ଗେଜେଟରେ କେନ୍ଦ୍ରାପଡ଼ା ନାଳ ଏଲେକା ଭୂମିଖଣ୍ଡ ମଧ୍ୟରେ ଗୋ ୧୧ ଟା ସଫାଇ ନାଳ ପ୍ରସ୍ତୁତ ହେବା କାରଣ ଜମି ନିଆଯିବ ବୋଲି ଗବର୍ଣ୍ଣମେଣ୍ଟ ଘୋଷଣା କରିଅଛନ୍ତି । ଏଥି ପୂର୍ବରେ ଆଉ କେତେ ସଫାଇ ନାଳ ପ୍ରସ୍ତୁତ ହୋଇଅଛି । ଏତେ ସଫାଇ ନାଳର ପ୍ରୟୋଜନତା ଦେଖି ଅନୁମାନ ହେଉଅଛି ଯେମନ୍ତ ଏ ରାଜ୍ୟ ସର୍ବଦା କେବଳ ଜଳମୟ ହୋଇଅଛି ଓ ବାରମାସ ଘର୍ମସ୍ନାନରେ ତାହା ବୁଡ଼ି ନ ପାରି ସେଥିକୁ ଜଳ ଯୋଗାଇବା କାରଣ ନାଳ ଖୋଳା କର୍ମ ଆରମ୍ଭ ଏବଂ ଟିକ୍କାସ ସାଧାରଣ ଅର୍ଥର ଶ୍ରାଦ୍ଧ ହେଲେ । ଏମାନଙ୍କ ବିବେଚନା ଅନୁସାରେ କାର୍ଯ୍ୟ ହେଉଥିଲେ ଜଳନାଳ ପୂର୍ବରୁ ସଫାଇ-ନାଳ ପ୍ରସ୍ତୁତ ହୋଇଥାନ୍ତା । ପ୍ରକୃତ କଥା ଏହିକି ନାଳ ସମ୍ପର୍କୀୟ ହାକିମମାନେ ଦରା ସ୍ଥିତ ଜଳ ଫନ୍ଦା କରୁ, ସମସ୍ତ ଶସ୍ୟର ଜଳ ମଞ୍ଜିକୁ ଉଡିଯାଇ ସର୍ବଗ୍ରାସୀ ରୋଗ ଜାତ କରଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କର ନଡ଼ତ ଉ ଦେଶରେ ସଫାଇ ନାଳ ପ୍ରସ୍ତୁତ କରିବା ସଙ୍ଗ ସେମାନଙ୍କ ମସ୍ତିଷ୍କର ଦୂଷିତ ଜଳ ନିର୍ଗମର ନାଳ କାଟିବାର ବ୍ୟବସ୍ଥା କରନ୍ତୁ । ତାହା ହେଲେ ସର୍ବତୋଭାବରେ ସାଧାରଣ ଉପକାର ହେବ ।

---

ପୁଣି ମିଉନିସିପାଲିଟି କଟକ ନଗରର କେତେକ ପ୍ରଧାନ ସଡ଼କରେ ଅନେକ ହେବା ନିମନ୍ତେ ବଡ଼ ବ୍ୟସ୍ତ ଥିବାର ଦେଖି ସେଠା ପଢ଼ିବା କମିଶନରମାନଙ୍କ ପ୍ରତି ଯେଉଁପ ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି ତାହା ସର୍ବତୋଭାବରେ ଉପଯୁକ୍ତ ହୋଇଅଛି । କମିଶନରମାନେ ସ୍ଥାନୀୟ ଅଭାବ ସମସ୍ତ ପ୍ରତି ଉତ୍ତମ ବିବେଚନା ନ କରି ବୃଥା କାର୍ଯ୍ୟରେ ସାଧାରଣ ଅର୍ଥ ବ୍ୟୟ କରିବାକୁ ପ୍ରବୃତ୍ତ ହୋଇ ଅଛନ୍ତି ଏହିନ୍ତି ଦୁଃଖର ବିଷୟ ଅଟଇ । ପ୍ରଥମେ ନଗରବାସୀଙ୍କର ଅବସ୍ଥା ଉତ୍ତମ କର ଏବଂ ତାହାଙ୍କ ପାର୍ଶ୍ୱରୁ ଆବର୍ଜନା ଅନ୍ତର କର ତେବେ ଅଳ୍ପ ହେବ ଯେ ଗ୍ରାମରେ ଯିବା ଲୋକେ ତାହାଙ୍କ ନଗର ଅବସ୍ଥା ଦେଖି ଆନନ୍ଦିତ ହେବେ ଏବଂ ମିଉନିସିପାଲିଟୀକି ଧନ୍ୟବାଦ ଦେବେ । ଆଉ ସଡ଼କ ସବୁର ଖାଲ ଟିକିର ବର୍ତ୍ତମାନ ରହିଥିବା ସ୍ଥଳେ କେବଳ ଆଲୁଅ ଦେଖାଇ ତାହାଙ୍କ ଅପଦରୁ ଲୋକଙ୍କୁ ରକ୍ଷା କରିବାପାଇଁ ଯେବେ ମିଉନିସିପାଲିଟୀ ଅଗ୍ରସର ହୁଅନ୍ତି ତେବେ ସେ ଅର୍ଥ ଯେ ଅତ୍ୟନ୍ତ ଦୁଃଖ ଏହା ବୁଝାଇ ଦେବା ପାଇଁ ଅଧିକ ବାକ୍ୟ ବ୍ୟୟର ପ୍ରୟୋଜନ ନାହିଁ । ପୁରୁଷୋତ୍ତମ ପତ୍ରିକା ଏ ବିଷୟରେ ଯଥେଷ୍ଟ କହିଅଛନ୍ତି ଏବଂ କମିଶନରମାନେ ଯେବେ ତାହା ନ ଶୁଣିବେ ତେବେ ତାହାଙ୍କ ଅଶ୍ରୁ କାହାର ? କଟକ ଓ ବାଲେଶ୍ୱରରେ ଏହିପରି ଦାଣ୍ଡ ଖୋଲା ଜମିରୁ ଅନେକ ହାନି ହୋଇ ଅଛି ଏବଂ ଏ ସବୁ ନଗର ସକାଶେ ତାହା ତେମ ବୃଥା ବ୍ୟୟ ସାଧାରଣ ଲୋକଙ୍କ ଅଭିପ୍ରାୟରୁ ତାହା ସ୍ପଷ୍ଟ ପ୍ରକାଶ ହଉଥିବା ଲେଖକମାନେ ଉପରେ ପଡ଼ୁଅଛନ୍ତି ଏହା ଓଡ଼ିଶାର ଦୁର୍ଭାଗ୍ୟ ଭିନ୍ନ ଆଉ କ ବୋଲାଯିବ ।

---

ସନ ୧୮୮୨।୮୩ ସାଲ ବାବଦ ବଙ୍ଗଦେଶର ଶାସନ ସମ୍ପର୍କୀୟ ବାର୍ଷିକ ବିଜ୍ଞାପନ ବାହାରି ଅଛି ଏବଂ ଆମ୍ଭେମାନେ ତାହାଁରୁ ଏକଖଣ୍ଡ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏବର୍ଷର ବିଜ୍ଞାପନ ଅତ୍ୟନ୍ତ ବୃହତ ହୋଇଅଛି ଅର୍ଥାତ ଏଥିର ମୂଳ ବିବରଣ ଫୁଲସ୍କାପ ଆକାର ୫୦୦ ପୃଷ୍ଠାରୁ ଅଧିକ । ଏତଦ୍ଭିନ୍ନ ପ୍ରାୟ ୨୦୦ ପୃଷ୍ଠା ଟୀକା ଅଛି । ଅନ୍ୟାନ୍ୟ ବିଷୟ ପାଠ କରିବା ପୂର୍ବେ ଆମ୍ଭେମାନେ ଆପଣା ରୋଗପ୍ରତି ସ୍ୱଭାବତଃ ପ୍ରଥମେ ଦୃଷ୍ଟି କଲୁଁ ଏବଂ ଦେଖିଲୁଁ ଯେ ଦେଶୀୟ ସମ୍ବାଦପତ୍ର ପ୍ରତି ସ୍ଥାନୀୟ ହାକିମଙ୍କର ଯେପରି ମତ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ତଦ୍ରୂପ ଅଟଇ । ସ୍ଥାନୀୟ ହାକିମଙ୍କର ଦେଶୀୟ ସମ୍ବାଦପତ୍ର କି ପ୍ରକାର ମତ ତାହାଁର ପରିଚୟ ଆମ୍ଭେମାନେ ଓଡ଼ିଶାର ସାଧାରଣ ବାର୍ଷିକ ବିଜ୍ଞାପନର ସମାଲୋଚନାରେ ଦେଇ ଥିଲୁଁ ଏବଂ ସେତେବେଳେ ମନେ କରିଥିଲୁଁ ଯେ ତାହା କେବଳ ଓଡ଼ିଶା ସମ୍ପର୍କରେ ଅଟଇ । ବର୍ତ୍ତମାନ ଦେଖା ଯାଉଅଛି ଯେ ସମସ୍ତ ଦେଶର ସ୍ଥାନୀୟ ହାକିମଙ୍କ ସେହି ମତ ଏବଂ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଅବିକଳରେ ତାହା ଗ୍ରହଣ କରିଅଛନ୍ତି । ସ୍ଥାନୀୟ ହାକିମମାନେ କହିଅଛନ୍ତି କି ଦେଶୀୟ ସମ୍ବାଦପତ୍ରମାନେ ସର୍ବଦା ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଅଯୌକ୍ତିକରୂପେ ପ୍ରତିଦ୍ୱନ୍ଦ୍ୱିତା ଦେଖାନ୍ତି ଏବଂ ଲେଫ୍ଟେନାଣ୍ଟ ଗବର୍ଣ୍ଣର ତାହାଙ୍କରେ ଐକ୍ୟ ହୋଇଅଛନ୍ତି । ଏଥିରୁ ଆମ୍ଭେମାନେ ପଚାରୁଁ କି ଯେଉଁ ସ୍ଥାନୀୟ ହାକିମଙ୍କ କଥା ସାର ହେଲା କେବଳ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ବିବେଚନା କେଉଁଠାରେ ରହିଲା ? ଦେଶୀୟ ସମ୍ବାଦପତ୍ରମାନ ଯେତେବେଳେ ସ୍ୱୟଂ ଗବର୍ଣ୍ଣମେଣ୍ଟ ପଢ଼ି ଥାଆନ୍ତି କେବେ ଅନୁବାଦ ଦ୍ୱାରା ସେପରି ଜାଣନ୍ତି ନାହିଁ । ତେବେ ସ୍ଥାନୀୟ ହାକିମମାନେ କି ସମସ୍ତ ସମ୍ବାଦପତ୍ର ପଢ଼ନ୍ତି ? ସୁତରାଂ ସେପରି ମତର ମୂଲ୍ୟ କେତେ ।

---

### ଜିଲ୍ଲାର ସମ୍ପର୍କୀୟ ଅନୁସନ୍ଧାନ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଅମ୍ଭମାନଙ୍କର ନୂତନ କମିଶନର ଶ୍ରୀଯୁକ୍ତ ଲଷ୍ଟିଙ୍ଗ ସାହେବ ଜନକର ହେବୁ ପ୍ରଜାଙ୍କର ଯେଉଁ ଦୁଃଖ ହୋଇଅଛି ତାହାଁର ଅନୁସନ୍ଧାନରେ ପ୍ରବୃତ୍ତ ହୋଇଅଛନ୍ତି । ସାହେବ ସ୍ୱୟଂ ନିଜ କମିଶନର ଭ୍ରମଣ ସମ-

Digitized by srujanika@gmail.com

Split by PDF Splitter



ସ୍ତୁରେ ପ୍ରଜାଙ୍କର ଦୁଃଖର ତାହାଙ୍କ କର୍ଣ୍ଣଗୋଚର ହୋଇଥିଲା ତହିଁରେ ସେ ବ୍ୟସ୍ତ ହୋଇ ଜାଲ କର୍ମଚାରୀଙ୍କଦ୍ୱାରା ପ୍ରଜାଙ୍କପ୍ରତି କୌଣସି ଅତ୍ୟାଚାର ହେଉଅଛି କି ନାହିଁ ଏବଂ ସକଳପ୍ରକାର ଜମି ଜମିର ଏକ ସ୍ଥଳରେ ଜଳକର ନେବା ଉଚିତ ଅଟଇ କି ନା ଏଥିର ଅନୁସନ୍ଧାନ ନିମନ୍ତେ କଲେକ୍ଟର ସାହେବଙ୍କୁ ଆଦେଶ ଦେଲେ ଏବଂ କଲେକ୍ଟର ସେହି ଅନୁସନ୍ଧାନର ଭାର ଶ୍ରୀଯୁକ୍ତ ଗୁପ୍ତ ସାହେବଙ୍କୁ ଅର୍ପଣ କରିଅଛନ୍ତି। ଗୁପ୍ତ ସାହେବ ସୁବିବେଚନା ପୂର୍ବକ ସମସ୍ତ କାର୍ଯ୍ୟ କରିବାଦ୍ୱାରା ଯେପରି ପ୍ରଜାରଞ୍ଜକ ହୋଇଅଛନ୍ତି ତହିଁରେ ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ସେ ସାବଧାନ ପୂର୍ବକ ଅନୁସନ୍ଧାନ କରି ଉଚିତ ରିପୋର୍ଟ ପଠାଇବେ ଏବଂ ତଦ୍ୱାରା ପ୍ରଜାଙ୍କର ଦୁଃଖ ଅନେକ ପରିମାଣରେ ଲାଘବ ହେବ। କମିଶ୍ନର ସାହେବ ଯେ ସ୍ଥଳେ ସ୍ୱୟଂ ଏହିବିଷୟରେ ମନୋଯୋଗ ପ୍ରଦାନ କରିଅଛନ୍ତି ସେ ସ୍ଥଳେ ସେ ଯେ ପ୍ରକୃତ ରୋଗ ନିର୍ଣ୍ଣୟ କରିବାକୁ ସମର୍ଥ ହେବେ ଏବଂ ତହିଁର ଉପଯୁକ୍ତ ପ୍ରତିବିଧାନ କରିବେ ଏଥିରେ ସନ୍ଦେହ ହେଉ ନାହିଁ ଏବଂ ଯେବେ କଦାଚିତ୍ ତାହାଙ୍କର ଏହି ଅନୁଷ୍ଠାନର ଫଳ ସର୍ବସାଧାରଣଙ୍କ ଇଚ୍ଛାନୁରୂପେ ନ ଫଳିଲେ ମଧ୍ୟ ଅମ୍ଭେମାନେ ବର୍ତ୍ତମାନ ଯେମନ୍ତ ତାହାଙ୍କ ସାଧୁ ସଂକଳ୍ପର ପ୍ରଶଂସା କରୁଅଛୁଁ ସେତେବେଳେ ସୁଦ୍ଧା ସେହିପରି କରିବୁଁ। କାରଣ ସେ ଏହି ଅନୁସନ୍ଧାନ ଆରମ୍ଭ କରିବାଦ୍ୱାରା ପ୍ରଜାବତ୍ସଲତାର ପରିଚୟ ଦେଇଅଛନ୍ତି। କମିଶ୍ନର ସାହେବ ଆପଣା ବିଭାଗ ମଧ୍ୟରେ ଗବର୍ଣ୍ମେଣ୍ଟଙ୍କର ପ୍ରତିନିଧି ଅଟନ୍ତି। ସମସ୍ତଙ୍କର ସୁଖଦୁଃଖ ତାହାଙ୍କୁ ଲାଗେ। ଯେଉଁ କମିଶ୍ନର ଆପଣା କର୍ତ୍ତବ୍ୟ ପ୍ରକୃତରୂପେ ନିର୍ବାହ କରିବାକୁ ଇଚ୍ଛା କରନ୍ତି ସେ ସର୍ବାଗ୍ରେ ପ୍ରଜାଙ୍କ ଦୁଃଖ ଦୂର କରିବାକୁ ଯତ୍ନଶୀଳ ହେବେ। ଜଳକର ବିଷୟରେ ପ୍ରଜାଙ୍କର ଯେଉଁ ଅସନ୍ତୋଷ ଜାତ ହୋଇଅଛି ଏହା କହିବା ଅଧିକ। ଗତ ବାର୍ଷିକ ବିକ୍ଷେପନାରେ ଏଠା କଲେକ୍ଟର ସେ କଥା ପ୍ରସ୍ତାବରେ କମିଶ୍ନର ସାହେବଙ୍କୁ ଜଣାଇ ଥିଲେ ମାତ୍ର ସେତେବେଳେ ଶ୍ରୀଯୁକ୍ତ ସ୍ମିଥ ସାହେବ କମିଶ୍ନର ଏଥିରେ ଯେପରି ଆସ୍ଥା ପ୍ରକାଶ କଲେ ତାହା ପାଠକମାନଙ୍କୁ ଏଥିପୂର୍ବେ ଜଣାଇ ଅଛୁଁ। ସେ ଏହିକି କହି ସନ୍ତୁଷ୍ଟ ହେଲେ ଯେ ଜଳକର ସମ୍ପର୍କରେ ପ୍ରଜାଙ୍କ ଅସନ୍ତୋଷ ନେବଳ ନାନାକଳ୍ପଥା ଭୂମି ଖଣ୍ଡରେ ଆବଦ୍ଧ ଏବଂ ସୁପାଳନ ହେଉଥିବା ତାହା ରହୁଅଛି। ବୃଷ୍ଟିର ଅଭାବ ହବେ ସ୍ମରଣ ହେଲେ ପ୍ରଜାମାନେ ସକଳ ଅସନ୍ତୋଷ ପାସୋରି ଯାଇ ନାନାକୂଳ ଯୋଗ ପଲାଇବେ। ଶ୍ରୀଯୁକ୍ତ ସ୍ମିଥ ସାହେବ ଜଣେ ପ୍ରଶଂସନୀୟ କମିଶ୍ନର ତାହା ଅମ୍ଭେମାନେ ପୁନଃପୁନ କହୁଅଛୁଁ ଏବଂ ଏତେବେଳେ ସୁଦ୍ଧା ସ୍ୱୀକାର କରୁଅଛୁଁ ଏବଂ ଜଳକର ବିଷୟରେ ସେ ଯାହା କହିଥିଲେ ତାହା ବାସ୍ତବରେ ସଙ୍ଗତ ଏହା ମଧ୍ୟ ସ୍ୱୀକାର କରୁଅଛୁଁ। ମାତ୍ର ତାହାଙ୍କର ଉପରଲିଖିତ ମନ୍ତବ୍ୟ ଯେ ନିତାନ୍ତ ସଂକୀର୍ଣ୍ଣଭାବପୂର୍ଣ୍ଣ ଏହା ଅବଶ୍ୟ ମାନିବାକୁ ହେବ। ସେ କେବଳ ଗବର୍ଣ୍ମେଣ୍ଟଙ୍କ ରାଜସ୍ୱ ପ୍ରତି ଦୃଷ୍ଟି କଲେ ପ୍ରଜାଙ୍କର ଦୁଃଖରେ ସହାନୁଭୂତି ଦେଖାଇଲେ ନାହିଁ। ତାହାଙ୍କର କହିବା ଭାବ ଏହିକି ଯେତେବେଳ ପର୍ଯ୍ୟନ୍ତ ରାଜସ୍ୱ ଆଦାୟର ଉପାୟ ଅଛି ସେତେବେଳ ପର୍ଯ୍ୟନ୍ତ ପ୍ରଜାଙ୍କର ଅବସ୍ଥା ବିଚାର କରିବାର ଆବଶ୍ୟକ ନାହିଁ ବରଂ ଅକାଳରେ ୧୦ ପ୍ରଜା ଟଙ୍କା ଦେଉଥିଲେ ଭଲ କିନ୍ତୁ ଶ୍ରୀଯୁକ୍ତ ଲର୍ଟନ ସାହେବଙ୍କର ଭାବ ଠିକ ଏଥିର ବିପରୀତ ଅଟଇ। ସେ ସକଳଠାରୁ ପ୍ରଜାଙ୍କର ଅସନ୍ତୋଷକୁ ଗୁରୁତର ମଣିଅଛନ୍ତି ଏବଂ ସେହି ଅସନ୍ତୋଷ ସାଧାରଣ ଥିବାର ଅବଗତ ହେବା ମାତ୍ରେ ସ୍ୱୟଂ ତହିଁର ସତ୍ୟାସତ୍ୟ ଏବଂ ମୂଳ କାରଣ ଜାଣିବାକୁ ବ୍ୟଗ୍ର ହୋଇଅଛନ୍ତି। ଅବଶ୍ୟ ଅମ୍ଭେମାନେ ଆଶା କରୁଁ କି କମିଦାର ଓ ପ୍ରଜାମାନେ ଏ କଥା ଶୁଣି ଆଶ୍ୱସ୍ତ ହେବେ ଯେ କଟକର ଶିରଦେଶରେ ସେମାନଙ୍କର ପ୍ରକୃତ ବନ୍ଧୁ ବସିଅଛନ୍ତି ଏବଂ ଏ ବିଷୟରେ ସେମାନଙ୍କର ଯେ ସମସ୍ତ ଦୁଃଖ ଅଛି ସେ ସମସ୍ତ ଯଥାର୍ଥ ରୂପେ ଜଣାଇବାକୁ ଅବସର ହେବେ। ସେମାନଙ୍କର ଉଚିତ ଗୁହାରି ଜଣାଇବାର ଉପଯୁକ୍ତ ସମୟ ଉପସ୍ଥିତ ହୋଇଅଛି। ଏତେବେଳେ ହେଳା କରିବାର ନୁହଇ। ଜମିଦାର ଓ ପ୍ରଜାମାନେ ଆସ ଏହି ସମୟରେ ଯାହା ଉପରେ ନାନା ବହିଅଛି ମନ ଫେଡ଼ କର। ଯେବେ ତୁମ୍ଭମାନଙ୍କର ଗୁହାରି ଯଥାର୍ଥ ଥିବ ଏବଂ ଯେବେ ତାହା ସରଳଭାବରେ ବର୍ଣ୍ଣନା କରିବ ତେବେ ଅବଶ୍ୟ ତାହା ଶୁଣାଯିବ ଏବଂ ତଦ୍ୱାରା ତୁମ୍ଭମାନଙ୍କର ସ୍ଥାୟୀ ମଙ୍ଗଳ ହେବ।

---

( ପ୍ରାପ୍ତ )

ଚେଉଦନରେ କଟକ କଲକତା ମଧ୍ୟରେ ଗତାୟାତ।

ଅମ୍ଭେମାନେ ଆନନ୍ଦପୂର୍ବକ ଶୁଣିଲୁଁ ଯେ ମେକନଲ କମ୍ପାନୀ କଲିକତା ଓ ଚାନ୍ଦବାଲି ମଧ୍ୟରେ ପ୍ରତିଦିନ ଜାହାଜ ଚଳାଇବାର ମନସ୍ଥ କରି ଶ୍ରୀଯୁତ କମିଶନର ସାହେବଙ୍କ ଠାରୁ ଚିଠି ଲେଖି ଅଛନ୍ତି ଓ ଗବର୍ଣ୍ମେଣ୍ଟଙ୍କର ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି। ସେ ବୋଲନ୍ତି ସରକାର ତାଙ୍କୁ ବାର୍ଷିକ ଲକ୍ଷେ ଟଙ୍କା ସାହାଯ୍ୟ ଦାନ କଲେ ସେ ପ୍ରତିଦିନ ଜାହାଜ ଚଳାଇବେ ଓ ଏ ସାହାଯ୍ୟର ପ୍ରତିଦାନ ସ୍ୱରୂପ କଲିକତାର ଡାକ କଟକ ଓ ବାଲେଶ୍ୱରକୁ ନେବା ଆଣିବା କରିବେ। ଶ୍ରୀଯୁତ କମିଶନର ସାହେବ ଏ ବିଷୟରେ କି ବିଚାର କରିଅଛନ୍ତି ଅମ୍ଭମାନଙ୍କୁ ଜଣା ନାହିଁ କିନ୍ତୁ ଅମ୍ଭମାନଙ୍କ ବିବେଚନାରେ ଅନ୍ତତଃ କୋଷ୍ଟକେନାଲ ଫିଟିବା ପର୍ଯ୍ୟନ୍ତ ଏପରି ସାହାଯ୍ୟ କରିବାର ଗବର୍ଣ୍ମେଣ୍ଟଙ୍କର କର୍ତ୍ତବ୍ୟ। କଲିକତା କଟକ ଓ ବାଲେଶ୍ୱର ଡାକ ଜାହାଜ ବାଟେ ଗତାୟାତ କଲେ ଯେ ସରକାରଙ୍କର ଏକଲକ୍ଷ ଟଙ୍କା କ୍ଷମା ତଦନୁରୂପ ବନ୍ତୁ ଲାଭ ହେବ ଏମନ୍ତ ନୁହେ ମାତ୍ର ଅନ୍ୟାନ୍ୟ ପ୍ରକାରେ ସରକାର ଓ ସର୍ବ ସାଧାରଣଙ୍କର ଯେ ଅସୀମ ଲାଭ ଓ ସୁବିଧା ହେବ ତହିଁର ମୂଲ୍ୟ ଲକ୍ଷ୍ୟରୁ ଅଧିକ ଅବଶ୍ୟ ମଣିବାକୁ ହେବ। ଯଦି ଡାକ ବାବଦରେ ସରକାରଙ୍କର କେତେ ଟଙ୍କା ନ ବଞ୍ଚିବ ତେବେ ବର୍ତ୍ତମାନ ଅପେକ୍ଷା ଅଳ୍ପ ସମୟରେ ଡାକ ଗତାୟାତ କରିବ ଏହା ଗୋଟିଏ ବଡ଼ ଲାଭ ଅଟେ। ବର୍ତ୍ତମାନ ସପ୍ତାହରେ ଥରେ ଜାହାଜ ଗତାୟାତ କରୁଥିବାରୁ ପଥିକମାନେ ଏବଂ ସପ୍ତାହକାଳ ରହିଁ ଦସ୍ତୁ ଓ ବାଣିଜ୍ୟ ଦ୍ରବ୍ୟ ସୁଲଭରେ ଚାଲାଣ ହୋଇ ପାରୁ ନାହିଁ। ପ୍ରତିଦିନ ଜାହାଜ ଯାତାୟାତ କଲେ ପଥିକ ଓ ବାଣିଜ୍ୟ ଉଦ୍ୟମଙ୍କ ପକ୍ଷରେ ବିଶେଷ ସୁବିଧା ହେବ। ବାଣିଜ୍ୟ ଦ୍ରବ୍ୟ ଅଧିକ ପରିମାଣରେ ଆମଦାନୀ ରପ୍ତାନୀ ହେଲେ କଷ୍ଟମ ଡିଉଟି ଅର୍ଥାତ ଶୁଳ୍କ ଦ୍ୱାରା ଗବର୍ଣ୍ମେଣ୍ଟଙ୍କର ପ୍ରକାଶ୍ୟରୂପେ ଲାଭ ହେବ। ଯହିଁରେ ଜନସାଧାରଣଙ୍କର ସୁବିଧା ଏବଂ ବାଣିଜ୍ୟ ଓ ଦେଶର ଉନ୍ନତି ତହିଁରେ ଗବର୍ଣ୍ମେଣ୍ଟଙ୍କର ମନୋଯୋଗ ଓ ଅର୍ଥ ବ୍ୟୟ କରିବାର ବିଧେୟ। ମେକନଲ କମ୍ପାନୀ ବୋଲନ୍ତି ଚାନ୍ଦବାଲିରୁ ଆସାମ ପ୍ରଦେଶକୁ ଯେ ଜାହାଜ ଯିବା ଆସିବା କରୁଛ ଗବର୍ଣ୍ଣ-

Digitized by srujanika@gmail.com

Split by PDF Splitter



ମେଣ୍ଟ ତାହାଙ୍କୁ ଏହିପରି ସାହାଯ୍ୟ କରୁଅଛନ୍ତି ତେବେ କଲିକତା ଗୃନବାଲି ଜାହାଜ କି ସହାରେ ସାହାଯ୍ୟ ନ ପାଇବ ? ଅତଏବ ଆମ୍ଭେମାନେ ଅନୁରୋଧ କରୁଁ ଯେ କମିଶନର ସାହେବ ମେକନିଲ କମ୍ପାନୀଙ୍କ ପ୍ରାର୍ଥନାର ପୋଷକ ହଅନ୍ତୁ ଓ ଗବର୍ଣ୍ଣମେଣ୍ଟ ତାହା ଦେଖା କରନ୍ତୁ ।

ଏହି ସୁଯୋଗରେ ଆମ୍ଭେମାନେ ଏ ସମ୍ବନ୍ଧରେ ଆଉ ଗୋଟିଏ ବଡ ସୁବିଧାର ପ୍ରସ୍ତାବ କରୁଅଛୁଁ ତାହା ଏହି—ଗୃନବାଲି ଜାହାଜ କଲିକତା ପର୍ଯ୍ୟନ୍ତ ନ ଯାଇ ଡାଏମଣ୍ଡ ହାର୍‌ବରରେ (Diamond Harbour) ଲାଗିବ ଓ ସେଠାରୁ ରେଲରେ ଯିବା ଆସିବା ହେବ । ଡାଏମଣ୍ଡ ହାରବର ଜାହାଜ ଉତ୍ତରଣର ସ୍ଥାନ ବା ବନ୍ଦର ସ୍ୱରୂପ ନିର୍ଦ୍ଧାରିତ ହୋଇଅଛି ଓ ଏଥିର ବିଜ୍ଞାପନ ଏଥିପୂର୍ବେ ଗେଜେଟରେ ପ୍ରକାଶିତ ହୋଇଅଛି ବର୍ତ୍ତମାନ ଗୃନବାଲି ଜାହାଜ କଲିକତାରେ ଦେଡଦିନରେ ପହଞ୍ଚଇ ଓ ଗଙ୍ଗା ନଦୀରେ ରାତ୍ରରେ ଯିବାର ସୁବିଧା ନ ଥିବାରୁ ଗଙ୍ଗା ମୁହାଣରେ ରାତ୍ରକାଳ ଅଟକି ରହଇ । ଗୃନବାଲିଠାରୁ ଜାହାଜ ଦଶ ନିଅ ଦଶଘଣ୍ଟା ସମୟରେ ବାହାରିଲେ ସେହି ଦିନ ସନ୍ଧ୍ୟା ସମୟରେ କିମ୍ବା କିଛି ରାତ୍ରରେ ଡାଏମଣ୍ଡ ହାର୍‌ବରରେ ପହଞ୍ଚିବ ଓ ସେଠାରୁ ରେଲରେ ଯାଇ ଦୁଇ ତିନଘଣ୍ଟା ମଧ୍ୟରେ କଲିକତା ପହଞ୍ଚି ପାରିବ ଏହି ପ୍ରକାରରେ ଗୃନବାଲିରୁ କଲିକତା ପର୍ଯ୍ୟନ୍ତ କେବଳ ୨ ୧୬ ଘଣ୍ଟା ର ପଥ ହେବ । ଏହା ହେଲେ ପ୍ରତିଦିନ କଟକରୁ ଗୃନବାଲିକୁ ଜାହାଜ ଗଲାଆସିବାର ବନ୍ଦୋବସ୍ତ କରାଯିବ । ଅଲଗ୍ ନେଲାଲ୍ ଖୋଲିଲେ ଏବଂ କଟକ ଓ ଗୃନବାଲିର ଜାହାଜର ଗତି କିଛି ତୀକ୍ଷ୍ଣ କରାଇଲେ କଟକରୁ ଗୃନବାଲି ପର୍ଯ୍ୟନ୍ତ ୨ ୧୨ କିମ୍ବା ୨ ୧୮ ଘଣ୍ଟା ସମୟ ଲାଗିବ । ବର୍ତ୍ତମାନ ଜମ୍ବୁଘାଟେ ଗୃନବାଲି ପହଞ୍ଚିବାକୁ ୨ ୨୪ ଘଣ୍ଟା ଲାଗଇ, ଅଲଗ୍‌ଭାବରେ ଖୋଲିଲେ ବାଟ ଅନେକ କମି ଯିବ ଓ ନାବ ଜାହାଜ ବେଗରେ ବୃଦ୍ଧି ଗଲେ ୨ ୧୨ ଘଣ୍ଟାରେ ଗୃନବାଲି ପହଞ୍ଚିବାର ଅତଡ଼ ନୁହଇ । କିମ୍ବା ଅଉ ଅଧିକ ୨ ୧୮ ଘଣ୍ଟା ଲାଗିବ । କଟକରୁ ଦିନ ୨ ୧୦ ଘଣ୍ଟା ସମୟରେ ଜାହାଜ ସେହିଦିନ ରାତ୍ର ଶେଷରୁ ଗୃନବାଲିରେ ପହଞ୍ଚି ସକାଳେ ସେଠାରେ ଷ୍ଟୀମର ଧର ନଅ ଦଶଘଣ୍ଟା ସମୟରେ ଜାହାଜରେ ଯାଇ ସେହିଦିନ ସନ୍ଧ୍ୟା ସମୟରେ ଡାଏମଣ୍ଡ ହାରବରରେ ଓ ରାତିଏଗାରଟାରେ ଯାଇ ରାତ୍ର ଦଶ ଏଗାର ଘଣ୍ଟା ସମୟରେ କଲିକତାରେ ପହଞ୍ଚି ପାରିବ । ଏହି ପ୍ରକାରରେ କେବଳ ଦେଢ଼ ଦିନ ଲାଗିବ । ବର୍ତ୍ତମାନ ପାଞ୍ଚଦିନ ଲାଗୁଅଛି । ପାଞ୍ଚଦିନ ପରିବର୍ତ୍ତେ ଯଦି ଦେଢ଼ଦିନ ହୁଏ ତେବେ ଯେ କେତେ ସୁବିଧା ଓ ସୁଖ ହେବ ଏହା କୋଇବା ବାହୁଲ୍ୟ । ଅତଏବ ଆମ୍ଭେମାନେ ଶ୍ରୀଯୁତ କମିଶନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ମେକନିଲ କମ୍ପାନୀଙ୍କୁ ସାହାଯ୍ୟ ଦେବା ସମ୍ବନ୍ଧରେ ଏଥିର ମଧ୍ୟ ବିଚାର କରନ୍ତୁ ଓ ଯେପରି ଏହା କାର୍ଯ୍ୟରେ ପରିଣତ ହୁଏ ସେପରି ଉପାୟ କରନ୍ତୁ ।

---

ଓଡିଆ ସାର

(ମଉଥ୍ୟା ଧର)

ପୂର୍ବପ୍ରକାଶିତ ପରରୁ ।

"ମାତଃ ! ଯେ ତୁମ୍ଭଙ୍କୁ ଏପରି କଷ୍ଟ ଦେଇ ଅଛି ପିତାଙ୍କୁ ବଧ କରିଅଛି, ବାଦୀଗ୍ରସ୍ତ ଅନ୍ୟାୟ କରିଅଛି, ମୁଁ ପ୍ରତିଜ୍ଞା କରି କହୁଅଛି —ସେ ଦୁଷ୍ଟକୁ ମୋହମ୍ମଦ (କାଜୀ) କୁ ଦଣ୍ଡ ଦେଇ ଶାନ୍ତି ଦେବାକୁ କୁଣ୍ଠିତ ହେବ ନାହିଁ । ମୁଁ ବୀରର ପୁତ୍ର ବୀର, କେଶୀଦେବର ତଥା ମିତ୍ର ନୃଦେ, ଆଶୀର୍ବାଦ କର, ଦେଶ୍ମା କରେଁ ବାଙ୍କୀର ରକ୍ଷା ହେବ, ପ୍ରଜାଙ୍କର ଦୁଃଖ ଦୂର କରିବ । ଦଅ ଆଦେଶ ଦିଅ, ସତେଶ୍ମା । ଶୁଭକାର୍ଯ୍ୟରେ ବିଳମ୍ବ ଶୋଭନୀୟ ନୁହଇ ।" ଗେ ବାପ ! ତୁ ମୋହର ଜୀବନଦାତାଙ୍କର କମ୍ବରେ ପ୍ରାର୍ଥନା କର—ମୁଁ ତୋହର ଏହି ଶୁଭ ଉଦ୍ଦେଶ୍ୟରେ ବାଧା ଦେବାକୁ ଇଚ୍ଛୁକ ନୁହେଁ ବରଂ ଯହିଁରେ ମନୋରଥ ସିଦ୍ଧି ହୁଏ ସେଥି ପ୍ରତି ଯତ୍ନ ହେବ ! ମୁକ୍ତଥ ମାତୃସ୍ନେହ ବୃଦ୍ଧଙ୍କ କଣ୍ଠରେ ଉପସ୍ଥିତ ହୋଇ ମାନସ-ଜଳ ଗ୍ରନ୍ଥ ବର୍ଷିଲ୍ଲ କଲେ । ବୃଦ୍ଧ କହିଲେ—ଦେବ ! ବା, ଲଦର ଏତ ଦୁଃଖ ମଧ୍ୟରେ ଜଡାରେ ତୁମ୍ଭର ମଧ କେଁସେ ? ଦେଶ କହିଲେ ଏ ଉମଣି ଶେଷିଥ୍ୟ ଭାର୍ଯ୍ୟା ହୋଇ କପରି ଯାଉ—ଅଭିବାସ ସାଥିରେ ପ୍ରତିବନ୍ଧକ ହେବ ? ଆପଣ ପିତୃ ହନ୍ତ ବ୍ୟବହାର କରୁ ନ ଥିଲେ ଅଉ ଦୁଃଖ ଯୁଦ୍ଧୋଦ୍ୟତ ହୁଅନ୍ତା ନାହିଁ, ସେହି ଦସ୍ୟୁଙ୍କର ଦଣ୍ଡ ବକ୍ଷରେ ବାଙ୍କୀର ଗୌରବାନ୍ୱିତ ରାଜବଂଶ ଲୁପ୍ତ ହୋଇ ଥାନ୍ତା । ଏତେବେଳେ ବାଳକ ଯହିଁରେ ସିଦ୍ଧକାମ ହୁଏ ତହିଁରେ ମନୋଯୋଗ କଲେ ଆପଣ ଆଶ୍ରୟଦାନ, ଏତାଦୃଶ ,ବାଲ ସାବଧାନରେ ଲାଳନପାଳନ ଓ ଟିଉକଙ୍କୁ ବନ୍ଧବାର ସଫଳ ହେବ ଏବଂ ଧନବସ୍ତି ଭୂମିର ଯଶ ଗାଇ ଜୀବନ କ୍ଷେପଣ କରନ୍ତେ ।

ବୃଦ୍ଧ କହିଲେ ମୂଳ ! ଆମ୍ଭେ ଏତେଦିନ ତୁମ୍ଭର ଭାବ ଶ୍ରବଣକୁ ଅନାଇ ଗୋପନଭାବ ଅବଲମ୍ବନ କରିଥିଲୁଁ । ଅଜ ତୁମ୍ଭର ଏପରି ଭାବ ଦର୍ଶନ କରି ହୃଦୟ ଉପର ଅଦ୍ଭୁତପୂର୍ବ ଆନନ୍ଦରେ ଉମଜ୍ଜିତ ହେଉଅଛି । ତାହା ବାକ୍ୟରେ ବର୍ଣ୍ଣିତ ପାରୁ ନାହିଁ । ମୋତେ ନିଃସନ୍ଦେହ ବୋଧ ହେଉଅଛି—ତୁମ୍ଭର ଅଭୀଷ୍ଟ ସିଦ୍ଧି ହେବ, କେଶୀଦେବ ବଚନ ସତ୍ୟ ହେବ । ତେବେ ଏତକ—ଏ ଗୁରୁତ୍ୱକାର୍ଯ୍ୟ ତୁମ୍ଭ ବାହୁ-ସାମର୍ଥ୍ୟରେ ସାଧିତ ହୋଇ ନ ପାରେ । ମୁକ୍ତଥ ନିଜ ସଙ୍ଗୀମାନଙ୍କୁ ଅପଣାର ମୁହୂର୍ତ୍ତ ପରିଚୟ ପ୍ରଦାନ କଲେ, ବୃଦ୍ଧ ପାଇକମାନଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ । "ଅଗ ବାଳର ଲୋକମାନେ ମାତ ସକାଶେ ପ୍ରାଣତ୍ୟାଗ କରିବାକୁ ଶ୍ରେୟସ୍କର ଜ୍ଞାନ କରୁଥିଲେ" ଏ କଥାର ପ୍ରମାଣ ତୁ ମ୍ଭର ପରିମାଣ ଦେଖା ଅଛି । ସେତେବେଳେ ଯେତେ କାର୍ଯ୍ୟ ଯୁଦ୍ଧ ମଧ୍ୟ ହେଉ ଥାନ୍ତା କିମ୍ବା କେହି ସେଥିନ୍ତୁ-ସନ୍ତାନ ସାଗର ଭର୍ତ୍ତା ହୋଇ ଥାନ୍ତେ ତେବେ କୃତା ନ ଯାଏ ମୁସଲମାନ—ଉତ୍ପୀଡ଼ନରେ ଜୀବନ୍ମୃତ ପ୍ରଜାମାନେ ଅପଣାର ରାଜକୁମାରଙ୍କ ପାଇ ତାଙ୍କ ପକ୍ଷ ଅବଲମ୍ବନ କରିବାକୁ ଯେ ସ୍ୱୀକୃତ ହେବେ ତହିଁରେ ସନ୍ଦେହ ନାହିଁ । ଦୁହିଙ୍କ ଚେଷ୍ଟାରେ ଜଣ ୫୦ ଯା ୫ ସୈନ୍ୟ ସଂଗୃହୀତ ହେଲେ । ଧନେ ଅନୁଚରଙ୍କୁ ନେଇ ସମ୍ମୁଖ ସମରରେ ପ୍ରବୃତ୍ତ ନ ହୋଇ ଗ୍ରାମ ଉତ୍ପାତ ଲୁଟପାଟ କରିବାକୁ ଲାଗିଲେ । ରାଜ୍ୟମଧ୍ୟ ଏହି ବାର୍ତ୍ତା ପ୍ରଚରିତ ହେଲା, ଧନଙ୍କର କ୍ରମଶଃ ସୈନ୍ୟ ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା ଏବଂ ତହିଁ ସଙ୍ଗେ ଉତ୍ପାତ ଅଗ୍ନି କ୍ରମଶଃ ବ୍ୟାପିତ ହୋଇ ଭୟଙ୍କର ହେବାକୁ ଲାଗିଲା ।

ଅଜ ପଠାଣ ମନରେ ସେ ସ୍ୱାଚ୍ଛନ୍ଦ୍ୟ ନାହିଁ କିମ୍ବା ସେ ସ୍ନେହାସ୍ପଦ ବାହିଁ । ଅଜ ତାହାଙ୍କର ମାନସ ଭୂମିରେ ଚିନ୍ତାରାଶି ଅଶାନ୍ତ ଜନଇଅଛି । ଉପାୟାନ୍ତର ନ ଦେଖି ଗ୍ରାମରକ୍ଷକ ଦେବଙ୍କୁ ସମାଚାର ଦେଲେ । ରାଜ୍ୟରେ ଅନେକ ମୁସଲମାନ ସଂସ୍ଥାପନର ଉପକ୍ରମ କଲେ, ପ୍ରଜାଙ୍କ ନିକଟରେ ଅଧିକାର ଉଠାଇବାକୁ ଲାଗିଲେ, ଧର୍ମକୁ ଦୁଷ୍କରରେ ଅଶ୍ରୟ ହେବାକୁ ଲାଗିଲେ । ଏହା ଛାଡି "ଅଶା ଅଶା"

Digitized by srujanika@gmail.com

ଉଡ଼ିବାକୁ ଲାଗିଲେ । "ମଲା ବେଳେ କଥଗ ଖୋଜି ଦେଲେ ସମ ଛଡ଼ ଦେବ କି ?" ହେ ପଠାଣ ! ତୁମ୍ଭେ ହଳେ ଦୁଇଦନ ନୁହେ, ମାଷେ ଦୁମାସ ନୁହେ, ବର୍ଷେ ଦ୍ୱିବର୍ଷ ନୁହେ ସୋଳବର୍ଷ କାଳ ଖଜଡ଼ ଭୋଗ କଲଣି ତହିଁର ଫଳ, କେଉଁ ଦନ ପ୍ରଜାଙ୍କର ଅନିଷ୍ଟ ନଥ କାହିଁ ? ବନ୍ଧରେ ତାହାର ଧଳ ଅଛି ନା ? କେଉଁ ସମ୍ଭ୍ରାନ୍ତ ସନ୍ତାନ ଘୋରା ଖାଇବା ଦୁଃଖ ଅନୁଭବ କର ନାହାନ୍ତି ? କେଉଁ ରମଣୀ ସତୀ ବୋଲି ଅହଂକାର କରିବ? "ଧର୍ମ୍ମର ଘରେ ଅନ୍ୟାୟର ଆଲୁଅ ଆଏ ନାହିଁ" "ଦୁଷ୍କର୍ମର ଫଳ ଦିନେ କଷ୍ଟେ ଭୋଗ କରିବାକୁ ହୁଅଇ ।" ତୁମ୍ଭର ଆସନ ଟଳିଅଛି । ତୁମ୍ଭର ମାଥାରେ ବଜ୍ର ହେବେ ଏପର ଦୁର୍ଗ ପ୍ରଜା ବାନ୍ଧିଲେ କାହିଁକି । କଳିପଣିଆ ଦେଖାଇବାକୁ ଚେଷ୍ଟା କରୁଅଛ ମାତ୍ର ପ୍ରକାଶେ ତୁମ୍ଭର ମନୋବୃତ୍ତି ଓ ମନୋଗତ ଅବଗତ । ରାମଚନ୍ଦ୍ର ଦେବ ପ୍ରାପ୍ତ ଛଦ୍ରେ ଦ୍ୱ ସମ୍ବାଦକୁ ତାହୁଣ ଖୁରୁଦର ନ ମଣି ପଠାଣଙ୍କ ସାହାଯ୍ୟାର୍ଥ କେତେକ ସୈନ୍ୟ ପ୍ରେରଣ କର ଆଦେଶ ପଠାଇଲେ ଯେ—"ଯେତେ ଶୀଘ୍ର ପାର ବଦ୍ରୋହୀଙ୍କୁ ବନ୍ଦୀ କର ଆମ୍ଭ ନିକଟକୁ ପଠାଅ—।" ପଠାଣ ରାଜା ଅନେକ ଚେଷ୍ଟା କଲେ ମାତ୍ର ଧର ପାରିଲେ ନାହିଁ । ସମ୍ବାଦ ଗଲେ ତହିଁ ସଙ୍ଗରେ ବଦ୍ରୋହୀର ବସ୍ତ୍ରାଳଙ୍କ ମୂର୍ତ୍ତି ଓ ମୂଳଆଧଳଙ୍କର ପ୍ରକୃତ ପରିଚୟ ବସ୍ତ୍ରାରିତ ରୂପରେ ଲେଖି ପଠାଇଲେ । ଖୋର୍ଦ୍ଧା ରାଜା ମୂଳଆଙ୍କ ସାମାନ୍ୟ ଚତୁର ଲୋକ ମନେ କର ୧୨ ବାଉଶ ବାଡ଼ି ଲାଗିବ ଓ ଖଣ୍ଡେ ଭୂଇ ପ୍ରଦାନ କରିବାର ଆଦେଶ ଦେଲେ । ଖାଁଙ୍ଖାହେବ ତୁରୁମ ମୁଦାରଙ୍କ ଦାନପତ୍ର ଲେଖି ଦେଲେ । ତଦନୁସାରେ ମୂଳଆ ୧୨ ବାଡ଼ି ଲାଗିବ ସହିତ ଖମରଙ୍ଗ ଗ୍ରାମରେ ଖଣ୍ଡିଏ ଭୂଇ ପାଇଲେ (ଅଦ୍ୟାପି ଧଳ-ଭୂଇ ବୋଲି କଥିତ ହୁଏ) । ମାତ୍ର ଯେ ରାଜ ସନ୍ତାନ, ସାଙ୍କଳ୍ପ ଲେବା ଯାହାର କଳ୍ପନା କେବଳ ସାମାନ୍ୟ ପାଇକ ଜଣକ ଜାଗୀରିରେ ତୃପ୍ତି ଲଭି ପାରେ । ବଦ୍ରୋହ ପ୍ରାପ୍ତ ଅନଳ ଦ୍ୱିଗୁଣ ପ୍ରଜ୍ଜ୍ୱଳିତ ହେଲା ।

## ସାପ୍ତାହିକ ସଂବାଦ ।

ଅସ୍ମାକଙ୍କ କମିସ୍ନର ଶ୍ରୀଯୁକ୍ତ ସ୍ମିଥ ସାହେବ ଗତ ରବିବାର ମଫସଲରୁ ଫେରି ଆସିଲେ । ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ଏହି ସମ୍ପ୍ରତି ଯିବେ ଫେରିବାର ଖବର ଅଛି ।

ବାବୁ ରାଧାକୃଷ୍ଣ ଦାସ ଡେପୁଟି କଲେକ୍ଟର ପ୍ରକାର ପ୍ରସ୍ତୁ ଫେରି ଆସିଲେ । ତାହାଙ୍କର ଅନ୍ୟତ୍ର ବଦଳି ହେବାର ଯାହା ଶୁଣା ଯାଉଥିଲା ତାହା ସତ୍ୟ ନାହିଁ ।

ଏ ଜିଲ୍ଲାର ପୁଲିସର ନୂଆ ଶ୍ରୀଯୁକ୍ତ ମାଡଫର୍ଷନ ସାହେବ ମେଦନୀପୁରକୁ ଏକ୍ଟିଂ ଅଫିସରୂପେ ଜଜ ହୋଇ ଅଛନ୍ତି । ହାଇକୋର୍ଟରେ କର୍ମ ଖାଲି ନାହିଁ ହୋଇ ଏପରି ହୋଇ ଅଛି ।

ଅସିଷ୍ଟାଣ୍ଟ କଲେକ୍ଟର ଅର୍ଲ ସାହେବ ବାଲେଶ୍ୱରଠାରୁ ଚଉଧାରୀଙ୍କ ବଦଳି ହେଲେ । ସେ ସାବଯୁର ସବ-ଡିଭିଜନର ଭାରପ୍ରାପ୍ତ ହୋଇ ଅଛନ୍ତି ।

ଏଠା କଲେକ୍ଟର ଯୋନସ୍ ସାହେବ ପୁରୀକୁ ଓ ସେଠା କଲେକ୍ଟର ବର ସାହେବ ଏଠାକୁ ବଦଳି ହେବାର ରଉଣ୍ଡପ୍ରାଣ୍ଟ ଗେଜେଟରେ ପ୍ରକାଶ ହୋଇଅଛି ।

ଅସ୍ମାନଙ୍କର ଜଜ ସାହେବ ବାଲେଶ୍ୱର ଯୋଗ ଦେବାର ଅନ୍ୟ ଏଠାରୁ ଯାତ୍ରା କରିବେ ଏବ ପ୍ରାୟ ୧୫ ଦିନ ସେଠାରେ ରହିବେ ।

ଭଦ୍ରେଶ୍ୱରଠାରୁ ବାବୁ ଗୋବର୍ଦ୍ଧନ ମିଶ୍ର ଲେଖିଅଛନ୍ତି ଯେ ସେଠା ରଜାଙ୍କର ଗୋଟିଏ କନ୍ୟାର ଗର୍ଭ ବିଷୟ ଏହି ସମୟରେ ହୋଇଥିଲା ଏବଂ ତାହା ନଷ୍ଟ ଯିବାରୁ ରଜା ରାଣୀଙ୍କ ସହିତ ସମସ୍ତ ପ୍ରଜା ଦାରୁଣ ଶୋକରେ ପତିତ ହୋଇଅଛନ୍ତି । ଏହି ଶୋକଠାରୁ ବଡ଼ କିଛି ନାହିଁ । ପୁଣି ରଜପରିବାରରେ ତାହା ଘଟଣା ହେଲେ ଅତ୍ୟନ୍ତ ଶୋଚ୍ୟ ହୁଅଇ ।

ଏ ନଗରର ବଡ଼ ଘାଟର ବଟୀ ଏବ ବାଲୁଖଣ୍ଡ ନଦୀ ମଧ୍ୟରେ ଗତ ବର୍ଷ ଅସ୍ଥାୟୀ ପୋଲ ହୋଇଥିବା ଗଛ ମଧ୍ୟରୁ ଏବ ଉପରେ ବର୍ତ୍ତମାନ ଗୁଡ଼ି ଅଳ୍ପ ପ୍ରମାଣ ଏହି ଭାବ ବଦଳ ହୋଇଥିବାରୁ ଲୋକମାନେ ଅସ୍ପର୍ଶାନୁପ୍ତ ହେଉ ଅଛନ୍ତି ।

ଚତୁର୍ଥ ତ୍ରୈମାସିକ ଦେଶୀୟ ଭାଷାର ପାଠ୍ୟ ପୁସ୍ତକ ଅର୍ଥ ସଙ୍କେତ କର ସେଠା ଅନୁମୋଦିତ ଅଟେ ପାଠ୍ୟରେ ଶିକ୍ଷକ ଏବ ଛାତ୍ର ଉଭୟ ମଧ୍ୟ ଉତ୍ତିର୍ଣ୍ଣ ହଜନେ ଦେଶୀୟ ଭାଷାସମ୍ବାଦ କେତେକ ପ୍ରକାର ପ୍ରଥମ ଅଧ୍ୟାୟ ବସର ଥିବାରୁ ତାହା ଦେଖିବା ସକାଶେ ପ୍ରସ୍ତର ଲୋକ ମନୁଷ୍ୟ ଯେ ସ୍ଥାନରୁ ଆଗମନ କରୁ ଅଛନ୍ତି ।

ଏ ବର୍ଷ ଅତି ଯେପରି ନୀଳଗିରିର ବୃଷ୍ଟି ଓ କୁହୁଡ଼ି ଯୋଗେ ତହିଁର ଅଧିକା ଘ ନଷ୍ଟ ହୋଇ ଗଲା । ସୁତରାଂ ଭଲ ଫସଲର ଆଶା ନାହିଁ ।

ଯାଜପୁର ଚାଉଳ ଜାମରେ ଅଧିକାଂଶ ଯେଉଁ ଲୋକମାନେ ହୋଇଥିଲେ ତହିଁ ଭ ଭିତ୍ତି ପିଣ୍ଡ ୧ ୧୫୧୮ ଖା ଗଲ ପାଇଁ ଶିଳାପିଠ ଶଣ୍ଢ ରୂପରେ ହୋଇଅଛି । କମିଶନରମାନେ ତହିଁର ପ୍ରତିବାଦ କରିବେ କି ?

ଶୁଣାଯାଏ ଯେ ବାବୁ ହେଲାନାଥ ଦାସ କି ଯେ ଏହି ପୂର୍ବେ ମାନଭିଉ ବିଷୟରେ ବେକାର ହୋଇ ବହୁଦିନ ଜଣାନ୍ତି ଓଡ଼ିଶାରୁ ଗଲାଣି ହୋଇଅଛନ୍ତି କେଉଁଠାର ଡାକ୍ତର ଚେତାଳ ସ୍ୱରୂପ ସେଠା ମହାରାଜାଙ୍କ କର୍ତ୍ତୃକ ମନୋନୀତ ହୋଇ କାର୍ଯ୍ୟ ଭାର ଗ୍ରହଣ କରିବାକୁ ଯାଉଥିଲେ । ମାତ୍ର କମିଶନର ସାହେବଙ୍କ ଯାଏ ଏ କଥା ଛଟି ଶୁଣିବାରୁ ଯାଇ ପାରିଲେ ନାହିଁ । ବଡ଼ ଦୁଃଖର କଥା !

ବଡ଼ଲାଟ ବାହାଦୁର ଗତ ମାସ ତା ୧୮ ଦିନ ଅପରାହ୍ନ ବାଇରେ ମାନ୍ଦ୍ରାଜରୁ ବାହାରି ପା୧୮ ରିଖ ଅପରାହ୍ନ ବାଇରେ କଲିକତାଠାରେ ପହଞ୍ଚିଲେ ।

ଲଡ଼ଲାଟ ସାହେବ ମାନ୍ଦ୍ରାଜରେ ଥିବା ସମୟରେ ମାନ୍ଦ୍ରାଜ ଟାଉନର ସମ୍ପାଦକମାନଙ୍କ ଭାରତବର୍ଷୀୟ ମନ୍ଦ୍ରାସର ସଭା-ସଭାରେ ଖବର କାଗଜମାନଙ୍କର ଡାକମାସୁଲ ଏକ ପଇସା ଲେଖାଏ କରିବା ପାଇଁ ଏକ ଆବେଦନ ପତ୍ର ଯାଇ ଥିଲା ପର୍ଯ୍ୟାଲୋଚନରେ କହି ଅଛନ୍ତି ଯେ ସେ ବିଷୟଠାରୁ ଫେରି ଗଲେ ଏପର ବିଚାର କରିବେ ।

ବଙ୍ଗଦେଶ ସମ୍ପର୍କୀୟ ଗତ ଏମ, ଏ ପରୀକ୍ଷାରେ ଶ୍ରୀମତୀ ଚନ୍ଦ୍ରମୁଖୀ ବସୁ ନାମ୍ନୀ ଜଣେ ସ୍ତ୍ରୀଲୋକ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ବରୋଦାର ମହାରାଜାଙ୍କର ପ୍ରାୟ ଏକବର୍ଷ ହେବ ଗୋଟିଏ କନ୍ୟା ସନ୍ତାନ ଭୂମିଷ୍ଠ ହୋଇ ଥିଲା । ବର୍ତ୍ତମାନ ରାଜ୍ଞୀଙ୍କ କେବଳ [ ସେ କ ପୂର୍ବରେ କଟକରେ ଥିଲେ ] ଏକ ପୁତ୍ର ସନ୍ତାନ ପ୍ରସବ କରି ଅଛନ୍ତି ।

ତୁଳସୀପୁର ଏକ ଲେଖିଅଛନ୍ତି ଯେ ଗତ ସନ୍ଧ୍ୟାର ମଧ୍ୟରେ ବଙ୍ଗ ପ୍ରଦେଶରେ ସର୍ବମୁଦ୍ଧା ୧୮୫୧ ଗୋଟି ଭଲ ଲେଖା ହୋଇଅଛି ।

ଇଣ୍ଡିଆନ ମିରର ବୋଲନ୍ତି ଯେ ଟଙ୍କ କେତେକ ବର୍ଷ ହେବ ମାନ୍ଦ୍ରାଜ ଉନ୍ନତବର୍ଷୀୟ ବି, ଏ, ଉପାଧିଧାରୀ ଏବ ନାଇଡୁ ମାସିକ ୫ ୭ ଟଙ୍କା ବେତନରେ ହାଉସ କର୍ମରେ ନିଯୁକ୍ତ ହେବାର କୌଣସି ପତ୍ରରେ ପଢ଼ିଥିଲେ । ସେ ଦିନରୁ ଯେ ବର୍ତ୍ତମାନ ଏ ସମ୍ବନ୍ଧେ ବହୁ ଉନ୍ନତ ହେବାର ଦେଖା ଯାଏ । ମହୀଶୂର କଲେକ୍ଟରର ଫୋର୍ଟ ଦେଖ ଭର୍ତ୍ତି ଗେଜେଟରେ ମାସିକ ୫ ୧୫ ଟଙ୍କା ବେତନର ମୋହରର ପଦ ସକାଶେ ଜଣେ ବି, ଏ, ପାଶ ଦରଖାସ୍ତ ଦେଇ ଅଛନ୍ତି । ବମ୍ବେର ଦକ୍ଷିଣ ଡିଭିଜନ କଲେକ୍ଟରର ମଧ୍ୟ ୫ ୧୫ ଟଙ୍କା ବେତନରେ ଜଣେ ସେହି ବେତନ, ଅଛନ୍ତି ଏଥିରୁ ମିରର ପଚାରନ୍ତି ଯେ ସେ ବି, ଏ, ଓ ପାଶରେ ଏମ, ଏ, ତାହାଙ୍କ ପଦ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି କି ? କି ଲଜ୍ଜାର କଥା ! ! !

ମାନ୍ଦ୍ରାଜର ଡକ୍ଟର ପେରି ସାହେବଙ୍କ ସକଳ ଛାତ୍ରମାନେ ଲଡ଼ଲାଟ ସାହେବଙ୍କର ଭଥ ହାଣିବା ସକାଶେ ଅନୁମତି ପ୍ରାର୍ଥନା କରିଥିଲେ କିନ୍ତୁ ରିପନ ବାହାଦୁର ସମ୍ମାନମାନଙ୍କର ଭଳ ଭକ୍ତିରେ ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରି ସେମାନଙ୍କର ପ୍ରାର୍ଥନା ନାମଞ୍ଜୁର କରି ଅଛନ୍ତି । ବସ୍ତୁତ ପର୍ଣ୍ଣରେ ଯେଉଁ ଯେ ଶାସ୍ତ୍ର ରୁଅନ୍ତି ଏକଥା ମିଥ୍ୟା ନୁହେ ।

ବିଲାତୀୟ ସମ୍ରାଟ ପାଟଲିପ ଷ୍ଟେନଲର ଲାଇଫ ପ୍ରକାଶ କାଳରେ ଏକଦିନ ସେ ଓସ୍ତେଷ୍ଟ ମିନଷ୍ଟର ହଲକୁ ଗଲେ ଯାଇଥିଲେ । ସେଠାରେ କେତେକ ପଲ୍ଟନ ଓ ସାଧାରଣ ସ୍ତ୍ରୀ କିଛି ଲୋକଙ୍କ ସନ୍ଦେଶ କରି ସମ୍ଭ୍ରମରେ ଏମାନେ ଲଣ୍ଡ, ତାଙ୍କ ପାର୍ଶ୍ୱରୁ ବାହାରି ନ ଥିଲେ ଏମନେ ଓଷ୍ଠରେ । ସମ୍ରାଟ ଅତ୍ୟନ୍ତ ପ୍ରକାଶ କରି କହିଲେ ଏ ଏତେ ଓଷ୍ଠର ଏଠାରେ ଅଛନ୍ତି । ଆମ୍ଭର ବସ୍ତୁ ପାଣ୍ଡୁଲିପି ମଧ୍ୟରେ ୬୫ଠ ଅଧିକ ଓଷ୍ଠର ତାହାର ଓ ତହିଁ ମଧ୍ୟରୁ ଅନେକ ନଷ୍ଟ କରିଅଛୁ କ ଯେପରି ଗୋଟିଏକୁ ପାଶୀ ଦେବୁ ।

ଗଣନାଦ୍ୱାରା ସ୍ଥିର ହୋଇଅଛି ଯେ ଇଂରାଜୀ ଭାଷା ଗୁରୁ ଶାଳେ ସମ୍ପ୍ରତି ଏକ ୫୦ କୋଟି ଲୋକେ ବ୍ୟବହାର କରନ୍ତି ଏବ ତହିଁର ଅର୍ଦ୍ଧେକରୁ ଅଳ୍ପ ଲୋକେ ଫରାଶୀ ଭାଷା ରେ କଥାବାର୍ତ୍ତା କରନ୍ତି । ଜର୍ମାନୀ ଭାଷା ୫୧, ରୁଷୀୟ ଭାଷା ୬୨, ସ୍ପେନୀୟ ଭାଷା ୪୦, ଇଟାଲୀୟ ଭାଷା ୩୦ ଓ ପର୍ତ୍ତୁଗିଜ ଭାଷା ୧୩ କୋଟି ଲୋକେ ବ୍ୟବହାର କରନ୍ତି ।

କଲିକତା ମହାମେଳାରୁ ନିକଟରେ ଯେଉଁ ତ୍ରିବେଣୀ ରେଲ ଯାଉଥିଲା ତହିଁର ଏକ [illegible] ବାହାରିଗଲା । ତହିଁରୁ ଦେଖାଯାଏ ଯେ ସର୍ବମୁଦ୍ଧା ୫ ୧୫୫୫୦ ର [illegible] ଲୁଟ ହୋଇ ଯାଇଅଛି । ପୁଲିସ ତଦନ୍ତ କରି ଜଣେ ଅପରାଧୀ ଚିହ୍ନିବାର ଅନୁସନ୍ଧାନ ଓ କେତେକ ମାଲ ବାହାର କରିଅଛି ।

72



ମହୀଶୂରଠାରେ ପାଞ୍ଚ ଲକ୍ଷ ଟଙ୍କା ମୂଲ୍ୟର ହୀରା ଏବ ସୁନା ଖଣି ବାହାରିଅଛି । ସୁଦ୍ଧା ସେଠା ମହାରାଜା ଟ ୨୫୦୦୦ ଲାଭ ଅଂଶ ଲାଭ କରୁଅଛନ୍ତି ।

ପାର୍ ସ୍ୱାମେଣ୍ଟରୁ ଶୀଘ୍ର ଏକ ଇଉଗାସ୍ତୁ ରେଲ କଷ୍ଟରେ କମିଶନ ବସିବାର କଥା ହେଉଅଛି । ଏ ଅତି ଉତ୍ତମ କାର୍ଯ୍ୟ ମୁତରାଂ ଶୁଭସ୍ୟ ଶୀଘ୍ରଂ ହେଲେ ଭଲ ହେବ ।

ବମ୍ବେ ହେବେଲି ଡାମୃ ଜଳେକ ଇଂରାଜ ମହିଳା ଅପଣା ଉଇଲଦ୍ୱାରା କଲିକତାର କୁଷ୍ଠ ରୋଗାକ୍ରାନ୍ତ ଲୋକମାନଙ୍କର ଆଶ୍ରମକୁ ଦଶ ହଜାର ଟଙ୍କା ଦାନ କରି ମରି ଯାଇଅଛନ୍ତି । ଏ ଦାନ ଗୁଡ଼ ପ୍ରଶଂସ୍ୟ ଅଟେ ।

ବମ୍ବାଇର ଏକ ଧନୀ ବ୍ୟକ୍ତି ଅର୍ଦ୍ଧ ଲକ୍ଷ ଟଙ୍କା ବ୍ୟୟ କରି ଅପଣା ଜନ୍ମଭୂମିରେ ଏକ ଡାକ୍ତରଖାନା ଖୋଲି ଅଛନ୍ତି । ଧନୀ ଲୋକେ ଏହିପରି ସତ୍କାର୍ଯ୍ୟରେ ଧନ ବ୍ୟୟ କଲେ ଏହି ଫଳବାନ ବୃକ୍ଷ ଯୋଗେ ଅନେକ ଲୋକେ ତୃପ୍ତ ଓ କୃତାର୍ଥ ହୁଅନ୍ତି ।

ରାଜପୁତ୍ର କନଷ୍ଟର ଅଭ୍ୟର୍ଥନା କରିବା କାରଣ ସଂଗୃହୀତ ଟ ୨୫୮୨୦ ଙ୍କା ବମ୍ବାଇଠାରେ ରହିଥିବା ସେ ତହିଁ ମଧ୍ୟରୁ କେବଳ ଟ ୨୨୫୧୬ ଙ୍କା ଖର୍ଚ୍ଚ ଯାଇ ଅବଶିଷ୍ଟ ଟ ୧୬୬୨ ଙ୍କା ଜମା ପଡ଼ିଅଛି । ଏହି ଟଙ୍କାରେ ବେଣୀସ୍ ବନ୍ଧୁ ହସ୍ପିଟାଲ ଅଳପୂଜକ୍ ଉପହାର ଦେବାର ପ୍ରସ୍ତାବ ହେଉଅଛି । ଉତ୍ତମ!

ରାଜପୁତ୍ର ଅଞ୍ଚଳରେ ଉଲ ଭଗ ଗୋଟିଏ ଶସ୍ୟନିତ ବ୍ୟାପାର ହୋଇଅଛି । ଏହି ମାସରେ ଡକାଇତମାନେ ଏକସ୍ଥାନରେ ଅଟ୍ଟି ଏକ ଚିଣର ଘର ଲୁଟ କରି ଦ୍ରବ୍ୟ ସହିତ ଜଣେ ମନୁଷ୍ୟକୁ ନେଇ ପାଇଥିଲେ ମାତ୍ର ପଶ୍ଚାତ ତାହାକୁ ଛାଡ଼ିଦେଲେ । ଗ୍ରାମବାସିମାନେ କନ୍ଦୁକ ନେଇ ଧାଇଁଥିଲେ ମାତ୍ର ଡକାଇତଙ୍କ ଅନୁଗମନ କରିବାକୁ ସାହସ ହେଲା ନାହିଁ ।

ବଙ୍ଗ ଦେଶରେ ଗୋଟିଏ ହାଇକୋର୍ଟ କରିବାର କଥା ଘଟିଅଛି ।

କୃଷ୍ଣନଗର କେଣ୍ଟୁରୁ ତଠାରୁ ମହାମାରୀର ସମ୍ବାଦ ଆସି ଅଛି ଏଥରେ ସମ୍ବାଦ ସତ୍ୟ ହେବା ପରି ବଶୁଅଛି ।

କଲିକତାର ସୌଭ୍ରାତୃ ନେପାଳ ନାମରେ ଜଣେ ଧନାଢ୍ୟ ଦଶ ଲକ୍ଷ ଟଙ୍କା ସାଧାରଣ ହିତାର୍ଥ କାର୍ଯ୍ୟ ସକାଶେ ଦାନ କରି ଯାଇଥିଲେ । ସୁଧ ସହିତ ସେ ଟଙ୍କା ବର୍ତ୍ତମାନ ଅଠର ଲକ୍ଷ ହୋଇଅଛି ଏବ ସାତେ ଚାରି ଲକ୍ଷ ଟଙ୍କାରେ ଗୋଟିଏ ଟେକ୍‌ନିକାଲ କଲେଜ ସ୍ଥାପନ ହୋଇଅଛି । ଗତ ମାସ ତା ୮ ଦିନରେ ମହାମାନ୍ୟ ଗବର୍ଣ୍ଣର ସାହେବ ଏହି କଲେଜ ପ୍ରତିଷ୍ଠା କଲେ ।

ନୋଳ ପୁର ଜମିଦାରୀ ବାବୁ ଶିବଶଙ୍କରନାଥ ସ୍ୱସ୍ୱ ସତ୍ତ୍ୱ ନରସ ପରିବାରର ହାଲ ହାଡ଼ି ସମ୍ପୂର୍ଣ୍ଣ ହରବା ଖଣ୍ଡର ଗୋଟିଏ ତଳାଉ ଟଙ୍କା ବ୍ୟୟ କରିବାକୁ ସଙ୍କଳ୍ପ କରି ତହିଁ ମଧ୍ୟରୁ ପାଞ୍ଚ ହଜାର ଟଙ୍କା ଅଗ୍ରାଭତଃ ଗବର୍ଣ୍ଣମେଣ୍ଟରେ ଜମା କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଏହି ସତ୍କାର୍ଯ୍ୟ ନିମିତ୍ତ ବାବୁଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଧନବାନମାନେ ଏ ସ୍ୱଭାବରେ ଅନୁସରଣ ହେବେ କି ?

ଅର, ସି, ଦତ୍ତ ସାହେବ ଯ ସେ ଏଣୁ ପୂର୍ବ ଭାରତର ଭର ମାଜିଷ୍ଟ୍ରେଟ ହୋଇ ଥିଥିଲେ ବର୍ତ୍ତମାନ ବାକରଗଞ୍ଜର ଏକଟିଂ ମାଜିଷ୍ଟ୍ରେଟ ହୋଇଅଛନ୍ତି ।

ଦରଭଙ୍ଗାର ମହାରାଜା ସନ୍ଥତ ଜଗନ୍ନାଥଙ୍କୁ ଦର୍ଶନ କରି ଯାଇଅଛନ୍ତି । ଏହି ମାସ ଶେଷରେ ସେଠାରୁ ଫେର ଯିବେ ଆଗାମୀ ତା ୪ ଦିନରେ ପୁରୀକୁ ଯାତ୍ରା କରିବେ ।

ମହାମାନ୍ୟ ଲର୍ଡ଼ ଏଲଗିନ ମନ୍ଦିରରେ ଖୁବା କାଳରେ ସେଠାର ପ୍ରଧାନ ମହାଜନମାନେ ପରମେଶ୍ୱର ଶାହୁ ଉତ୍ତ ନ ଦେବା ପାଇଁ ଅବେଦନ କରିଥିଲେ । ଏଜନ୍ୟ ଶାହୁ

ତଠି ପାଉ ସମସ୍ତଙ୍କର ଏହି ବାଞ୍ଛା ମାତ୍ର ଗବର୍ଣ୍ଣମେଣ୍ଟ କାହିଁକି ତାହା ଶୁଣୁ ନାହାନ୍ତି କହି ଜଣା ପଡ଼ୁ ନାହିଁ ।

ବଙ୍ଗାଲୋରର ଜଣେ ଉଦ୍ୟୋଗୀ ବ୍ରାହ୍ମଣ ସେ ତାହାଙ୍କ ନାମ ସୁବର୍ଣ୍ଣକାରଶ ଶାସ୍ତ୍ରୀ ଜମିଦାର ଏକ ପୂର୍ବ ଶେଷରେ ଦେଢ଼ ଲକ୍ଷ ଟଙ୍କାର ପୁରସ୍କାର ଲାଭ କରିଅଛନ୍ତି । ପ୍ରଥମେ ଯେତେବେଳେ ସମ୍ବାଦ ଆସିଥିଲା ସେତେବେଳେ ସେ ତାହା ବିଶ୍ୱାସ କଲେ ନାହିଁ । ତହିଁ ଉତ୍ତାରୁ ତାର ସମ୍ବାଦ ଏବ ତହିଁ ପଛେ ମାନ୍ଦ୍ରାଜ ବେଙ୍କ ଉପରେ ସମସ୍ତ ଟଙ୍କାର ହୁଣ୍ଡି ଆସି ପହୁଞ୍ଚିଲା । ସୁବର୍ଣ୍ଣକାରଶ ଦେଢ଼ ଲକ୍ଷରୁ କଷଦ ପାଞ୍ଚ ହଜାର ଟଙ୍କା ନେଇ ଅବଶିଷ୍ଟ ବାଙ୍କରେ ଜମା ରଖିଲେ ସମସ୍ତ ଟଙ୍କା ନ ନେବା କାରଣ ଦେହୁ ପଗ୍ରିବାକୁ କହିଲେ କ ଘେଡୋ ଘର ନାହିଁ ଏତେ ଟଙ୍କା କେଉଁଠାରେ ରଖିବେ ଅତେ ପାଞ୍ଚ ହଜାର ଟଙ୍କାରେ ଘରଦ୍ୱାର ପ୍ରସ୍ତୁତ କରି ତହୁଁ ଉତ୍ତାରୁ ଅବଶିଷ୍ଟ ଟଙ୍କା ନେବେ । ଭାଗ୍ୟ ଏପରି ମୁହାଁ ଦେବାକୁ ହୁଏଇ ।

ଆଗାମୀ ବର୍ଷଠାରୁ ଏପ୍ରେଲ ମାସରେ କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷା ହେବ । ପ୍ରାତଃକାଳ ୬ ଘଣ୍ଟାଠାରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଏହେ ଦିନ ସାଏ ଦୁଇ ଓଡ଼ ପରୀକ୍ଷା ହୋଇ ଅସୁବିଧା, ଏଣିକି ଏକ ଓଡ଼ ହେବ । ଅର୍ଥାତ୍ ପ୍ରବେଶିକା ପରୀକ୍ଷା ଶେଷ ହେବାରୁ ୮ ଦିନ ଓ ଉନ୍ନତ୍ୟ ପରୀକ୍ଷା ମଧ୍ୟ ତଦନୁରୂପ ହେବ । ମନ୍ଦ ନୁହେ । ସେତେ ଭୟ, ବଡ଼ ଛାତ୍ରମାନଙ୍କ ଅନେକଙ୍କର ସୁବିଧା ହେବ । ପ୍ର,

ବାଲେଶ୍ୱରର ଅସିଷ୍ଟାଣ୍ଟ ଶ୍ରୀ ଅରର ସାହେବ ଏବ ଖୋରଧାର ଡେପୁଟୀ ଚେରମ୍ୟାନ୍ ସାହେବ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଅଛନ୍ତି ।

ବାଲେଶ୍ୱରରେ ଯେଉଁ ଜ ୨ ୫ ଅବଧାନ ଯେଉଁ ବର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନେ ଟ ୩୨ ଙ୍କା ଲେଖାଏ ପୁରସ୍କାର ପାଇବାର ଆଦେଶ ହୋଇଅଛି ।

---

## ପ୍ରେରିତ ।

---

( ପୂର୍ବ ପ୍ରକାଶିତ ଉତ୍ତାରୁ )

### ମେଳା ଦର୍ଶନ ।

### ଘାଘରଗୁବ ।

ଯୋଡ଼ା ସୁରିବାର ଉପରେ ନାନାରଙ୍ଗେ ରଞ୍ଜିତ
ଦେଖିଲେ ରୂପ ଭଲି ଲାଗଇ ଗ୍ରାମ ହିଦ ନିର୍ମିତ ମୁ,
ସାକ୍ଷାତରେ ବକ୍ଷଧର କ ଭ୍ରମ ହେଉଛି ମନେ ।
ପ୍ରାଣ ପ୍ରତିଷ୍ଠା କେ କରନ୍ତା ଦେଖକେନ୍ତେ କାର୍ଯ୍ୟନେ
ଶୁଣା ଯାଉଅଛି ପୁରାଣେ ପୂର୍ବ ଋଷିମାନେ ।
ବିକ୍ରମ ଦେଖାଉଅଛନ୍ତି ମୃତେ ଜୀବନ ଦାନେ ॥
ସେମାନେ ଆସିଲେ ଏ ଅବା କରା କଠିନ କଥା ।
ସ୍ୱଦର୍ଶେ ଏ ସ୍ୱର୍ଗେ ଶୁକଦେବ ଉର୍ଦ୍ଧ୍ୱେ କ୍ଷେପଣ ମଥା
ନାନା ଚତୁଷ୍ପଦ ଜୀବର ଚର୍ମମାନ ଅନେକ ।
ସକ୍ରିୟ ହୋଇଛି ସୁନ୍ଦର ଦେଖ ଥାବନ୍ତୁ ଆଜ ॥
ଧର୍ମମାଷ୍ଟରର ବନ୍ଧଧ କସ ଯୋଗ ବସ୍ତୁକେ ।
ଦେଖିଲେ ବଳବାନବେଳକୁ ଦର୍ଶେ ଲାଗିବ
କାର୍ଯ୍ୟେ ॥
ଭେଲେ ଲସ୍ତ ଯୋଗ ଖଣ୍ଡନ୍ତ ଥିବ ଭୂମ ପଶୁତରେ ।
ଏହାର ସମାନ ହେବ କେ ଆଉ ଡେଙ୍ଗକଳରେ ॥
ମୟୂର ଅଛୁଇ ବଶଇ କେତେ ମନୋରଞ୍ଜନ ।
ଭାଣ୍ଡ ନାଟକ ଏ ଗୋଟିଏ ବାଦ୍ୟକର ଦର୍ଶନ ॥
ଅନ୍ଧଦ୍ୱେଷ ରଶ୍ମି ବାନ୍ଧିକ ଜଳେ ଏହା ସ୍ପର୍ଶ ।
ସୃଷ୍ଟ୍ରପଦ ହେବ ବୈଠକେ ସଜେ ନେଲେ ବାଦକ
ଦଶ ଘୁମ୍ପା ଜାବା ଲକ୍ଷୋର ସମାର୍ଜନୀ ବହୁତ ।
ଗଣ୍ଡଶା ଗଣନା କେ ଜରେ ବସ୍ତୁ ଦ୍ରବ୍ୟ ସମ୍ପୁଟ ॥
ଏ ଅପୂର୍ବ ଦୃଶ୍ୟ ଦର୍ଶନ କଲ ଦେ ପ୍ରାଣ ସଖେ ।
ନାନା ମହାରାଜ ପ୍ରେରକ ବଳ ଘଣ୍ଟି ଶାଖେ ॥
ଦାଣ୍ଡିବନ୍ତୁ ବାକ୍ସ ଉପରେ ଅଛ କାଚପିଞ୍ଜିର ।
ଷଡ଼ ପକ୍ଷୀରାଜ ରହିଁଲେ ବସି କ ମନୋହର ॥
ପକ୍ଷିଇ ପାଳକ ଗୁଡ଼ିକ କେତେ ବର୍ଣ୍ଣେ ରଞ୍ଜିତ ।
ସକେ ଡମ୍ବର ଭୂଷାଯୋଗେ ଅବା ସଜ୍ଜିତ
କଞ୍ଚା ଗ୍ୟଲେ ପକ୍ଷିଟ ଲାଗଇଛ ଭୂଷଣ ।
କାନାସ୍ତରେ ନାନା ଗାଉଣା କଥ କଲେ ମୋହିତ
କେତେ ରଙ୍ଗି କଲ ମସ୍ତକ ଉନ୍ନାତ ଏଣିକ ।
ପ୍ରାର୍ଥିତ କଟେ ବା କହୁଛି ମିଳନାହିଁ କେଶିକ ॥
କେତେବେଳେ ବୃନ୍ଦ ବସଇ ଯାଉ ଉପର ଯାଇ
କହାର କରନ୍ତ କ ଅବା ମନେ ବାଜେ ଆକାଶେ ॥
ଯବଦ୍ୟ ନାଥୁମର ସେ ଏହା କରଇସ୍ତି ସୂଜନ ।
କଥକର୍ମୀ ତାଙ୍କୁ ଇନ୍ଦ୍ର ଦେଇଥିଲେ ଜୀବନ ॥
ଥାସ ୨ ବନ୍ଧୁ ଏଥର ଆଗ ଘରକୁ ମିବା ।
ବୋମ୍ବାଇ ପ୍ରଦେଶ ପଦାର୍ଥମାନ ସବୁ ଦେଖିବା ॥
ଶୋଲାପୁର ଆଦ ସ୍ଥାନର ମନୋହାରିଣୀ ଶାଢ଼ୀ ।
ଜ ପ୍ରକାର କଷ୍ଟ ସହିଁରେ ବନାନ୍ତୁ ଏ ପରିଡ ॥
ଲୁଙ୍ଗି ସୂଷୀ ନାମେ ବସନ ପାଇଜମା ଡୋଇଅ ।
ଅମେଦ ନଗର ଧୋତି ଯେ ଅତି ମନୋହରଅ ॥
ଅହମଦାବାଦ ଚଟେଇ ଲଗୁଲାୟୁ ମଣ୍ଡନ ।
ପ୍ରକାଶିଥନ୍ତ୍ର ଅପଣା କାରଗିର କୌଶଳ ॥
ସୁରଟ, ନାସିକ ପ୍ରଦେଶ ରେଶମର ବସନ ।
ଉର୍ଣ୍ଣି ଦୋପଟ୍ଟା ଶାଢ଼ୀ କେ ଅତି ଚାତୁର୍ଯ୍ୟ ମନ
ପୁନା, ଧାରୱାର ଲଦାଲ ଭାଷ୍ପ୍ୟାର ଦାଗଗ୍ରୀ ।
ନାସି ପୁଦାରଣ ବୋମରବନ ଅତ୍ୟନ୍ତ ଭୂଷା ॥
ସୁରଟ ପ୍ରଦେଶ ରେଶମୀ ଫୁଲ କଣ୍ଠାଳି ଖଣ ।
କଣ୍ଠର ବସନ ଦର୍ଶନ କର ଶସ୍ତ ଅମଣ ॥
ଥଙ୍କ ଯବରଣ ବନ୍ଧୁଭ ଦେଖ ସାଉଦ ସାଧ ।
ଅଭ ନାନାବଧ ବସନ ତିଏ କହୁବ ପାଇ ॥
ମୁନାଠ ଭୂପାନ ଜସ୍ତର ଖେ ପି ମୁଠକ ମାନ ।
ସ୍ୱର୍ଣ୍ଣ ରୌପ୍ୟ ସୃଷ୍ଟ ଗ୍ରଥିତ ଯୋଡା ନୂଦ୍ର କଳ ॥
ଚମ୍ପା ପିତ୍ତଳରେ ନିର୍ମିତ ପୂଜାବଧ୍ୟ ବାସନ ।
କେତେ ପତ୍ର ବାଟରେ ଦାଦ ଛପ୍ରି କରେ ଭଣ୍ଡନ ॥

Digitized by srujanika@gmail.com

ଅମ୍ଭ ବାଲେଶ୍ୱର ବାସନ ଯେଉଁ ଘର ବର୍ଣ୍ଣନା ।
ଏ ବାସନମାନ ସେପର ହୋଇଅଛ ମସୃଣ ॥
ଦକ୍ଷିଣ ଦେଶରେ ହନ୍ତୁଏ କର ତୀର୍ଥ ଦର୍ଶନ ।
ଲାଗିଲ ବଇଦା ପୁନ'ଙ୍କୁ କଣନ୍ତି ଏ ବାସନ ॥
ଏ ବାସନେ ବନ୍ଧୁ ତୁମ୍ଭର ମନ ଯେବେ ପେନବ ।
ବଡ଼ ସମାବେଶେ ଦେବତା ପୂଜା କାର୍ଯ୍ୟ ସାଧିବ ॥
ରୋଜନ ସମୟେ ଅନ୍ତର ଶାନ୍ତି କରବ ଭୋଗ
ବଡ଼ଲୋକେ ସିନା ବାଟେଇ ଏହି ମାଟେହନୀ ଯୋଗ
ବଟ ଦରୋବାର ଅସଂଖ୍ୟ ଯୁଦ୍ଧ ଅସ୍ତ୍ର ସକଳ ।
ପଲ୍ଲକରେ ଅନ୍ଧ ଅସ୍ତ୍ରଙ୍କୁ ଭେଦେ କ୍ଷଣେ ପ୍ରବଳ ॥
ପିସ୍ତଲ ବନ୍ଧୁକ ବରଛା ତରବାର କୁଠାର ।
ଭୋଜାଳ ଗୁପତ ମୃଗସ୍ଥା ଅଷ୍ଟ ବନ୍ଧୁ ପ୍ରକାର ॥
ଶିବଙ୍କାଳି ବନ୍ଧୁ ମନରେ ଅଟେର କର ସ୍ମରଣ ।
ଅସ୍ତ୍ର ସଂଗ୍ରହନ କେମନ୍ତ କରଥିଲେ ଯତନ ॥
ଅମ୍ଭ ହସ୍ତ ପଦ ବନାଛ ଏହା ଧରିବା ପାଇଁ ।
ଅଧିକ କହିବା ଏଠାରେ ଆଉ ରୁଚଇ ନାହିଁ ॥
ହିଂସ୍ର ଜନ୍ତୁଠାରୁ ଯା ଯୋଗେ ପ୍ରାଣ ରକ୍ଷିତ ହୁଏ
ତାହାର ଦଶଭ ଦେଲେ କି ମନ ଦୁଃଖିତ ନୁହେ ॥
ଭାରତ ପ୍ରଦେଶ କାର୍ପେଟ ପୁଣି ଉଦ୍‌ବେଦାର ।
ପଦ୍ମିମା ଦର୍ଶକେ କହନ୍ତି ଏହା ବଡ଼େବାଦାର ॥
କାଷ୍ଠଦ୍ରବ୍ୟ ମଧ୍ୟେ କମ୍ପାଇ ଧାରବାର ନିର୍ମିତ ।
ଦର୍ଶକ ଭଗିଷ୍ଣୁ କେଭେଳ ଅଲମାରି ସହିତ ॥
ବଡ଼ ପରିଷ୍କାର ଅଟଇ ଏହି ଦ୍ରବ୍ୟ ଗଠନ ।
ବୈଠକ ମନ୍ଦିର କରନ୍ତା ନେଲେ ଅତି ଶୋଭନ ॥
ରହିଗଲ ଆଉ ସ୍ଥାନର କାଷ୍ଠଦ୍ରବ୍ୟ ସକଳ ।
ଲାଉନି ନୂତନ ଏହାର ସବୁ ଚାରୁକୌଶଳ ॥
ସେଗୁନ କାଷ୍ଠରେ ନିର୍ମିତ ଦେକଳାଙ୍କ ଅସନ ।
ପଶୁପକ୍ଷୀ କେଡ଼େ ଦଶଇ ପାଶେ ପେ ଶବ୍ଦମାନ
ଏଥି କାରିଗର କରିଛି କେତେ ହସ୍ତ କୌଶଳ ।
ବୃକ୍ଷ ପତ୍ର ଡାଳ ଖୋଦଇ କେତେ କୁସୁମ ଫଳ ।
ବୋମ୍ବାଇର ହାର ମଞ୍ଚ ଯେ କେଡ଼େ ବୃହଦାକାର
ଚନ୍ଦନ କାଠର ବାକ୍ସ ଗୁଡ଼ିକ କି ସୁନ୍ଦର ॥
କି କଡ଼ା ପ୍ରଦେଶ ଯୋଡ଼ିଏ ବାଇସଇ ଜୁପର ।
ଗ୍ରନ୍ଥାସୁଣ ମହାଗିରିଭ ଛବି ନାନା ପ୍ରକାର ॥
ଶ୍ରୀରାମ ଲକ୍ଷ୍ମଣ ଅର୍ଜୁନ ଭୀମ ବୀରମାନଙ୍କ ।
ଏଥି ଦରଶନ କରଣ ଶୂଳ ଶୂଳ ଅଗଲୁ ॥
ସାବନ୍ତ ବାଡର ଟେବଲ ଗୁଡ଼ କର ଶୋଧନ ।
ଦର୍ଶକେ ଦର୍ଶାଏ ମେଠାରେ କର ଜୋଡ଼ ପଲ୍ଲନ ॥
ମାଣେ ନାରିକେଳ ଖୋଲରେ ଦେବମୂର୍ତ୍ତି ଅଙ୍କିତ
କି ସୁନ୍ଦର ପାତ୍ର ଗୋଟିଏ ହୋଇଅଛ ସହିତ ॥
ମୟୂର ପୁଚ୍ଛରେ ମଣ୍ଡିତ ମନୋହର ବ୍ୟଜନ ।
ଦେଖି ସଙ୍ଗି ତୃପ୍ତି ଏଠାରେ କର ମନ ନୟନ ॥

କ୍ରମଶଃ

## ବିଜ୍ଞାପନ ।

### ନୂତନ ପୂର୍ଣ୍ଣଚନ୍ଦ୍ରୋଦୟ ।

( ଭୋଗୀପ୍ରିୟ, ରୋଗୀପ୍ରିୟ ମୋଦକ )

ଅରୋଗୀଲୋକ ଏ ମୋଦକ ସେବନ କଲେ ବଳ, ବର୍ଣ୍ଣ ବୃଦ୍ଧି ଏବଂ ଶରୀର ଅପୂର୍ବ ସ୍ଫୂର୍ତ୍ତି ଯୁକ୍ତ ହୁଅଇ ବଲଷଣ କ୍ଷୁଧା ହୁଏ, ଗୁରୁପାକ ଦ୍ରବ୍ୟ ଆହାର କଲେ ଜୀର୍ଣ୍ଣ ହୋଇ ଯାଏ । ଅଛ ଏଥରେ ଶତ ଶତ [ ଜ୍ଞାନବାର ଭକ୍ତ ପଠନ, ] ଶୁକ୍ର କ୍ଷୟ, ପ୍ରମେହ, ଅତଶାର, ଜୀର୍ଣ୍ଣଜ୍ୱର ଓ ଧାତୁରଙ୍ଗ ପ୍ରଭୃତି ରୋଗମାନ ମଧ୍ୟ ଭଲ ହୁଅଇ । ଏ ମୋଦକ ଅମ୍ଭ ଔଷଧାଳୟରେ ଅନେକ ଅମିତ ପ୍ରସ୍ତୁତ ଅଛି । ମୂଲ୍ୟ ଟଙ୍କାକୁ ମା ୧୬ ଶା । ପ୍ରତ୍ୟେକଙ୍କୁ ମାନେ ମାର୍ଚ୍ଚ ତା ୯ ରିଖ ମଧ୍ୟରେ ଅମ୍ଭ ଔଷଧାଳୟରେ ତତ୍ତ୍ୱ କଲେ ପାଇ ପାଇବେ । କାରଣ ଦୋଳଯାତ୍ରା ଉପଲକ୍ଷରେ ଫଗୋଦଶୀଠାରୁ ତ ୧୫ ନ ଔଷଧାଳୟ ବନ୍ଦ ହେବ । ବିଦେଶୀୟ ଗ୍ରାହକମାନଙ୍କୁ ମୂଲ୍ୟ ଛଡ଼ା ଡାକମାସୁଲ ପଡ଼ିବ ।

| | |
|---|---|
| ୨୭ । ୨ । ୮୪<br>ଉତ୍କଳ ଅପୂର୍ବ ଅୟୁର୍ବେଦୀୟ<br>ଔଷଧାଳୟ କଟକ<br>ବଜାର କଟକ | ନିବେଦକ<br>ଶ୍ରୀ ଫକୀର ତ୍ରିପାଠୀ |

ଯେହେତୁ ଅମ୍ଭେ ମୁନ୍‌ସି ସେଖ ଗୁଲମହମ୍ମଦ । ସା । କୋଲ୍ଲାସାହି ସାମିଲ କୁସୁଲପୁର । ପ୍ର । ବାଲେଶ୍ୱରବାଦ ଓ ସେଖ ଓ୍ୱାଏଜ ମହମ୍ମଦ । ସା । ବାଲ ଅଜମଶୀ ବଜାର ସହର କଟକଙ୍କୁ ଟ୍ରଷ୍ଟି ପଦରେ ନିଯୁକ୍ତ କରି ସେମାନଙ୍କ ନାମେ ସନ ୧୮୮୦ ମସିହା ଜନଓ୍ୱରି ମାସ ତା ୧୦ ରଖେ ଏକ ଟ୍ରଷ୍ଟିନାମା ଲେଖି ଦେଇ ରେଜେଷ୍ଟରି କରାଇ ଦେଇଥିଲୁଁ ମାତ୍ର ଉକ୍ତ ବ୍ୟକ୍ତିମାନେ ଅମ୍ଭ ପକ୍ଷରୁ ଉକ୍ତ ଟ୍ରଷ୍ଟିନାମା ବଳରେ ଅବଧି ହେତୁ ଦାର୍ଯ୍ୟ କରି ନାହାନ୍ତି କମା ଆମ୍ଭେ ସେମାନଙ୍କୁ କୌଣସି କାର୍ଯ୍ୟ କରିବାକୁ ଅନୁମତ ଦେଇନାହୁଁ ଅମ୍ଭର ଉକ୍ତ ଟ୍ରଷ୍ଟିମାନଙ୍କ ଦ୍ୱାରା କୌଣସି ମାଲିମାମଲ ଓ ଅସୁଲ ତହସିଲାତ କରିବାର ପ୍ରୟୋଜନ ନ ହେବାରୁ ଅମ୍ଭେ ଉକ୍ତ ଟ୍ରଷ୍ଟିମାନଙ୍କୁ ଅପଣା ଟ୍ରଷ୍ଟି କାର୍ଯ୍ୟରୁ ବରଖାସ୍ତ କରି ତାହାର ଉତ୍ତନ ଅକ୍ଟର ଅଦାଲତରେ ଦେବା ନିମନ୍ତେ ସନ ୧୮୮୪ ମସିହା ଫିବ୍ରୁଏରି ମାସ ତା ୧୮ ରଖେ ଏକ ଅମମୋକ୍ତାରନାମା ଅମ୍ଭର ଅମମୋକ୍ତାର ସସ୍ୟେଦ ମହେବୁବ ଅଲିଙ୍କ ନାମେ ଲେଖିଦେଇ ରେଜେଷ୍ଟରି କରାଇ ଦେଇଅଛୁଁ ଏବଂ ଉକ୍ତ ଟ୍ରଷ୍ଟିନାମା ବଳରେ କରୁଛି କାର୍ଯ୍ୟ ନ କର ଟ୍ରଷ୍ଟିନାମା ଓ୍ୱାପସ ଦେବା ନିମନ୍ତେ ଟ୍ରଷ୍ଟିମାନଙ୍କ ପ୍ରତି ନୋଟିସ ପଠାଇ ଅଛୁଁ ଉକ୍ତ ବିଷୟମାନ ସର୍ବସାଧାରଣଙ୍କ ଜ୍ଞାତାର୍ଥେ ପ୍ରକାଶ କଲୁଁ । ଇତି । ତା ୧୯ ରଖ ମାହେ ଫିବ୍ରୁଏରି ସନ ୧୮୮୪ ମସିହା ।

ଏକଗ୍ରମଳନିସା ବେଗମ

# ହୃଦସ୍ତ୍ରର ହୃଦୟ

# ଜାତିତ ରକ୍ଷା କବଚ ।

ଜାତିତପ୍ରାଣ-ସ୍ୱରୂପ ଡକ୍ତର

ଜୀବନୀଶକ୍ତି ।

ଏହିତ ବନେ ଅଶ୍ୱର୍ଯ୍ୟ ତ !

ଜାତିତର ଶକ୍ତି ।

ମନୁଷ୍ୟ ଯେତେ ପ୍ରକାର ରୋଗରେ ଆକ୍ରାନ୍ତ ହୁଅନ୍ତି ସେ ସମସ୍ତ ଏହି କବଚ ଧାରଣ କଲେ ନିଶ୍ଚିତରୂପେ ନିବାରିତ ଓ ଉପଶମିତ ହୁଏ ।

ଏ କବଚ ନାନା ପ୍ରକାର ଧାତୁଦ୍ୱାରା କୌଶଳକ୍ରମେ ନିର୍ମିତ । ଦେହରେ ଲାଗିଥିଲେ ଶରୀରର ଲବଣାକ୍ତ ଓ ଅମ୍ଳରସ ସଂଯୁକ୍ତ ହୋଇ ମୃଦୁ ଜାତିତଶକ୍ତି ଉତ୍ପାଦନ କରଇ । ପିଲ୍ଲମାନଙ୍କ ପକ୍ଷେ ବିଶେଷ ଉପକାରୀ ଓ ନିତାନ୍ତ ଆବଶ୍ୟକ ।

ଏହାକୁ ପିନ୍ଧିଲେ ନିମ୍ନଲିଖିତ ରୋଗସମୂହ ନିବାରଣ ହୁଏ । ଯଥା—ଉଦରାମୟ, ରକ୍ତାମାଶୟ, ଯକୃତ ରୋଗ, ମୂତ୍ରାଘାତ, ହୃତ୍‌କମ୍ପ, ବାତ, ସନ୍ଧିବାତ, ବସ୍ତିଶୂଳ, ସ୍ନାୟୁଶୂଳ, କଷ୍ଟରଜ, ଧାତୁଦୌର୍ବଲ୍ୟ, ସାଧାରଣ ଦୁର୍ବଳତା, ହୃଦ୍‌ଦାହ, ପକ୍ଷାଘାତ, ସର୍ବପ୍ରକାର ବେଦନା, ବାଧାଧିକ୍ୟ, ଅଜୀର୍ଣ୍ଣ, ସ୍ୱ, ଉତ୍ତ୍ରଂଶ, ଉତ୍କଣ୍ଠତା, ପେଟଫୁଲାବ, ନିଦ୍ରାନାଶ, ଶିରରୋଗ ମସ୍ତକ ଘୂର୍ଣ୍ଣନ, କ୍ଲେଶକର ସ୍ୱପ୍ନ, ବାକ୍‌ରୋଧ, ବାଳକମାନଙ୍କର ଦର୍ପ ମୂର୍ଚ୍ଛା, ମୂତ୍ରରୋଗ ସମୂହ, ବକ୍ଷସ୍ଥଳର ଦୃଢବନ୍ଧନବୋଧ ସ୍ୱରର କ୍ଷୀଣତା, ସ୍ନାୟୁ ଏବଂ ଶୋଣିତ ସମ୍ବନ୍ଧୀୟ ସମସ୍ତ ରୋଗ ।

ଶରୀର ମଧ୍ୟସ୍ଥିତ ଜାତିତର ହ୍ରାସ ହେଲେ ଉକ୍ତ ଦୋଷ ଜନ୍ମିଯାଏ, ଏହି ହେତୁ ପରିମିତରୂପ ଜାତିତ ଉତ୍ପତ୍ତିର ଆବଶ୍ୟକ ଏବଂ ତାହା ଉକ୍ତ ଜାତିତକବଚ ପିନ୍ଧିଲେ ସାଧିତ ହୁଏ ।

ପ୍ରତ୍ୟେକ ଉଚିତରୂପରୁ ଗୋଟିଏ ରେଶମ ସୂତାଦ୍ୱାରା ଗଳଦେଶରେ ଟାଙ୍ଗିବାକୁ ହୁଏ, ଅମ୍ବା ଶରୀରର ଯେ କୌଣସି ସ୍ଥାନରେ ପିନ୍ଧା ଯାଇ ପାରେ ।

ପ୍ରତ୍ୟେକ କବଚ ଓ ରେଶମର ମୂଲ୍ୟ ଟ ୧୬ ଲେଖାଏ ଅଟଇ । ଡାକରେ ପଠାଇବା ପାଇଁ ଦୁଇଅଣା ମାସୁଲ ଲାଗିବ ।

କଟକ ନଗରରେ ଅମ୍ଭେ ଏଥିର ଏକ ମାତ୍ର ସଲ୍ ଏଜେଣ୍ଟ ଅଟୁଁ ।—

Split by PDF Splitter

Digitized by srujanika@gmail.com

ଆମ୍ଭ ନିକଟରେ ଏବଂ କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ପୁସ୍ତକ ଦୋକାନରେ ଏହା ବିକ୍ରୟ ହେଉଅଛି ଏହି କବଚଦ୍ୱାରା କପ୍ରକାର ଫଳ ହେଉଅଛି ତାହା ଜଣାଇବା କାରଣ କେତେଗୁଡିଏ ପ୍ରଶଂସାପତ୍ର ନିମ୍ନେ ପ୍ରକାଶ କଲୁଁ ।

ଶ୍ରୀ ବିଜୟକୁମାର ଚକ୍ରବର୍ତ୍ତୀ ।
ଢେଙ୍କାନାଳ ଅସିଷ୍ଟାଣ୍ଟ ସର୍ଜନ

ପ୍ରଶଂସା ପତ୍ର ।

ଅଶାମ ରେଲ କାଟର ଜଣେ ଷ୍ଟେସନ ମାଷ୍ଟର ଲେଖି ଅଛନ୍ତି ଯେ ଆପଣମାନଙ୍କର ପ୍ରେରିତ କବଚର ଡାକ୍ତ୍ରୀ ସ୍ୱୀକାର ଓ ତାହା ବ୍ୟବହାର କର ଯେ ମହା ଉପକାର ଲାଭ କରିଅଛି ସେଥି ପାଇ କୃତଜ୍ଞତା ସହିତ ଧନ୍ୟବାଦ ଦାନ ହେତୁ ଅନ୍ୟେ ଆପଣମାନଙ୍କ ନିକଟରେ ଋଣୀ ଅଛୁଁ ବର୍ତ୍ତମାନ କୃତଜ୍ଞତା ସହିତ ଜଣାଉ ଅଛୁଁ ଯେ ଆମ୍ଭର ଜନ୍ମ କାଳର ବେଦନା ଓ ଶାରୀରିକ ଦୁର୍ବଳତାରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛୁଁ ଏ କହିବାକୁ ଯେ ଉପରୋକ୍ତ ପୀଡା ହେଉ କେତେବେଳ ଫଳଦାୟକ ତାହା ଅନେକ ବ୍ୟବହାର କଲେ ସାଧାରଣ ଜାଣି ପାରିବେ ।

ପଚିଶ ବର୍ଷର ବାଧି ।

ପଚିଶ ବର୍ଷ ଅବଧି ଅନେକ ଅଣ୍ଡା ବେଦନାରୋଗ କଷ୍ଟ ପାଇ ଥିଲି ବର୍ତ୍ତମାନ କବଚ ବ୍ୟବହାର କର ଆରୋଗ୍ୟ ଲାଭ କରିଅଛୁଁ ।

ଜଳପାଇଗୁଡି ତା ୨୨ ଲା ମଇ ସନ ୧୮୮୩ ମସିହା

ଜେ ଏଚ୍, ବୋଷ ହେଡ ମାଷ୍ଟର ମିଶନ ସ୍କୁଲ
ଏକ ଜଣର ଅତ୍ୟାଶ୍ଚର୍ଯ୍ୟ ମୁକ୍ତି ପତ୍ର ।

ଲକ୍ଷ୍ନୌ ତା ୪ ଲା ଜୁନ ୧୮୮୩

ପରମାହ୍ଲାଦରେ ପ୍ରକାଶ କରୁଅଛୁଁ ଯେ ଆପଣମାନଙ୍କର କବଚ ବ୍ୟବହାର କେତେକ ଦିନ ହେବର ଅନାୟାସ ଅଦ୍ଭୁତ ଶୂନ୍ୟରୁ ପାଇ ଧାତୁଦୁର୍ବଳତା ଶୁକ୍ରଭଙ୍ଗ ପକ୍ଷାଘାତ ଓ ମୂତ୍ର କଚ୍ଛ୍ରଜନିତ ସମସ୍ତ ପୀଡାର ଅଭିଷେକ ପ୍ରତିକାର କରିଅଛି ବାସ୍ତବରେ ଏହା ପ୍ରଚଳନ ପୀଡା ସମୂହର ଅତ୍ୟର୍ଥ ମହୌଷଧ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ବାବୁ ବନମାଳୀ ସିଂହ ଢେଙ୍କାନାଳ ମେନେଜର ମହୋଦୟଙ୍କର ପତ୍ର ପାଠେ ଜନକ ବାସିମାନଙ୍କର ଜଣାଣ ହୋଇ ପାରେ ଯଥା;—

ପ୍ରିୟ ବିଜୟ ବାବୁ ଆମ୍ଭର ବାଳ ହେଉ ସେବ କତ୍ତୁଦିନ ପାଇବାକୁ ଦ୍ୱର ଶ୍ୱାସ ଓ ଶାରୀରିକ ଦୁର୍ବଳତା ରୋଗରେ ଆକ୍ରାନ୍ତ ଥିଲା ତାହାକୁ ଆପଣ ଖୋଟିଏ ତାବିଜ ଲୋହର ଉଦ୍ଧାର ଜନ୍ମ ଦିନ ଦେଇଥିଲେ ସେ ସେ କପତ୍ ଅଦ୍ଭୁତ ପ୍ରଭୁଙ୍କ ପ୍ରାପ୍ତ ସହିତ ଲେଖୁଅଛୁଁ ଯେ ଇଚ୍ଛା ପିଲାବାଳ ଉତ୍ତମ ସ୍ୱାସ୍ଥ୍ୟରେ ଅଛି ।

ଶ୍ରୀଯୁକ୍ତ ବାବୁ ବିଜୟକୁମାର ଚକ୍ରବର୍ତ୍ତୀ ମହାଶୟ
କର୍ମାରେଷୁ

ମହାଶୟ !

କୃତଜ୍ଞତା ପୂର୍ବକ ସ୍ୱୀକାର କରୁ ଅଛୁଁ ଯେ ଅମ୍ଭେ ପ୍ରାୟ ମାସାବଧି ଦ୍ୱର୍ଦ୍ଧ ହେଡ ନିତ୍ୟ ବେଳେ ଅକାଳ ବୋଧ କରାଗ୍ ପୌଷଳ୍ୟବସ୍ଥାରୁ ପାଉଥିଲୁଁ ମାତ୍ର ସେହି ଦିନରୁ ଆପଣଙ୍କର ବହୁମୂଲ୍ୟ ତାବିଜ କବଚ ଉଦ୍ଦେଶ୍ୟରେ ଧାରଣ କରିଲୁ ସେହି ଦିନଠାରୁ ନିତ ଏକାବେଳକେ ଦୁର୍ବଳତା ହୋଇଅଛି ଶରୀର ଅତି ସୁସ୍ଥ ଓ ସବଳ ହୋଇଅଛି ! ଏହା ବାସ୍ତବିକ କୋଟିଏ

ଚମତ୍କାର ବହୁମୂଲ୍ୟ ପଦାର୍ଥ ଉଦୟ ଅଟେ ଓ ଶରୀରର ଜୀବନ ଶକ୍ତିକୁ ଉତ୍ତେଜିତ କରଏ !

ତା ୧୭ ଲା ଅକ୍ଟୋବର ସନ ୧୮୮୩ ମସିହା

ଶ୍ରୀ ରାଧାମୋହନ ସିଂହ
କଟକ ଗୁଣ୍ଡାବଲ୍ଲଭ

ମହାଶୟ !

କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଅବଶିଷ୍ଟ ପ୍ରାୟ ଗୃହମାସ କଠିନ ଜ୍ୱରଜ୍ୱରରେ ଆକ୍ରାନ୍ତ ଥିଲି ମାତ୍ର ଯେଉଁ ଦିନଠାରୁ ଆପଣଙ୍କ ବହୁମୂଲ୍ୟ ତାବିଜ କବଚ ଉଦ୍ଦେଶ୍ୟରେ ଧାରଣ କଲି ସେହି ଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା ବାସ୍ତବିକ କୋଟିଏ ଚମତ୍କାର ବହୁମୂଲ୍ୟ ଉପକାରୀ ଜିନିଷ ଅଟେ ଇତି ।

ତା ୨୨ ଲା ଅକ୍ଟୋବର }
ସନ ୧୮୮୩ ମସିହା } ଶ୍ରୀ ରାମଚନ୍ଦ୍ର ବଡପଣ୍ଡା । ଢ । ଢେଙ୍କାନାଳ

ମହାଶୟ !

ଅମ୍ଭ ପୁତ୍ର ଅଳିକୁ ଗତ ମା ୪ ମାସ ହେବ ଜ୍ୱରରୋଗରେ ଆକ୍ରାନ୍ତ ହୋଇଥିଲା ତାହାକୁ ଆପଣ ଖୋଟିଏ ତାବିଜ ଉଦ୍ଦେଶ୍ୟର ଉଦ୍ଦେଶ୍ୟ ଭଳି ଦେଇଥିଲେ ସେହି ଦିନରୁ ଅପ ଏକର ବହୁମୂଲ୍ୟ ତାବିଜ କବଚ ଉଦ୍ଦେଶ୍ୟରେ ଧାରଣ କଲା ସେହିଦିନଠାରୁ ଜ୍ୱର ଏକାବେଳକେ ଦୂରୀଭୂତ ହୋଇଅଛି ଏହା କୋଟିଏ ବହୁମୂଲ୍ୟ ଉପକାରୀ ଜିନିଷ ଅଟେ । ଇତି ।

ତା ୨୨ ଲା ଅକ୍ଟୋବର }
ସନ ୧୮୮୩ ମସିହା } ଶ୍ରୀନାଥ ମାନସିଂହ କଲିଷ୍ଟେବଲ ଦୋ ଚ ମୋହଲର । ଢା ଢେଙ୍କାନାଳ

---

ଏକଷିପ୍ୱର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାତ୍ର । ଏଥିରେ ପାରଦ ଅମ୍ଳ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବା ଟ ।୯ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେକ ଓ ନାକ ଭିତରର ଘା, ଶୋଥ ଘା, କାନ ଘା, କାଳର ଫୁଲ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା, ଶିରବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡା, କଣ୍ଡୁଆ, ଧାତୁଦୌର୍ବଲ୍ୟ ଏବଂ ଜୀର୍ଣ୍ଣଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକବ୍ୟୟ ଟ ୧୦ ଅଣା ।

ନୀମର ତେଲ ।

ଡାକ୍ତରୀ ଉପାୟରେ ନୀମରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ସେବେ ବଳ ଔଷଧ ଥାଏ ତେବେ ତାହା ନୀମ । ନୀମର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । ଦାଦ, ଖାଜୁ, କୁଣ୍ଡିଆ,

ଫୁଲ, ପଦ୍ମଖାଜୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟବହାର ଯେଉଁ ପ୍ରକାର ଘା ଅଛି, ତହିଁର ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ ବୋତଲ ଟ ୪୯ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡା ଆରାମ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସି ଟ ୧ ।

---

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ବହୁଳ ଭାବରେ ବ୍ୟବହୃତ । ଗବର୍ଣ୍ଣମେଣ୍ଟ ପ୍ରଧାନ ପ୍ରଧାନ ଚିକିତ୍ସାଳୟ ଓ ଦେଶୀୟ ଔଷଧାଳୟରେ ଏହାର ବ୍ୟବହାର ହୁଏ । ବାଣ୍ଟିବା ଦୋକାନଙ୍କ ଠାରେ ଗୁପଥ ରେଜେଷ୍ଟରୀ ନିକଟରେ ଉଚିତ ଦରରେ ମିଳେ ଯଥା;—

ଡାକମାସୁଲ ସହିତ ୪ ଅଉନ୍ସକୁ ଟ ୩୦ ଙ୍କା । ୮ ଅଉନ୍ସକୁ ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦୩ ମୂଲ୍ୟ ଲାଗେ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଛପାରେ

| | |
|---|---|
| ଧାଡି ପ୍ରତି | ଟ ୦୪ |
| ଅର୍ଦ୍ଧ ସ୍ତମ୍ଭକୁ | ଟ ୨୮ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଦର ଟ ୦୩ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ଛପାରେ ଦର ପ୍ରଥମ ଥରର ଅର୍ଦ୍ଧେକ ହିସାବରେ ହେବ ।

ଅଧିକ ଥର ଛପାରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଜଗନ୍ନାଥ ଘୋଷ | କଟକ ଭଦ୍ରାଚ୍ଚ | ଟ ୨୯ |
| ମୁନସି ନିତ୍ୟାନନ୍ଦ ମହାନ୍ତି ପାଳପଡା ଅସିମ | | ଟ ୩୭ |
| ବାବୁ ରାଧାବଲ୍ଲଭ ଘୋଷ ମିନାସେ | | ଟ ୦୩୭ |

---

ଶ୍ରୀ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୧୯ ଶ
ସଂଖ୍ୟା ୧୦

ତା ୮ ଋଣ ମାହେ ମାର୍ଚ୍ଚ ସନ ୧୮୮୪ ମସିହା । ମୂ । ଫାଲ୍ଗୁନ ବ ୨୭ ର ସନ ୧୨୯୧ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| --- | --- | --- |
| ବାର୍ଷିକ | ଟ ୨ ୧ | ଟ ୨॥୧ |
| ଡାକମାସୁଲ | ଟ ୦ ୩ | ଟ ୦ ୧ |

ଯୁବର୍ଚ୍ଚ ସାହେବ ବମ୍ବେଇରେ ଆଗାମୀ ବର୍ଷ ଯେଉଁ ପ୍ରଦର୍ଶନୀ ବସାଇବାର ସ୍ଥିର କରାଇ ଥିଲେ ତାହା ଘଟିଲା ନାହିଁ । ବମ୍ବେର ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରସ୍ତାବ ପ୍ରାପ୍ତ ହୋଇ ସ୍ଥାନୀୟ କମିଟିଙ୍କ ସହିତ ପରାମର୍ଶ କରି ଯେଉଁ ଉତ୍ତର ଦେଇଅଛନ୍ତି ତାହା ବଡ ସୁନ୍ଦର ହୋଇଅଛି । ସେ ଲେଖିଅଛନ୍ତି କି ଯୁବର୍ଚ୍ଚ ସାହେବଙ୍କର ସମସ୍ତ ପ୍ରସ୍ତାବରେ ସେ ସମ୍ମତ ହୋଇ ପାରୁ ନାହାନ୍ତି ଏବଂ ତାହାଙ୍କ ପ୍ରସ୍ତାବିତ ନିୟମମାନ ସଙ୍ଗତ ହୋଇଥିଲେ ମଧ୍ୟ ଏତେ ଅଳ୍ପ ସମୟ ଅର୍ଥାତ ସନ ୧୮୮୫ ସାଲର ଆରମ୍ଭରେ ତହିଁର ବନ୍ଦୋବସ୍ତ ହୋଇ ନ ପାରେ ଏବଂ ଏତେ ଶୀଘ୍ର ଭାରତବର୍ଷର କୌଣସି ସ୍ଥଳରେ ଆଉ ଗୋଟିଏ ପ୍ରଦର୍ଶନୀ ପିଟାଇବା ମଧ୍ୟ ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏ ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ କର୍ଣ୍ଣେଲ ହୁଟନ୍ସ ସାହେବ ହଠାତ୍ କଠିନରୂପେ ପୀଡିତ ହୋଇ ଗତ ମଙ୍ଗଳବାର କଲିକତାକୁ ଯାଇଅଛନ୍ତି । ତାହାଙ୍କୁ ଏମନ୍ତ ଉତ୍କଟ ରୋଗ ଆଶ୍ରୟ କରିଅଛି ଯେ ଏଠାରେ ତହିଁର ଚିକିତ୍ସା ହୋଇ ପାରିବ ନାହିଁ ବୋଲି କଲିକତାର ହାସପାତାଳରେ ଚିକିତ୍ସିତ ହେବା ସକାଶେ ଏଠା ଡାକ୍ତର ତାହାଙ୍କୁ ପଠାଇ ଦେଲେ ଏବଂ ସେ ଟ୍ରେନ ଯୋଗେ କଲିକତା ଯାଇଅଛନ୍ତି । ସେ କେବଳ ପୂର୍ବେ ପରଦିନ ଯେ ଖାଟରେ ତାହାଙ୍କୁ ନେଇଥିବା ସକାଶେ ଡାକ୍ତର ମୁଖୁର୍ଯ୍ୟା ତାହାଙ୍କ ସଙ୍ଗେ ଯାଇଅଛନ୍ତି । କର୍ଣ୍ଣେଲ ହୁଟନ୍ସ ସାହେବଙ୍କ ବୟସ ହୋଇଥିଲେହେଁ ତାହାଙ୍କୁ ବିଲକ୍ଷଣ ସବଳ ଦେଖା ଯାଉଥିଲା ହଠାତ୍ ଏପରି ବ ରୋଗ ହେବା ବଡ ବୁଝି ଯାଉ ନାହିଁ । ପରମେଶ୍ୱର ଶୀଘ୍ର ତାହାଙ୍କୁ ଆରୋଗ୍ୟ କରନ୍ତୁ ଏହି ଅମ୍ଭମାନଙ୍କର ପ୍ରାର୍ଥନା ।

---

ଗତ ପ୍ରକାଶିତ ସେବକରେ ନିମ୍ନଲିଖିତ ପ୍ରୀତିକର ସମ୍ବାଦଟି ପାଠକର ଆନନ୍ଦ ସହିତ ନିମ୍ନେ ଉଦ୍ଧୃତ କଲୁଁ ।

" ଗତମାସ ତା ୨୭ ରଖ ରବିବାର ଦିନ ଜେ, କେ, ଗୁପ୍ତ ମହାଶୟଙ୍କ ଗୃହରେ ବ୍ରାହ୍ମିକାମାନଙ୍କ ଉତ୍ସବ ହୋଇଥିଲା । ମିସେସ୍ ଗୁପ୍ତ, ମିସେସ୍ ମ, ଘୋଷ, ମିସେସ୍ ଜ, ଘୋଷ, ମିସେସ୍ ପଟ୍ଟନାୟକ, କୁମାରୀ ଘୋଷ ଏବଂ ଦୁଇଗୋଟି ବ୍ରାହ୍ମବନ୍ଧୁ ସେଥିରେ ଯୋଗ ଦାନ କରିଥିଲେ । ମିସେସ୍ ଗୁପ୍ତ ଉପାସନାର କେତେକ ଅଂଶର ଭାର ଗ୍ରହଣ କରିଥିଲେ ଏବଂ ସ୍ୱୟଂ ହସ୍ତରେ ପାକ କରି ବ୍ରାହ୍ମିକାମାନଙ୍କ ପରିତର୍ପଣ କରିଥିଲେ । ଉତ୍କଳ ଦେଶରେ ଏହା ନୂତନ ଦୃଶ୍ୟ । ସେହି ଦିବସ ଉତ୍କଳ ନାରୀସମାଜ ନାମରେ ଗୋଟିଏ ମଣ୍ଡଳୀ ସ୍ଥାପିତ ହେଲା । "

ବାସ୍ତବରେ ଓଡିଶାରେ ଏ ଦୃଶ୍ୟ ନୂତନ ଏବଂ ଉତ୍ସାହଜନକ ଅଟଇ । ଓଡିଶାବାସୀ ପୁରୁଷଙ୍କଠାରୁ ସ୍ତ୍ରୀମାନେ କୁସଂସ୍କାର ତ୍ୟାଗ କରିବାକୁ ଅଧିକତର ସାହସୀ ଥିବାର ଏହାଦ୍ୱାରା ପ୍ରମାଣ ଆଉଅଛି । ଏହି ଉତ୍କଳ ରମଣୀମାନେ ଆପଣା ବନ୍ଧୁବାନ୍ଧବଙ୍କ ସହିତ ଦେଖା କରିବା ସମୟରେ ଉପଦେଶ ଦେଲେ ଅନେକ କୁସଂସ୍କାର ସମୂଳେ ଉଠାଇ ଦେବାକୁ ସମର୍ଥ ହେବେ ।

---

ଓଡିଶାର ଉଚ୍ଚଶିକ୍ଷା ଏବର୍ଷ ଉତ୍ତମ ଫଳ ପ୍ରଦାନ କରୁଅଛି । ରେଭେନସା କଲେଜରୁ ଏହି ବର୍ଷ ଏକଜଣ ଏମ୍, ଏ, ଓ ଏକଜଣ ବି, ଏଲ୍ ନୂତନ ବାହାରି ଅଛନ୍ତି । ଏକଥା ଅମ୍ଭମାନଙ୍କର ଗୌରବର ବିଷୟ ଅଟଇ । ଅମ୍ଭେମାନେ ଆଶା କରୁଁ ଯେ ଏଣିକି ପ୍ରତିବର୍ଷ ଏପରି ଉପାଧିଧାରୀମାନେ ବାହାରି ଓଡିଶାର ମୁଖୋଜ୍ଜ୍ୱଳ କରିବେ ଏବଂ ସେମାନଙ୍କର ଉତ୍ସାହ ନିମିତ୍ତ ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ କି ପ୍ରଥମରେ ଯେଉଁମାନେ ବାହାରି ଅଛନ୍ତି ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି କରିବେ । ଓଡିଶାଦେଶ ରାଜଧାନୀର ଏକ ପ୍ରାନ୍ତରେ ପଡିଥିବାରୁ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିତାନ୍ତ ଅକ୍ଷମ ସୁତରାଂ ଅମ୍ଭମାନଙ୍କର ସକଳ ଆଶା ଭରସା କମିଶ୍ନର ସାହେବଙ୍କ ଠାରେ । ପୂର୍ବ କମିଶ୍ନରମାନେ ଏପ୍ରକାର ସ୍ଥଳରେ ଉତ୍ସାହ ଦେବାକୁ ନିତାନ୍ତ ଉଦାସୀନ ନ ଥିଲେ । କିନ୍ତୁ ସେମାନଙ୍କ ଅମଳରେ ଏମନ୍ତ ଉତ୍କୃଷ୍ଟ ଫଳ ଲାଭ

Split by PDF Splitter

Digitized by srujanika@gmail.com

Split by PDF Splitter



ହୋଇ ନ ଥିଲା । ଶ୍ରୀଯୁକ୍ତ ଲର୍ମିଂଶ ସାହେବ ଏବଂ ଟଂ କମିଶ୍ନର ଏ ସମ୍ବନ୍ଧରେ କ କହିବେ ଏହା ଦେଖିବାକୁ ଓଡ଼ିଶାବାସୀ ସମସ୍ତେ ଚାହିଁ ବସି ଅଛନ୍ତି । ଅବଶ୍ୟ ଅମ୍ଭେମାନେ ସ୍ୱୀକାର କରୁଁ କି ଦେଶୀୟ ଶିକ୍ଷିତମାନେ ଯେତେଦିନ ସ୍ୱାଧୀନ ବ୍ୟବସାୟ ଅବଲମ୍ବନ ନ କରି କେବଳ ଚାକରିକୁ ଚାହିଁ ବସିବେ ସେତେଦିନ ଦେଶର ଉନ୍ନତି ହେବ ନାହିଁ । କିନ୍ତୁ ଚାକରି ମଧ୍ୟ ଗୋଟିଏ ବ୍ୟବସାୟ ଏବଂ ଯେତେକାଳ ପର୍ଯ୍ୟନ୍ତ ଦେଶୀୟ ଲୋକଙ୍କ ପ୍ରାପ୍ୟ ଉଚ୍ଚ ଚାକରିମାନଙ୍କରେ ସ୍ଥାନୀୟ ଶିକ୍ଷିତ ଲୋକଙ୍କର ବିସ୍ତର ଅଭାବ ଦେଖାଯାଏ ସେତେକାଳ ସରକାରୀ ଚାକର ଲୋଡ଼ିବା ଅସଙ୍ଗତ ନୁହଇ ।

---

ମୃତ ମହାତ୍ମା କେଶବଚନ୍ଦ୍ର ସେନଙ୍କ ଧର୍ମମନ୍ଦିରରେ ଗୁରୁତର କଳହ ଆରମ୍ଭ ହୋଇଅଛି । ବାବୁ କେଶବଚନ୍ଦ୍ର ସେନ ମରିବାର ଏତେ ଅଳ୍ପକାଳ ମଧ୍ୟରେ ଏତାଦୃଶ କଳହ ଆରମ୍ଭ ହେବା ତାଙ୍କ ଉତ୍ତରାଧିକାରୀ ଓ ନବ୍ୟାପର ବ୍ରାହ୍ମମାନଙ୍କ ପକ୍ଷରେ ଯେ ଗୋଟିଏ ଗୁରୁତର କଳଙ୍କ ତାହା ଆଉ କହି ହେବାକୁ ହେବ ନାହିଁ । ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ କେଶବବାବୁ ଯେଉଁ ବେଦିରେ ବସି ଦୀକ୍ଷା ଦେଉଥିଲେ ସେଥିରେ ଅନ୍ୟ ଧର୍ମ ଯାଜକଙ୍କୁ ବସାଇ ନ ଦେଇ ସେମାନଙ୍କ ନିମିତ୍ତ ସ୍ୱତନ୍ତ୍ର ଆସନ ନିର୍ମାଣ କରି ପୂର୍ବୋକ୍ତ ଆସନକୁ ପବିତ୍ର ସ୍ଥାନରେ ସ୍ଥାପନ କରିବା କାରଣ ନବ୍ୟାପର ବ୍ରାହ୍ମମାନେ ଦାବି କଲେ ମାତ୍ର ତାହା ସ୍ୱୟଂ କେଶବବାବୁଙ୍କଦ୍ୱାରା ଧାର୍ଯ୍ୟ ହୋଇଥିବା ବ୍ରାହ୍ମମନ୍ଦିରର ଉପାସନାର ବ୍ୟବସ୍ଥା ଥିବା ଦୃଷ୍ଟିରେ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ଓ ବ୍ରାହ୍ମମଣ୍ଡଳୀ ଘୃଣା କରିବାରୁ କଳହ ଆରମ୍ଭ ହୋଇଅଛି ଓ କେଶବ ବାବୁଙ୍କ ପୁତ୍ର ବାବୁ କରୁଣା ଚନ୍ଦ୍ର ସେନ ଧର୍ମମନ୍ଦିରରେ ... ପକାଇ ଦେଇଅଛନ୍ତି । ଗତ ମାସ ତା ୨୧ ଇଷ୍ଟରର ବ୍ରାହ୍ମିମାନେ ମନ୍ଦିରରୁ ବହିଷ୍କୃତ ହେଲେ । ସାଧାରଣ ଧର୍ମ ନିମିତ୍ତ ଉତ୍ସର୍ଗୀକୃତ ହୋଇଥିବା ସ୍ଥାନରେ ଏପରି ସାମାନ୍ୟ ବିଷୟ ନେଇ ଗୁରୁ ବିଚ୍ଛେଦ ଜାତ କରିବା ଏବଂ ଉଦାର ବ୍ରାହ୍ମଧର୍ମର ପବିତ୍ର ଉପାସନା ମନ୍ଦିରରେ ପୌତ୍ତଳିକତାର ସଙ୍କୀର୍ଣ୍ଣ ଭାବକୁ ପ୍ରଶ୍ରୟ ଦେବା ଦେଖିଲେ ବଡ଼ କ୍ଷୋଭନୀୟ ବିଷୟ ଅଟେ ସୁବିଜ୍ଞଲୋକେ ସହଜରେ ଭାବି ନେବେ । କଳହ ଏତେ ଦୂର ଗୁରୁତର ହୋଇଅଛି ଯେ ତାହା ସହଜରେ ମୀମାଂସିତ ହେବାର ଦେଖା ନ ଯାଏ । ତଥାପି ଅମ୍ଭେମାନେ ଆଶା କରୁଁ କି ବ୍ରହ୍ମଧର୍ମ ଯାଜକମାନେ ଅଯଥା ଭ୍ରମ ବୁଝିପାରି ଏଥିରୁ କ୍ଷାନ୍ତ ହେବେ ।

---

ପୁରୁଷୋତ୍ତମ ପତ୍ରିକାରୁ ଅବଗତ ହେଲୁଁ ଯେ ସେଠା ଇନ୍‌ସ୍ପେକ୍ଟରଙ୍କ ନାମରେ ଯେଉଁ ଅନ୍ୟାୟ ଆଚରଣର ମୋକଦ୍ଦମା ହୋଇଥିଲା ତାହା ନିଷ୍ପତ୍ତି ହୋଇଅଛି । ଇନ୍‌ସ୍ପେକ୍ଟରଙ୍କ ନାମରେ ଏହି ଅଭିଯୋଗ ହୋଇଥିଲା କି ସେ ଅଧୀନସ୍ଥ କର୍ମଚାରୀଙ୍କଠାରୁ ଖାଦ୍ୟଦ୍ରବ୍ୟ ଏବଂ ନଗଦ କମ ମୂଲ୍ୟରେ ଗ୍ରହଣ କରୁଥିଲେ ଏବଂ କେହି ନ ଦେଲେ ତାହା ନାମରେ ଅନ୍ୟାୟ ରିପୋର୍ଟ କରି ଦଣ୍ଡ ଦେଉଥିଲେ । ପୁଲିସ ସାହେବ ଅନୁସନ୍ଧାନ କରି କେତେକ ଲିଖିତ ଦଲିଲ ଏବଂ ସାକ୍ଷିଙ୍କ ଜୋବାନବନ୍ଦିରେ ଯଥେଷ୍ଟ କି ଅପରାଧର ପ୍ରମାଣ ପାଇଲେ ମାତ୍ର ଯେଉଁ ସାକ୍ଷିମାନେ ଇନ୍‌ସ୍ପେକ୍ଟରଙ୍କ ବିରୁଦ୍ଧରେ କହିଲେ ସେମାନେ ତାହାଙ୍କଦ୍ୱାରା ପୂର୍ବେ ଦଣ୍ଡିତ ହୋଇ ଥିବାରୁ ତାହାଙ୍କ ବିଶ୍ୱାସ କଲେ ନାହିଁ । ଲିଖିତ ଦଲିଲ ପକ୍ଷରେ ମଧ୍ୟ ତାହାଙ୍କର କେତେକ ସନ୍ଦେହ ହେଲା । ପୁଲିସ ସାହେବ ଏହି କଥାମାନ ଲେଖି ରିପୋର୍ଟ ପଠାଇବାରେ ମାଜିଷ୍ଟ୍ରେଟ ସାହେବେ ତାହାଙ୍କରେ ଐକ୍ୟ ହେଲେ ମାତ୍ର ଅଧୀନ କର୍ମଚାରୀଙ୍କ ସହିତ ସଦ୍‌ଭାବ ବ୍ୟବହାର ନ ରଖିବା କାରଣ ଇନ୍‌ସ୍ପେକ୍ଟରଙ୍କୁ ତାଗିଦ କରି ଦେଲେ । ଅମ୍ଭେମାନେ ମାଜିଷ୍ଟ୍ରେଟ ସାହେବଙ୍କ ଏହି ବିଚାରରେ ନିତାନ୍ତ ଆଶ୍ଚର୍ଯ୍ୟ ହୋଇଅଛୁଁ ଏବଂ ମନରେ ଏହି ପ୍ରଶ୍ନ ଉଦୟ ହେଉଅଛି ଯେ କୋର୍ଟ ଫେଲକୁ ଏଥିର କାରଣ ଅଛି କି ? ନତୁବା ଏପରି ବିଚାରର କୌଣସି ହେତୁ ବୁଝି ପାରୁ ନାହୁଁ । ଫରିଆଦ ଫଉଜଦାରୀରେ ନାଲିସ କଲା । ପୁଲିସ ତଦନ୍ତରେ ତାହା ଏକପ୍ରକାର ପ୍ରମାଣ ହେଲା । ବିଚାର ପ୍ରଣାଳୀ ଅନୁସାରେ କାର୍ଯ୍ୟ ହୋଇଥିଲେ ସୁଦ୍ଧା ସତ୍ୟତା ଜଣା ଯାଇ ପାରନ୍ତା । ତାହା ନ ହୋଇ ଏପରି ଗୁରୁତର ମୋକଦ୍ଦମା କପଟ ତାହା ଦରେ ଶେଷ ହେଲା ବୁଝି ହେଉ ନାହିଁ । ବାସ୍ତବରେ ଏହି ଭାବରୁ ଅନୁମାନ ହେଉଅଛି ଯେ ମାଜିଷ୍ଟ୍ରେଟଙ୍କ ମନରେ ସନ୍ଦେହ ହୋଇଅଛି ଏବଂ ଏପରି ଉଚ୍ଚ ପଦସ୍ଥ କର୍ମଚାରୀ ଉପରେ ଏତେ ଗୁରୁତର ବିଷୟର ସନ୍ଦେହ ହେଲେ ତାହାଁର ବିହିତ ପ୍ରୟୋଗ ଯେ ତାହା ଦନ୍ତ ନୁହଇ ଏହା କିଏ ସ୍ୱୀକାର ନ କରିବ ! ଅମ୍ଭେମାନେ ଆଶା କରୁଁ କି ଶ୍ରୀଯୁକ୍ତ କମିଶ୍ନର ସାହେବ ଏଥିର ବିହିତ ବିଚାର କରିବେ ଏବଂ ଯହିଁରେ ମୋକଦ୍ଦମାର ବିଚାର ହୁଏ ଇହିଁର ଆଦେଶ ଦେବେ ।

---

କମାଣ୍ଡର ଇନ୍ ଚିଫଙ୍କ

ପୁରୀଗମନ ।

ଏ ଦେଶର ଲୋକ ନାନାଜ ପ୍ରଦେଶର ସୈନ୍ୟାଧ୍ୟକ୍ଷ ସାହେବଙ୍କର ଶ୍ରୀକ୍ଷେତ୍ରଗମନ ସମ୍ବାଦ ଗତ ସପ୍ତାହରେ ପାଠକମାନଙ୍କୁ ଦେଇଅଛୁଁ । ସାହେବ ପ୍ରଶଂସିତ ଗତ ସୋମବାର ପ୍ରାତଃ ସାତଘଣ୍ଟା ସମୟରେ ଲୋକନାଥଠାରେ ଉପସ୍ଥିତ ହେଲେ । ସେଠାରେ ତାଙ୍କ ଅଭ୍ୟର୍ଥନା ନିମନ୍ତେ ସୁନ୍ଦର ସାମିଆନା ଟଣା ହୋଇଥିଲା, ଏଲେ ବହୁ ତୋରଣ ହୋଇଥିଲା ଏବଂ ଅନେକ ପତାକା ଉଡ଼ୁଥିଲା । ପଲଟନର ସାହେବମାନେ, ବାଜାଦାର, ସମସ୍ତ ସୁବାଦାର ଏବଂ ତୁଇପଙ୍କ୍ତି ସିପାହୀ ପଲଟନ ଅନୁଯାୟୀ ସେଠାରେ ଉପସ୍ଥିତ ଥିଲେ । ସାହେବ ପ୍ରଶଂସିତଙ୍କ ସମ୍ମାନାର୍ଥେ କମିଶ୍ନର ସାହେବ ଓ ଅନ୍ୟାନ୍ୟ ଶେଷ ଓ ରାଜା ଜମିଦାରମାନେ ଶ୍ରୀକ୍ଷେତ୍ର ପ୍ରଧାନ ଜମିଦାର ଓ ଜଣେ ମଧ୍ୟ ଜମି ଓ କେତେକ ସରଦାର ଅନେକ ସେଠାକୁ ଯାଇଥିଲେ । ଏହାଙ୍କ ଭିନ୍ନ ଅନେକ ଦର୍ଶକ ଜୁଟି ହୋଇଥିଲେ । ବୋଟ ଘାଟରେ ଲାଗିବା ପରେ କର୍ଣ୍ଣେଲ ସାହେବ ତାଙ୍କୁ ବୋଟରୁ ଓହ୍ଲାଇ ଆଣିଲେ ତାହା ବାଜିଲା ଓ ସଲାମୀ ତୋପ ପଡ଼ିବାରୁ ବନ ପ୍ରାନ୍ତ ଶବ୍ଦ ବଡ଼ ହୋଇ ଯାଇଥିଲା । ସାମିଆନା ତଳେ କମିଶ୍ନର ସାହେବଙ୍କ ସଙ୍ଗେ ତାଙ୍କର ଆଳାପ ହେଲା । ତହୁଁ ସାହେବ ପ୍ରଶଂସିତ ଓ କର୍ଣ୍ଣେଲ ସାହେବ ସିପାହୀମାନଙ୍କ ନିକଟକୁ ଆସି ସେମାନଙ୍କର ସଲାମୀ ନେଇ ଓ ସେମାନଙ୍କୁ ପ୍ରଦକ୍ଷିଣ କରି ସ୍ନେହ ସମ୍ଭାଷଣ କଲେ । ତଦୁତ୍ତରେ ପଲଟନର ଅନ୍ୟ ସାହେବ ଓ ଇଂରାଜ ଭଦ୍ରଲୋକଙ୍କ ସଙ୍ଗେ ଆଳାପ ହେଲା । ତହୁଁ ସୁବାଦାରମାନଙ୍କର ସଲାମୀ ଓ ପରିଚୟ ହେଲା । ସବଶେଷରେ ଦେଶୀୟ ଜାଗିର, ଜମିଦାର ଓ ମହାଜନଙ୍କ ସଙ୍ଗେ ଆଳାପ ହେଲା । ତଦନନ୍ତର ସାହେବ ପ୍ରଶଂସିତ ଓ କମିଶ୍ନର ସାହେବ ସଙ୍ଗ ହୋଇ ଲୋକଙ୍କ କାରଖାନା ସବୁ ଦେଖି କରମାନ ଦେଖି ବୋଟକୁ ପ୍ରସ୍ଥାନ କଲେ । ସଙ୍ଗିନବାରୁଦ ସିପାହୀମାନଙ୍କ

Digitized by srujanika@gmail.com

ପରେଟ ଓ ହବାନ ହେଲା । ବୁଧବାର ପ୍ରାତଃକାଳେ ସାହେବ ମହୋଦୟ ବର୍ଗ ଡାକରେ ପୁରୀକୁ ଗମନ କଲେ । ଯାତ୍ରା କାଳେ କେବଳ ସଲାମୀ ବମ୍ ଫୁଟିଲା ଓ ସାହେବ ମହୋଦୟଙ୍କ ନିଷେଧ ହେତୁ ଅନ୍ୟ କିଛି ସମାରୋହ ନ ହେଲା ।

ଏ ନଗରକୁ ଏଥି ପୂର୍ବେ କେହି ସୈନ୍ୟାଧ୍ୟକ୍ଷ ପରିଦର୍ଶନ କାର୍ଯ୍ୟରେ ଆସି ନ ଥିଲେ । ସର୍ ଫ୍ରେଡରିକ ରବର୍ଟସ ଏଥିର ସୂତ୍ରପାତ କଲେ । ଭରସା ହୁଅଇ ଭବିଷ୍ୟତରେ ଏପ୍ରକାର ଉଚ୍ଚପଦାରୂଢ଼ ବ୍ୟକ୍ତିଙ୍କର କେବେ କେବେ ଦର୍ଶନଲାଭ ହେବ କାରଣ ଏଥି ସଙ୍ଗେ ସଙ୍ଗେ ଜନରବ ଉଠିଅଛି ଯେ ଏଠାରେ ପଲଟନ ରହିବ ନାହିଁ । ଏକ ସମୟରେ ଏଠାରେ ତୋପ ଓ ଏକକମ୍ପାନି ଗୋରାଙ୍କ ସିପାହୀ ଓ ପଦାତିକ ଦୁଇ ପଲଟନ ଥିଲେ । ତହିଁ ପରବର୍ତ୍ତୀରେ ବର୍ତ୍ତମାନ କେବଳ କେତେକ କମ୍ପାନି ପଦାତିକ ରହିଅଛନ୍ତି ଏଣିକି ଏହା ସୁଦ୍ଧା ଉଠିଗଲେ ଯେ ବିଶେଷ କ୍ଷତି ହେବ ଏମନ୍ତ ଅନୁମାନ ହେଉ ନାହିଁ । ଅନ୍ତତଃ ରେଲବାଟ କଟକକୁ ଫିଟିଲେ ପଲଟନର ଆବଶ୍ୟକତା ନିତାନ୍ତ ଊଣା ଅନୁଭବ ହେବ । ତଥାପି ଆମ୍ଭେମାନେ ପଲଟନ ଉଠିଯିବା ବ୍ୟବସ୍ଥାକୁ ଅନୁମୋଦନ କରି ପାରୁ ନାହୁଁ । ପଲଟନ ଉଠିଗଲେ କେବଳ ଏ ନଗରର ଶୋଭା କମିବ ଏମନ୍ତ ନୁହେ । ବରଂ ଗବର୍ଣ୍ଣମେଣ୍ଟଙ୍କ ବାହୁବଳର ଉଚ୍ଛୃଙ୍ଖଳ ପରିତ୍ୟ ସୁଦ୍ଧା କେତେକ ପ୍ରଜାଙ୍କୁ ଦମନ କରିବାକୁ ଅସମର୍ଥ ହେବେ ଏବଂ ତଦ୍ଦ୍ୱାରା ଶାନ୍ତିରକ୍ଷାର ବିଘ୍ନ ବୃଦ୍ଧି ହେବାର ସମ୍ଭାବନା ।

---

### ଲର୍ଡ ରିପନଙ୍କ ଉଦାରଚରିତ ।

ଲର୍ଡ ରିପନ ମାନ୍ଦ୍ରାଜଠାରୁ କଲିକତାଭିମୁଖେ ଯାତ୍ରା କରିବା ପୂର୍ବରେ ମାନ୍ଦ୍ରାଜବାସୀ ଦେଶୀୟ ଲୋକେ ତାହାଙ୍କୁ ନାନା ପ୍ରଶଂସାବିଶିଷ୍ଟ ଖଣ୍ଡିଏ ଅଭିନନ୍ଦନପତ୍ର ଭେଟି ଥିଲେ । ସାହେବ ପ୍ରଶଂସିତ ଭଦ୍ରଙ୍କର ଯେଉଁ ଉତ୍ତର ଦେଲେ ତାହା ସର୍ବସାଧାରଣଙ୍କ ଜାଣିବାର ଉଚିତ ବୋଲି ନିମ୍ନଲିଖିତ କଥାମାନ ତହିଁରୁ ଉଦ୍ଧୃତ କଲୁଁ ଯଥା;—

"ଆମ୍ଭେ ଏବର ଖଣ୍ଡିଏ ଅଭିନନ୍ଦନପତ୍ର ପ୍ରାପ୍ତ ହୋଇ ଏଠା ଅଧିବାସୀ ଲୋକମାନଙ୍କର ମନୋମତ ଜ୍ଞାତ ହେବାରୁ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଶାସନ କରିବାର ଶୀର୍ଷ ସ୍ଥାନରେ ଅଧିଷ୍ଠିତ ଥାଇ ଏହି ସୁବିଧାରେ ଏତଦ୍ଦେଶୀୟ ଲୋକମାନଙ୍କର ମନୋଭାବ ଜ୍ଞାତ ହେବାରୁ ଆମ୍ଭେ ଆପଣାକୁ ଲାଭବାନ ମନେ କରୁଅଛୁଁ । ଯେତେ ଯେତେ ପ୍ରସଙ୍ଗ ଏଥିରେ ଉଲ୍ଲିଖିତ ହୋଇଅଛି ଆମ୍ଭେ ସେ ସମସ୍ତର ପ୍ରତ୍ୟୁତ୍ତର ବର୍ତ୍ତମାନ ଦେଇ ପାରେଁ ନାହିଁ ସତ୍ୟ ମାତ୍ର ଯେଉଁ ଶାସନକର୍ତ୍ତା ନିତାନ୍ତ ଖର ବା ନିତାନ୍ତ କ୍ଷୀଣ ବେଗରେ ନ ଚଳି କ୍ରମେ କ୍ରମେ ସମସ୍ତ ବିଷୟ ଦୃଢ଼ କରି ଯିବାକୁ ସକ୍ଷମ ହୁଅନ୍ତି ତାହାଙ୍କୁହିଁ ଉତ୍କୃଷ୍ଟ ଶାସନକର୍ତ୍ତା ବୋଲି ଓ ସେ ନୀତି ସୁବୁଦ୍ଧି ସମ୍ପନ୍ନ ରାଜନୀତି ନାମରେ ଅଭିହିତ ହୁଏ । ଆମ୍ଭେ ଯେଉଁ ରାଜନୈତିକ ମାର୍ଗରେ ଗମନ କରି ଅବଧି ଯାଏଁ କରୁଅଛୁଁ ତୁମ୍ଭେମାନେ ତାହା ଯେତେ ବୁଝିଥିବାର ଦେଖି ଅମ୍ଭେ ଅତ୍ୟନ୍ତ ଆହ୍ଲାଦିତ ହୋଇଅଛୁଁ ଏବଂ ଆମ୍ଭେ ଏ ଦେଶ ତ୍ୟାଗ କରିଯିବା ପୂର୍ବରୁ ସେ ସମସ୍ତ ଦୃଢ଼ରୂପେ ସ୍ଥାୟୀ କରିବା ଭିନ୍ନ ଅନ୍ୟ କାହିଁରେ ଆମ୍ଭର ତାଦୃଶ ସୁଖାନୁଭବ ହେବ ନାହିଁ ଏବଂ ତାହା ହେଲେ ଭବିଷ୍ୟତ ଶାସନକର୍ତ୍ତାମାନେ ସେ ବାଟେ ଯିବାକୁ କଷ୍ଟ ବୋଧ କରିବେ ନାହିଁ । ଆମ୍ଭେ ସେହି ତତ୍ତ୍ୱର ଖ୍ୟାତ ଦସ୍ତୀ ନାମକ ଜନ୍ତୁକୁ ଅନୁସରଣ କରି ଚାଲୁଅଛୁଁ । ଦସ୍ତୀ ଯେପରି ପାଦ ପ୍ରକ୍ଷେପଣ କାଳରେ ଅଗ୍ରେ ଯେଉଁ ସ୍ଥାନରେ ପଦ ନିକ୍ଷିପ୍ତ ହେବ ସେ ସ୍ଥାନର ତଳ କଳନା କରେ ଅମ୍ଭେ ସେହିରୂପ ସତର୍କ ଭାବରେ ଚାଲୁଅଛୁଁ ଯେପରି କାର୍ଯ୍ୟକଳାପରେ ଅପ୍ରସ୍ତୁତ ହେବା କାଳରେ ଅମ୍ଭେ ପଛକୁ ହଟି ନ ପାରୁଁ । ତୁମ୍ଭେମାନେ ନାନା ଆବଶ୍ୟକୀୟ ବିଷୟର ଉଲ୍ଲେଖ କରିଅଛ ଏବଂ ଅମ୍ଭେ ଏହା ପ୍ରକାଶ କରୁ ଯେ ଭଲ କରି ଦେଖି ସମସ୍ତ ବିଷୟରେ ଉଚିତ ଉପାୟ ଅବଲମ୍ବନ କରିବାକୁ ଚେଷ୍ଟା କରିବୁଁ । ସିଭିଲସର୍ବିସ ପରୀକ୍ଷାରେ ତୁମ୍ଭେମାନେ ଯଦ୍ୱା ବର୍ତ୍ତମାନ ବୟସର ନିର୍ଦ୍ଦିଷ୍ଟ ସୀମାକୁ ବଢ଼ାଇ ଦେବାର ପ୍ରାର୍ଥନା କରିଅଛ ତାହା ଅତି ଯୁକ୍ତିସଙ୍ଗତ ଅଟେ ମାତ୍ର ତାହା ଷ୍ଟେଟ ସେକ୍ରେଟାରିଙ୍କ ହାତର କଥା । ଯାହାହେଉ ଏ ବିଷୟ ଯେ ପ୍ରଥମେ ଅମ୍ଭର ଦୃଷ୍ଟି ଆକର୍ଷଣ କରିଅଛି ତହିଁରେ ସନ୍ଦେହ ନାହିଁ । ଭାରତରେ ଯେ ସିଭିଲସର୍ଭିସ୍ ନିଯୋଗ ହେବାର ନିୟମ ଚଳୁଅଛି ତାହା ଅବଶ୍ୟ ଅନେକାଂଶରେ ପରିବର୍ତ୍ତନଶୀଳ ହୋଇ ପଡ଼ିଅଛି ଏବଂ ଏ ବିଷୟରେ ଅମ୍ଭେ ସ୍ୱଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ପରାମର୍ଶ କରି ଯଥାବିହିତ ସଂଶୋଧନ କରିବାରେ ବ୍ରତୀ ହେବୁଁ । ପରେ ତୁମ୍ଭେମାନେ ଶାସନ (Executive) ବିଭାଗକୁ ବିଚାର (Judicial) ବିଭାଗରୁ ଅନ୍ତର କରିଦେବାର ପ୍ରାର୍ଥନା କରିଅଛ । ଏ ପ୍ରାର୍ଥନା ଯୁକ୍ତିସଙ୍ଗତ ହେଲେହେଁ ଏହା ଅନେକ ବ୍ୟୟସାପେକ୍ଷ ଅଟେ ଏବଂ ବ୍ୟୟ ବିଷୟରେ ଦୃଷ୍ଟି ରଖିବା ସର୍ବପ୍ରଧାନ କାର୍ଯ୍ୟ ଅଟେ । ଭାରତବାସିଙ୍କ ଉପରେ ଅମ୍ଭେ ଆଉ ଅଧିକ ଟାକ୍ସ ବସାଇବାକୁ ଇଚ୍ଛା ନ କରୁଁ ତେଣୁ ତୁମ୍ଭେମାନେ ଆପଣାକୁ ଅଧିକ କରଭାରରେ ଜଡ଼ିତ କରିବାକୁ କେବେହେଁ ଯୁକ୍ତ ମଣିବ ନାହିଁ । ଭାରତବାସିଙ୍କ ଦେହରୁ କରଭାର କଥଞ୍ଚିତ ଊଣା ହେଲେ ଅମ୍ଭେ ସନ୍ତୁଷ୍ଟ ହେଉଁ । ଏ ବିଷୟ ଏବଂ ଅନ୍ୟାନ୍ୟ ବିଷୟ ଯହିଁ ସଙ୍ଗରେ ବ୍ୟୟ ବିଜଡ଼ିତ ନିତାନ୍ତ ସଂଶ୍ଳିଷ୍ଟ ଅଛି ତାହା ଉଚିତ କାର୍ଯ୍ୟ ହେଲେହେଁ ଅମ୍ଭେ କୌଣସି ପ୍ରକାର ପ୍ରତିଜ୍ଞା କରି ପାରୁ ନାହୁଁ । ଶାସନ ପ୍ରଣାଳୀରେ ବର୍ତ୍ତମାନ ଅନେକ ପ୍ରକାର ସଂଶୋଧନର ଆବଶ୍ୟକତା ଅଛି ବ ଯାହା କରାଗଲେ ଅମ୍ଭେ ଅତ୍ୟନ୍ତ ଆନନ୍ଦିତ ହେବୁଁ ମାତ୍ର ସେ ସମସ୍ତ ଉପଯୁକ୍ତ କାଳ ଅପେକ୍ଷାରେ ଆପାତତଃ ସ୍ଥଗିତ ରହିବ । ଅନେକ ଲୋକଙ୍କର ମତ ଏପରି ଯେ ଗବର୍ଣ୍ଣମେଣ୍ଟ ପ୍ରାଇମେରି ଶିକ୍ଷା ଦେବାରେ ନିତାନ୍ତ ମନୋଯୋଗୀ ହୋଇ ଉଚ୍ଚ ଶିକ୍ଷାର ମୂଳୋତ୍ପାଟନ କରିବାକୁ ବସିଅଛନ୍ତି ମାତ୍ର ତୁମ୍ଭେମାନେ ସେ ତଦନୁରୂପ ଭ୍ରାନ୍ତ ନ ହୋଇ ଗବର୍ଣ୍ଣମେଣ୍ଟଙ୍କ ପ୍ରକୃତ ଉଦ୍ଦେଶ୍ୟ ବୁଝି ପାରୁଅଛ ଏଥିରେ ଅମ୍ଭେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଅମ୍ଭର ଉଚ୍ଚଶିକ୍ଷା ପ୍ରତି ବିଶେଷ ସହାନୁଭୂତି ଅଛି ଏବଂ ଶିକ୍ଷା ସମିତିର ରିପୋର୍ଟ ପ୍ରତି ଯେତେବେଳେ ତତ୍କାଳୀନ ଆଦେଶ ବାହାରିବ ସେତେବେଳେ ତାହାର ଆପତ୍ତି କରିବାର କାରଣ ନ ଥିବ । ସ୍ୱଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ପ୍ରାୟ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ଲୋକାଭିମତ ଜ୍ଞାତ ହେବା କାରଣ ଉତ୍ତମ ଉପାୟ ଏ ବର୍ତ୍ତମାନରେ ଗବର୍ଣ୍ଣମେଣ୍ଟ ସମୟେ ସମୟେ ଏହି ପତ୍ର ସୁବିଧା କରି ଲୋକାଭିମତ ଜ୍ଞାତ ହେବା କର୍ତ୍ତବ୍ୟ ଏବଂ ସେହି କଥା ଭଲ ଅମ୍ଭେ ଆପଣାକୁ ଲାଭବାନ ମନେ କରୁଅଛୁଁ ଏବଂ ଏହି ଉଦ୍ଦେଶ୍ୟରେ ଅମ୍ଭେ ଭାରତରେ ପଦାର୍ପଣ କରିବା ସମୟରେ ସମ୍ପାଦକମାନେ ଯେଉଁ ନେତି ଚିହ୍ନ ଦର୍ଶାଇଥିବାର ଦେଖିଥିଲୁଁ ତାହା ଅନ୍ତର କରିବାର ଉପାୟ ଅବଲମ୍ବନ କରୁଁ ।"

Split by PDF Splitter

Digitized by srujanika@gmail.com

କେଡ଼େ ଉଦାର ବାକ୍ୟ ! ପ୍ରଜାଙ୍କ ବାକ୍ୟ ଶୁଣିବାକୁ କେଡ଼େ ଆତୁର ! ଭାରତ ଭାଗ୍ୟବଳରେ ଏପରି ଜଣେ ସତ୍ପୁରୁଷ ପ୍ରାପ୍ତ ହୋଇଅଛି ।

---

## ବଙ୍ଗଦେଶର ଆତ୍ମଶାସନ ବିଧି ।

ଗତ ଦୁଇବର୍ଷରୁ ଏହି ବିଧି ପରିବର୍ତ୍ତିତରୂପେ ପ୍ରଚଳିତ ହେବାର କଥା ହେଉଥିଲେହେଁ ଏତେଦିନ ପର୍ଯ୍ୟନ୍ତ କାର୍ଯ୍ୟତଃ କିଛି ଅନୁଷ୍ଠାନ ନ ଦେଖି ଲୋକେ ଏହାକୁ ଏକ ପ୍ରକାର ପାସୋରି ଯାଇ ଅଛନ୍ତି । ବିଶେଷତଃ ଇଲବର୍ଟବିଲର ଆନ୍ଦୋଳନସ୍ରୋତରେ ଏତ ଆତ୍ମଶାସନ ବିଷୟଟା ଏକାବେଳେକେ ସାଧାରଣ ଚକ୍ଷୁରୁ ଅନ୍ତର ହୋଇ ଯାଇଥିଲା । ଯାହା ହେଉ ବର୍ତ୍ତମାନ ବ୍ୟବସ୍ଥାପକ ସଭା ଏହି ଦିଗକର କାର୍ଯ୍ୟକୁ ଅଂଶେକ ପୂର୍ତ୍ତି କରିବାକୁ ଅତ୍ୟନ୍ତ ବ୍ୟସ୍ତ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଗତ ମାସଠାରୁ ବଙ୍ଗଦେଶୀୟ ମୋଫସଲ ମିଉନିସିପାଲିଟି ସମ୍ପର୍କୀୟ ବିଲ୍ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେଉଅଛି । ଏ ସମ୍ବନ୍ଧରେ ବିଲ୍ ସଭାରେ ଭାରି ତର୍କ ବିତର୍କ ସହିତ ଆଇନର ମୂଳ ସୂତ୍ର ସ୍ଥିରିତ ଅବଧାରିତ ହୋଇଅଛି । ଅନୁମାନ ହୁଏତ ଏହି ମାସରେ ବିଲ୍ ଆଇନ ପାସ ହୋଇ ପାରିବ ଏବଂ ତାହା ହେଲେ ଆଗାମୀ ଅପ୍ରେଲ ମାସରୁ ଏହା କେତେ ସ୍ଥାନରେ ଜାରି ହୋଇ ପାରେ । ବ୍ୟବସ୍ଥାପକ ସଭାରେ ଏହି ଆଇନ ଯେନ ଯେପରି ତର୍କ ବିତର୍କ ହେଉଅଛି ତହିଁର ଆଭାସ ଏ କ୍ଷୁଦ୍ର ପତ୍ରିକାରେ ଦେବା ଅସମ୍ଭବ । କେବଳ ଗୋଟିଏ ମୁଖ୍ୟର କଥା ପାଠକମାନଙ୍କୁ ଜଣାଉଅଛୁଁ କି ଆତ୍ମଶାସନ ବିଧି ପ୍ରଚଳିତ କରିବା ବିଷୟରେ ଶ୍ରେଷ୍ଠ ଲାଟ ଟାମସନ ସାହେବଙ୍କର ମତ ଅତ୍ୟନ୍ତ ସଙ୍କୀର୍ଣ୍ଣ ହୋଇ ଯାହା ସମସ୍ତେ ଭୟ କରୁଥିଲେ କାର୍ଯ୍ୟତଃ ଠିକ ତହିଁର ବିପରୀତ ଦେଖାଗଲା । ସାହେବ ପ୍ରଶଂସିତ ଯଥୋଚିତ ଉଦାର ଭାବରେ ମୋଫସଲ ମିଉନିସିପାଲିଟିମାନଙ୍କୁ ପରିବର୍ଦ୍ଧିତ କ୍ଷମତା ଓ ନିର୍ବାଚନ ଅଧିକାର ଦେବାକୁ ଏବେ ଅଗ୍ରସର ହୋଇ ଅଛନ୍ତି ଯେ ମାନ୍ୟବର ଡାମ୍ପିୟର ପ୍ରଭୃତି ରକ୍ଷଣଶୀଳ ସିବିଲିୟାନମାନେ ତହିଁରେ ଅସନ୍ତୁଷ୍ଟ ହୋଇ ଯାଇଅଛନ୍ତି । ଏହି ଡାମ୍ପିୟର ସାହେବ ପ୍ରଚଳିତ ଆଇନର କର୍ତ୍ତା ଏବଂ ପ୍ରଚଳିତ ଆଇନର ଦୁର୍ଗୁଣମାନ ନୂତନଆଇନରେ ପ୍ରବେଶକରାଇବାକୁ ସେ ଯଥାସାଧ୍ୟ ଚେଷ୍ଟା କରି ଥିଲେ ମାତ୍ର ଶ୍ରେଷ୍ଠ ଲାଟ ସାହେବଙ୍କ ଉଦାର ଭାବ ସମକ୍ଷରେ ତାହା ଟାଣି ପାରିଲା ନାହିଁ । ଶ୍ରେଷ୍ଠ ଲାଟଙ୍କର ଏ ବିଷୟରେ ପ୍ରଶସ୍ତ ହୃଦୟ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ବାସ୍ତବରେ ସେ ଯାହା କହିଅଛନ୍ତି କି ମିଉନିସିପାଲିଟିମାନଙ୍କୁ ଆପଣା୨ କମିଶନର ଓ ସଭାପତି ନିର୍ବାଚନ କରିବାର ଯେଉଁ ଅଧିକାର ଦିଆ ଯାଉଅଛି ତାହା ଏମନ୍ତ ମାରାତ୍ମକ ନୁହଇ ଯେ ତହିଁରେ ଭୟ କରିବାର କୌଣସି କାରଣ ହୋଇପାରେ ।

ଏହି ଆଇନ ପ୍ରଚଳିତ ହେଲେ ବଙ୍ଗଳାର ଅନେକ ନଗରରେ ନିର୍ବାଚନ ପ୍ରଣାଳୀ ପ୍ରବେଶ କରିବ ଏବଂ ଅନ୍ୟାନ୍ୟ ନଗରମାନ କ୍ରମଶଃ ଏହି ଅଧିକାର ପାଇବାର ପଥ ପ୍ରଶସ୍ତ ହେବ । ମାତ୍ର ମୋଫସଲରେ ସ୍ଥାନୀୟ ସମିତି ସ୍ଥାପନର ବ୍ୟବସ୍ଥା ଏ ବର୍ଷ ହୋଇ ପାରିବ ନାହିଁ । ଏ ସମ୍ପର୍କରେ ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣର ଯେ ସମସ୍ତ ହେତୁ ଦର୍ଶାଇ ଅଛନ୍ତି ସେ ସମସ୍ତ ଅସଙ୍ଗତ ନୁହଇ । ସେ କହିଅଛନ୍ତି ଯେ ମିଉନିସିପଲ ବିଧି ଅନେକ ଦିନରୁ ପ୍ରଚଳିତ ଥିବାରୁ ତହିଁର ବ୍ୟବସ୍ଥା କରିବା ବିଶେଷ କଷ୍ଟକର ନୁହଇ । କେବଳ ସେମାନଙ୍କୁ କେତେ ଅଧିକ କ୍ଷମତା ଦେବାର କଥା ଏବଂ ତହିଁର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି ଅତି ସହଜରେ ତାହା ସ୍ଥିର ହୋଇ ଯିବ । ମାତ୍ର ସ୍ଥାନୀୟ ସମିତିର ପ୍ରସ୍ତାବଟ ସମ୍ପୂର୍ଣ୍ଣ ନୂତନ ସୁତରାଂ ଏଥିର ବ୍ୟବସ୍ଥା ସ୍ଥିର କରିବା ଅପେକ୍ଷାକୃତ କଠିଣ ବ୍ୟାପାର । ଏହି ଯୋଗୁଁ ପ୍ରଥମେ ଏଥିର ମୂଳସୂତ୍ରମାନ ସ୍ଥିର କରିବା ସମ୍ପର୍କରେ ବିଲାତ ଏବଂ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସଙ୍ଗେ ଅନେକ ଚିଠିପତ୍ର ଲେଖା ଲେଖିର ପ୍ରୟୋଜନ ହୋଇଥିଲା । ବର୍ତ୍ତମାନ ଏ କାର୍ଯ୍ୟ ଶେଷ ହୋଇ ଯେଉଁ ନିୟମରେ ସ୍ଥାନୀୟ ସମିତି ସଗଠିତ ହେବ ତହିଁର ପରାମର୍ଶ ସ୍ଥିର ହୋଇଅଛି । ଏହି ପରାମର୍ଶ ସ୍ଥିର ହେବା ସଙ୍ଗେ୨ କେଉଁ ସ୍ଥାନରେ କେତେ ଦୂର ପର୍ଯ୍ୟନ୍ତ ଏ ପ୍ରଣାଳୀ ପ୍ରଚଳିତ ହୋଇ ପାରିବ ତାହା ବୁଝିବା କାରଣ ବିଶେଷ କର୍ମଚାରୀ ନିଯୁକ୍ତ ହୋଇଥିଲେ ସେମାନଙ୍କର କାର୍ଯ୍ୟ ମଧ୍ୟ ଶେଷ ହୋଇଅଛି । ସମ୍ପ୍ରତି ଏହି ବିଷୟରେ ସଂଶୋଧିତ ପାଣ୍ଡୁଲିପି ପ୍ରସ୍ତୁତ ହେଉଅଛି । ତାହା ସଭାରେ ଶୀଘ୍ର ଉପସ୍ଥିତ ହେବା ମାତ୍ର ଏଥିର ବିଲ୍ ବର୍ତ୍ତମାନ ଅଧିବେଶନରେ ନ ହୋଇ ଆଗାମୀ ଅଧିବେଶନକୁ ବାହାର ଯିବ । ଏଥିରେ ଯେ ଏତବର୍ଷ ବିଳମ୍ବ ହେବ ଏହା ଶୋଚନାର ବିଷୟ ନୁହଇ । କାରଣ ଏକାବେଳେକେ ପ୍ରତ୍ୟେକ ଜିଲ୍ଲାର ସଦର ଓ ମୋଫସଲମାନଙ୍କରେ ନୂତନ ପ୍ରଣାଳୀ ସହିତ ଯୋଡିଏ ଆଇନ ପ୍ରବୃତ୍ତ କରିବାର ଚେଷ୍ଟାଠାରୁ ପ୍ରଥମେ ଅପେକ୍ଷାକୃତ ସବଡିଭିଜନ ସଦର ସ୍ଥାନମାନଙ୍କରେ ଚଳାଇ ତଦ୍ୱାରା ଲୋକଙ୍କୁ କିଛି ପରିମାଣରେ ଶିକ୍ଷା ଦେଇ ତହିଁରୁ ମୋଫସଲରେ ତାହା ଚଳାଇବାର ଚେଷ୍ଟା କରିବା ଯେମନ୍ତ ସମଧିକ ସଙ୍ଗତ ସେମନ୍ତ ଫଳପ୍ରଦ ଅଟଇ । ସଦରର କାର୍ଯ୍ୟଦ୍ୱାରା ଯେଉଁ ବହୁଦର୍ଶିତା ଲାଭ ହେବ ମୋଫସଲ ସଭାରେ ତାହା ବିଶେଷ କାର୍ଯ୍ୟରେ ଆସିବ ସନ୍ଦେହ ନାହିଁ । ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କର ଏହି ମତ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ରୂପେ ମନୋନୀତ ହୋଇଅଛି । ଏକାବେଳକେ ସ୍ୱଳ୍ପଅଡ଼େ ଧୂମଧାମ ଲଗାଇ ଦେବାଠାରୁ ଧୀର ଏବଂ ଦମ୍ଭ ଭାବରେ ଅଗ୍ରସର ହେବା ଅବଶ୍ୟ ବିବେକର କାର୍ଯ୍ୟ ଅଟଇ । ଏଥିରେ କୌଣସି ଅପଦର ଶଙ୍କା ନାହିଁ । ଭାରତର ପକ୍ଷୀୟ ସକଳ ସମୟରେ ଶୁଭଙ୍କର ।

---

( ଓଡ଼ିଆଗିରି । )

[ ମୂଳଅଧ୍ୟାୟ । ]

[ ପୂର୍ବ ପ୍ରକାଶିତ ଉତ୍ତାରୁ । ]

ତାହିଁତ କହି ପାରୁ ନାହିଁ—ଏଥି ମଧ୍ୟରେ କେତେକ ଦିନ ଗାଁଇ ଲୁଟପାଟ କାର୍ଯ୍ୟ ଚାଲିଥିଲା । ତଦନନ୍ତର ଦଳବଳ ସେନା ସୁନକାର ଗିରମର୍ଦ୍ଦି ଆରମ୍ଭ କଲେ, ଲୁଟପାଟ ଆରମ୍ଭ ହେଲା । ମୁସଲମାନ ଆଉ ସହି ନ ପାରି ମୁକ୍ତହସ୍ତ ଖଣ୍ଡାର ଉତ୍ତର ଦେବା ପାଇଁ ସୁଲତାନ ସଚେଷ୍ଟ ହେଲେ । ମୁଲଯୁଦ୍ଧର ଆଜ ଯାଏ ସମ୍ପୂର୍ଣ୍ଣ ହୋଇ ଯାଇ କରିବ ର ସାହସ ହୋଇ ନ ଥିଲା ଏଥିପୂର୍ବରେ ପଠାଣଙ୍କୁ ନିଚ୍ଚ ଜ୍ଞାନ କରୁଥିଲେ । ଆଜ ପଠାଣ ଛାଡ଼ିବେ ନାହିଁ, ଅନେକ ଦିନର ବାସନା ପୂର୍ଣ୍ଣ କରିବେ, ସବଳେ ଧଳଙ୍କ ସମ୍ମୁଖରେ ବେଢ଼ି ଅଛନ୍ତି । ଯୁଦ୍ଧ ଲାଗିଲା, ପଠାଣ ସୈନ୍ୟଙ୍କର ଅନନର ପରସୀମା ନାହିଁ । ରଣସ୍ଥଳ ଉଚ୍ଚସ୍ୱରରେ ଶାରଦସୋଦୀପକ ଅନେକ ଉତ୍ସାହ ଦେବାକୁ ଲାଗିଲେ । ସ୍ୱାଧୀନତାକାଂକ୍ଷୀ କାର୍ଟୀ ସୈନ୍ୟମାନେ କ୍ରମଶଃ ସାଗର ଉର୍ମ୍ମି ପରି ଅଗ୍ରସର ହେବାକୁ ଲାଗିଲେ । ପଠାଣ ସୈନ୍ୟମାନେ କ୍ରମଶଃ ପଶ୍ଚାତ୍ପଦ ହେବାକୁ ଲାଗିଲେ ପୂର୍ବ ଲାଗିଥିଲେ କ ପଲ ପଲାନ୍ତା କୁଦା ଯାଇ

Split by PDF Splitter

Digitized by srujanika@gmail.com

Split by PDF Splitter



ନ ପାରେ; ମନ୍ତ୍ର ଖ୍ରୀନଷାଦସୀ ପଠାଣ ସ୍ତ୍ରୀ ପ୍ରାଣ ବଞ୍ଚାଇବା ପାଇଁ ରଣସ୍ଥଳ ପରିତ୍ୟାଗ କଲେ । ଅନ୍ୟ ବାଙ୍କୀରେ ନାହାନ୍ତି, ରାମଚନ୍ଦ୍ର ଦେବଙ୍କ ନିକଟରେ ଦୁଃଖ ସୁହାଇ କରୁଅଛନ୍ତି ।

ପରାଜୁତ ସୈନ୍ୟମାନଙ୍କ ମଧ୍ୟରୁ କେତେକ ହତ ହେଲେ ଓ ଅବଶିଷ୍ଟମାନେ ଅସ୍ତ୍ର ନେଇ ଜୀବନ ରକ୍ଷା କଲେ । ମୂଳସ୍ଥିଲ ଦ୍ୱାଳକଲମ୍ ନ କରି ଉପ୍ତଗ୍ନିତ ଉତ୍ତରୁ ଶ୍ରବଣରେ ସିଂହାସନାରୋହଣ କଲେ ଏବଂ କିଛିନ୍ତି ନ ଥାଇ ଭଗ୍ନ କଷ୍ଟସ୍ତ ଯୁଦ୍ଧର ପ୍ରତୀକ୍ଷାରେ ଦଳବଳ ସଜାଡିବାକୁ ଲାଗିଲେ । ସେତେବେଳେ ପ୍ରାୟ ୬୦୦ରୁ ଅଧିକ ସୈନ୍ୟ ସଂଗୃହୀତ ହୋଇ ନ ଥିଲେ । ରାମଚନ୍ଦ୍ରଦେବ ପଠାଣ ପ୍ରରୋଚିତ ହୋଇ ବାଙ୍କୀକୁ ତଡ଼ାଇ ଦେଲେ ମନ୍ତ୍ର ମୂଳସ୍ଥିଙ୍କୁ ଜିଣି ପାରିଲେ ନାହିଁ । ଏହିପରି ଅନେକବାର ଯୁଦ୍ଧ ହୋଇଥିଲା, ରାମଚନ୍ଦ୍ରଦେବ ୩୪ ବାର ଛଡ଼ା ଅଉ ବାରମାନ ପରାଜୁତ ହୋଇଥିଲେ । ଏତେବେଳେ ଖଣ୍ଡପଡ଼ା ଓ ବଡ଼ାମ୍ବା ବାଙ୍କୀର ସହାୟ ହେବାରୁ ମୂଳସ୍ଥିଲ ଉତ୍ତରୋତ୍ତର ସାହସ ଦେଖାଇବାକୁ କୁଣ୍ଠିତ ହେଲେ ନାହିଁ । ଅନୁମାନ ପ୍ରାୟ ଊନବର୍ଷ କାଳ ଉକ୍ତ ଦୁଇ (ଖୋର୍ଦ୍ଧା ଅଉ ବାଙ୍କୀ) ରାଜ୍ୟ ଯୁଦ୍ଧ ଏକାବେଳେ ସର୍ବଦା ସଜ୍ଜ ଥିଲେ । କ୍ରମେ ଏହି ସମ୍ବାଦ ସମ୍ରାଟଙ୍କ କର୍ଣ୍ଣଗୋଚର ହୁଏ । ସମ୍ରାଟଙ୍କ ଅଟେଦିଶ ମତେ ସେନାପତି (ଟୋଡରମଲ ଓ ମାନସିଂହ) ଲିଖିତ ସନ୍ଧିପତ୍ରରେ ସ୍ୱାକ୍ଷର କରିବାକୁ ଅନୁରୋଧ କରି ପଠାଇଲେ । "ଖୋର୍ଦ୍ଧା ରାଜା ବାଙ୍କୀର ଅପହୃତ ରାଜ୍ୟାଂଶ ଏବଂ ଧନରାଶି ପ୍ରତ୍ୟର୍ପଣ କରିବେ ଓ ଧନରାଜା ଭରଣ ପ୍ରଥାନୁସାରେ ରାଜସ୍ୱଙ୍କ ପେଶକସ୍ ଓ ମାନ୍ୟ ପ୍ରଦାନ କରିବେ ।" ମୂଳସ୍ଥିଲ, ମାତା, ଭ୍ରାତ ଓ ବନ୍ଧୁବର୍ଗ ପ୍ରଭୃତି ଅମାତ୍ୟବର୍ଗଙ୍କର ପରାମର୍ଶାନୁସାରେ ଏହି ସନ୍ଧିପତ୍ରରେ ସ୍ୱାକ୍ଷର କରି କିଛିନ୍ତି ରହିଲେ । ରାଜ୍ୟର ସର୍ବତ୍ର ଶାନ୍ତି ସଂସ୍ଥାପିତ ହେଲା ।

ଏହିଠାରେ ପ୍ରସ୍ତାବର ଉପସଂହାର ହେଉ ନାହିଁ । ହେଲେ ଥିଲେ "ବୀର ବାଳକ" ନାମରେ ଅଭିହିତ ହୁଅନ୍ତେ । ସେ ଯାହା ହେଉ କେତେକ ବର୍ଷ ଏହିପରି ବିବାଦ ବିସମ୍ବାଦରେ ଶାନ୍ତିର ରାଜତ୍ୱ ପରିଚାଳିତ ହେଲା । ମୂଳସ୍ଥିଲ ପିଲା ଦିନରୁ ସ୍ୱାଧୀନରେ ବଢ଼ି ଥିବାରୁ ରାଜ୍ୟ-ଶାସନ ତାହାଙ୍କ ପ୍ରକୃତିସିଦ୍ଧ ଅଭ୍ୟସ୍ତ କରି ନ ଥିଲା । ସେ ରାଜଗାଦିକୁ ଉପବସ୍ତୁ ହୋଇ ସାମାନ୍ୟ ଧରଣରେ ଦିନ କଟାଇବାକୁ ଭଲ ମଣିଥିଲେ । ମାତା ପରମୋପକାରୀ ବୃଦ୍ଧ ପ୍ରଭୃତିଙ୍କର ଅନୁରୁଦ୍ଧ ହୋଇ ପୁଣି ନିଜର ତୁଚ୍ଛ "ନୂତନ" ନାମକୁ ଗୌରବ ମୂଳ ମନେ କରି ପରିତ୍ୟାଗ କରିବାକୁ କୁଣ୍ଠିତ ହୋଇଥିଲେ । ପ୍ରଜାଙ୍କର କ୍ରମଶଃ କରଭାର ଲାଘବ କରି ପରିମିତ ବ୍ୟୟ ଯୋଗୁଁ ରାଜକୋଷରେ ଅନେକଟଙ୍କା ସଞ୍ଚିତ ହେବାକୁ ଲାଗିଲା । ରାଜ୍ୟରେ ନାନା ସୁନିୟମ ସଂସ୍ଥାପିତ ହେଲା । କାହାରି ନାମ ଶୁଣା ଗଲା ନାହିଁ । ଶାସନ ଗୁଣରେ ପ୍ରଜାବର୍ଗ ଧନଙ୍କଠାରେ ନିତାନ୍ତ ଅନୁରକ୍ତ ହେଲେ । ସାରବର ଅଳ୍ପ କରି ଛାଡ଼ିଗଲି ଦେଇ ସୈନ୍ୟ (ପାଇକ) ସଂସ୍ଥାପନ କରିବାକୁ ଲାଗିଲେ ।

କ୍ରମଶଃ

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ଏଠାରେ ଭାରି ଗ୍ରୀଷ୍ମ ହୋଇଅଛି ଏବଂ ପ୍ରାତଃକାଳରେ କୁହୁଡ଼ି ଅତ୍ୟନ୍ତ ହେଉଅଛି । ରୋଗ ସମ୍ବନ୍ଧରେ ଏପରି ଗ୍ରୀଷ୍ମ ଋତୁ ଅନୁକୂଳ ହେବା ଦେଖା ଯାଉ ଅଛି ।

ଗତମାସ ତା ୨୯ ରାତି ରାତ୍ରି ଅଲୀ ଅଂଶ ସନ୍ନିକଟ ପାଣ୍ଡୁଡ଼ା ଗ୍ରାମରେ ବ୍ରାହ୍ମଣ ଭଣ୍ଡାର ଗୋଷ୍ଠୀ ଘରେ ବାଣ ପାଇଁ ବାରୁଦ ପ୍ରସ୍ତୁତ କରୁଥିବା ସମୟରେ ତପରୁ (ବୋଧ ହୁଏ ପିଲା ଭୁଲ ପରି) ଅଗ୍ନି ଲାଗି ବାରୁଦ ଜଳି ଉଠିଲା । ଏଥିରେ ଜଣେ ତତ୍କ୍ଷଣାତ୍, ଜଣେ କେତେକ ଘଣ୍ଟା ଓ ଜଣେ ଦୁଇଦିନ ପରେ ମରିଗଲା । ଅଉ ଜଣେ ମୂର୍ଚ୍ଛିତ ଅବସ୍ଥାରେ ଅଛି ଭଲ ହେବାର ଆଶା ନାହିଁ ।

ଅଳମୀନ ନାମକରେ ରେଲଗାଡ଼ିରେ ଏବଂ ଉତ୍ପାତର ସଂଖ୍ୟା ହୋଇ ଯାଉଅଛି । ଅଧୁନା ଜଣେ ସେଠ ଦୀନରେ ବସିଥିବା କାଳରେ ତାଙ୍କୁ ଆକ୍ରମଣ କରି ତାହାଠାରେ ଥିବା ସୁବର୍ଣ୍ଣ ଟଙ୍କାର ମାଲ ସେହି ସେଠକୁ ରେଲଗାଡ଼ି ତୃତୀୟ ଶ୍ରେଣୀରେ ଗଲୁଥିବା ଜାଣି ତାହାକୁ ପକାଇ ଦେଇ ସେ ସେଠ ଗୁରୁତର ପୀଡ଼ା ପାଇ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସା ଲଭୁଅଛନ୍ତି । ଦସ୍ୟୁ ମଧ୍ୟ ସେହି ସମୟରେ ଲମ୍ଫ ପ୍ରଦାନ କରି ପଳାୟନ କଲେ ।—ଧନ୍ୟ ସାହାସ ।

ଓଡ଼ିଶା ଭାରତର ମିଶରକୁ ଯାଉଥାଏ, ଏହାବୋଲି ଅନେକ ଲୋକ ଚାକ୍ରର ବିଚାର କରୁଅଛନ୍ତି । କେଉଁ ସାର୍ଜନ ଜେନରଲ ହଣ୍ଟର କହୁଅଛନ୍ତି, ଓଡ଼ିଶା ମିଶରର ମଧ୍ୟ ଭୂମିକମ୍ପ ଅଛି । ଜମିଦାର ଭାଗ୍ୟବାନମାନେ କହୁଅଛନ୍ତି, ଓଡ଼ିଶା । ଅମ୍ଭେମାନେ ଏଣୁ ତେଣୁ କ ହୁଁ ଓଡ଼ିଶା ସେ ଜନକ ଏହାହିଁ ଜାଣୁ ।

ଇଂରେଜମାନଙ୍କ ଇଉରୋପୀୟଙ୍କ ମାନ ବା ମେରୁ ପ୍ରଦେଶକୁ ଯିବାକୁ ନିଜର ଇଚ୍ଛା ଭଲ କରି ନେଇଅଛନ୍ତି । ଆଫ୍ରିକା ପ୍ରଦେଶକୁ ମଧ୍ୟ ନେବାର ଚେଷ୍ଟାରେ ଅଛନ୍ତି । ଇଂରେଜମାନେ ମଧ୍ୟ ଏ ଆଡ଼କୁ ଅଧିକ ଦୃଷ୍ଟି ଦେଇ ଅଛନ୍ତି କୋଇଣ୍ଡାଠାରୁ କଣ୍ଟାଲେଖରର ଅନ୍ତକୁ ରୋଡ଼ ରେଲ ବାଟ କରିବାର କଳ୍ପନା ହେଉଅଛି । ମାର୍କର କଥା ପାର୍ଲିଅମେଣ୍ଟରେ ଉଠିଥିଲା ଇଂରେଜମାନେ କାବୁଲର ଅମିରଙ୍କର ସ୍ୱାଧୀନତାରେ ହସ୍ତକ୍ଷେପ କରିବେ ନାହିଁ ବୋଲି କହୁଅଛନ୍ତି । ଶେଷରେ କେଉଁ ଭଳି ହେବ ବର୍ତ୍ତମାନ ତାହା କୁହାଯାଇ ନ ପାରେ । ଗ୍ଲାଡଷ୍ଟୋନଙ୍କ ଦଳର ପାର୍ଲିଅମେଣ୍ଟରେ ନିଶ୍ଚିତ ପୂର୍ଣ୍ଣ ହୋଇ ଅଛି । ଆଗାମୀ ବର୍ଷରେ ନୂତନ ନିର୍ବାଚନ ହେବ । ଟୋରିଦଳର ଜୟ ହେଲେ ପୁଣି କାବୁଲ ଅଞ୍ଚଳରେ ସିଂହ ଓ ଭଲ୍ଲୁକର କାମୁଡ଼ା କାମୁଡ଼ି ହେବେ, ନଚେତ କଲେ ଭୟ ହୁଏ । ସିଂହ ଭଲ୍ଲୁକର କୌଣସି ଭୟ ନାହିଁ, ନଚେତ ଭାରତର ମୃଗପଲହିଁ ମରିବେ ।

ଲର୍ଡ ରିପନ ଗତମାସ ତା ୧୪ ରାତ୍ରି କଲିକତାରେ ରହିବେ ନାହିଁ ।

ଏରୂପ ଜଣାଇବ ଶୁଣାଯାଏ ଯେ, ଅଯୋଧ୍ୟାର ଅନ୍ତଃପାତୀ ଲୁଣ୍ଡର ଗ୍ରାମରେ ମଧ୍ୟ କେବେହେ ୧୪ ବର୍ଷୀୟା ସ୍ତ୍ରୀଲୋକ ସ୍ୱରୂପରୁ ଘର କରି ଅଛନ୍ତି ସୁତରାଂ ପୃଥିବୀର ସେକସଂଖ୍ୟା ହିସାବରେ କୌଣସିରୂପ ଅସାମଞ୍ଜସ୍ୟ ହେଲା ନାହିଁ ।

କଥାରେ କହନ୍ତି ଅଧିକ ପଢ଼ିଲେ ଲୋକେ ମୂର୍ଖ ହୁଅନ୍ତି । ଅନେକଥର ଅନେକ ବୈଜ୍ଞାନିକଲୋକଙ୍କ ଅମ୍ଭମାନଙ୍କ ନିକଟ ପର ପ୍ରକାର ଜଣା ଯାଏ । ବର୍ତ୍ତମାନ ସେଠାର ଜଣେ ପ୍ରୋଫେସର କହନ୍ତି ଯେ ମନୁଷ୍ୟ ଚତୁଷ୍ପଦ । କାରଣ ଜନ୍ମ ହେଲା ପରେ ମନୁଷ୍ୟ ପ୍ରଥମରେ ଚାରି ଗୋଡ଼ରେ [ଘୁଞ୍ଚେଇ] ଚାଲନ୍ତି ଓ ତତ୍ପରେ ଉଭୟ ପାର୍ଶ୍ୱରେ ସେମାନେ ଦେଖା ଦେଖି ଦୁଇ ଗୋଡ଼ରେ ଚାଲିବାର ଶିକ୍ଷା ପ୍ରାପ୍ତ ହୁଅନ୍ତି ଏବଂ ସର୍ବଦା ବଦ୍ଧମୂଳ ଅଭ୍ୟାସରୂପ ପରିଣତ ହୁଏ । ତାହାଙ୍କ ମତରେ ସ୍ୱାଭାବିକ ବୃତ୍ତିର ଅନୁଗାମୀ ହେବା ଉଚିତ ଏବଂ ତାହା ହେଲେ ଲୋକେ ଭଲ ଏବଂ ମାଙ୍କଡ଼ପରି କେତେବେଳେ ଚାରି ଗୋଡ଼ ଏବଂ କେତେବେଳେ ଦୁଇ ଗୋଡ଼ରେ ଚାଲିବାର ଦେଖା ଯିବ ।—ପ୍ରୋଫେସରଙ୍କ ମହାଶୟ ସ୍ୱୟଂ ସ୍ୱାଭାବିକ ବୁଦ୍ଧି ପ୍ରାପ୍ତ ହୋଇ ଅଛନ୍ତି ପରା ?

ଅଗ୍ରାବାସୀ ଲୋକେ କେନାଲର ପାଣି ସମ୍ବନ୍ଧରେ ସେଠାର ଲେଫ୍ଟେନାଣ୍ଟଙ୍କ ସମୀପରେ ଆବେଦନ କରିଥିଲେ ଏବଂ ତହିଁରେ ଅନୁକୂଳ ଆଦେଶ ଦିଆ ଯାଇଅଛି । ଲେଫ୍ଟେନାଣ୍ଟ ମହୋଦୟ ଲୋକମାନଙ୍କ ପ୍ରତିପ୍ରାପ୍ତ ଅଛି ଦେଖାଇ ସେଠା ଲୋକଙ୍କ ପ୍ରୀତିଭାଜନ ହୋଇ ଅଛନ୍ତି । ସେ କହି ଅଛନ୍ତି ଯେ ମୁସଲମାନମାନଙ୍କର ମୋହରମ ପର୍ବ ସମାପ୍ତ ହେବା ସମୟରେ ଉତ୍ସବ କାଳ ସେମାନଙ୍କ ସ୍ୱଭାବତଃ ତୀକ୍ଷ୍ଣବୁଦ୍ଧି ଉତ୍ତେଜିତ ହୋଇ ଅନ୍ୟ ଲୋକଙ୍କୁ ଏବଂ ପରସ୍ପରକୁ ହିଂସା ଏବଂ କାଳ ନିମନ୍ତେ ବାଟ ବନ୍ଦ କରି ସେମାନଙ୍କ ଧର୍ମ ପଥରୁ ବାହାରିବା ନିତାନ୍ତ ଅଯୌକ୍ତିକ ଓ ଅନ୍ୟାୟ ଅଟଇ ।

ବମ୍ବେ ସ୍ମାଲେଜ ନଗରର ଗୋଲମାଳ ସମ୍ବନ୍ଧରେ ଜଣେ ମିଉନିସିପାଲ କମିଶନର ଅନ୍ୟାୟରୂପେ କର୍ମରୁ ବହିଷ୍କୃତ ହୋଇଥିବା ହେତୁ କୋର୍ଟ ସେକ୍ରେଟେରୀଙ୍କ ନାମରେ ୫୧୦୦୦୦ ଟଙ୍କା ଖେସାରତ ଦାବୀରେ ମୋକଦ୍ଦମା ଉପସ୍ଥିତ କରି ଅଛନ୍ତି ।

ଦର୍ଭଙ୍ଗା କଲିବା ନିମିତ୍ତ କଲିକତା ମହାମେଳା ହଲରେ ୫ ୨୧୦୦୦ ଟଙ୍କା ବ୍ୟୟରେ ଯେଉଁ ଘର ନିର୍ମିତ ହୋଇଥିଲା ତାହା ୫ ୩୦୦୦ ଟଙ୍କାରେ ବିକ୍ରୀତ ହୋଇ ଅବାଇ ହୃଦ ପୋଡ଼ି ଅଛନ୍ତି ଅବଗତ ହେଲୁଁ । ଏ ଗତ କାହା କପାଳରେ ପଡ଼ିଅଛି ?—ଗବର୍ଣ୍ଣମେଣ୍ଟଙ୍କର ନା ଦେବଙ୍କର ?

ଦେଶୀୟ ପ୍ରଜାସ୍ୱତ୍ୱ ବିଷୟକ ଆଇନର ପ୍ରତିବାଦ କରିବା ନିମିତ୍ତ ବଙ୍ଗଦେଶରେ ଯେଉଁ କମିଟୀ ସଂଗଠିତ ହୋଇ ଅଛି ତହିଁରେ ଅମ୍ଭେମାନଙ୍କର ପରିଚିତ ରେଭରେଣ୍ଡ ଓ ଏଡ଼େକଟ ସାହେବମାନେ ମଧ୍ୟ ସଭ୍ୟ ଅଟନ୍ତି ।

ବିଶ୍ୱାସ ଏରୂପ ଯେ କଲିକତାସ୍ଥ ବଡ଼ ବଡ଼ ଇଂରାଜୀ ସମ୍ବାଦପତ୍ରର ସମ୍ପାଦକମାନେ ସମ୍ବାଦପତ୍ରର ଡାକମାସୁଲ ହ୍ରାସ କରିବାକୁ ଏବଂ ପଇସା କରିବା କାରଣ ବଡ଼ଲାଟଙ୍କଠାରେ ଆବେଦନ କରି ଅଛନ୍ତି ।

ଜଣିଲ ହୁଏ ଯେ ନ, ଏକ, ସ୍ୱପ୍ନ ସାହେବ ଶୀଘ୍ର ଜଜପଦ ବର୍ଗ ପ୍ରାପ୍ତ ହେବେ ।—ଅନନ୍ଦ ରସ୍ତୁ ।

Digitized by srujanika@gmail.com

Split by PDF Splitter



ନୂତନ ନଗରର ନିରୂପିତଯାଉଛି ସ୍ଥିର କରଅଛନ୍ତି ଯେ ଜମୁନା ରେଲ ପ୍ରବଳ ହେବା ସମୟରେ ସମସ୍ତ ମୃତ ଶରୀର ଯୋଗ କ ରେଲ ଯୋଗବାକୁ ହେବ । ଏହି ରୂପରେ ସଭ୍ୟ ଦେଶମାନଙ୍କରେ ମୃତଶରୀର ଦାହକରଣ ବିଶେଷ ବୃଦ୍ଧି ପାଉଥିବା ସ୍ୱଭାବ ବିଷୟ ଅଟେ ଏବଂ ହିନ୍ଦୁଧର୍ମର ତହିଁରେ ଟେକ ବଢ଼ୁଅଛି ସନ୍ଦେହ ନାହିଁ ।

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମିତ୍ତ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ନିବେଦନ ମେତାବକ

ମହାଶୟ !

ଗତମାସ ତା ୧୬ ଇଖର ଇଂଲିସମେନ-ପତ୍ରିକାର ଅତିରିକ୍ତ ପତ୍ରରେ ପ୍ରକାଶିତ କଲିକତା ଏକ୍‌ଜିବସନ ସ୍ଥାପିତ ଦ୍ରବ୍ୟସମୂହର ପାରିତୋଷିକ ପାଇବାର ଯୋଗ୍ୟ ଦ୍ରବ୍ୟର ଲିଷ୍ଟ ମଧ୍ୟରେ ବାଲେଶ୍ୱର ନିବାସୀ ଅନରେବଲ କୁମାର ବୈକୁଣ୍ଠନାଥ ଦେ ମହାଶୟଙ୍କଦ୍ୱାରା ପ୍ରକାଶିତ ଓଡ଼ିଆ ଉପନ ଏଟ୍‌ଲାସ ମନୋନୀତ ଓ ଦ୍ୱିତୀୟ ଶ୍ରେଣୀରେ ପୁରସ୍କୃତ ହୋଇଥିବାର ଦେଖି ଆନନ୍ଦସାଗରରେ ମଗ୍ନ ହେଲୁଁ ।

ଏହି ଏକ୍‌ଜିବସନ ପୃଥିବୀସ୍ଥ ସମସ୍ତ ପ୍ରକାର ଉପଯୋଗୀ ନାନାବିଧ ପଦାର୍ଥମାନଙ୍କରେ ପରିପୂର୍ଣ୍ଣ, ଦର୍ଶକ ମହାଶୟମାନେ ଅବଶ୍ୟ ସ୍ୱୀକାର କରିବେ ଯେ ଏହାକୁ ଗୋଟିଏ କ୍ଷୁଦ୍ର ପୃଥିବୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥି ମଧ୍ୟରେ କୌଣସି ବ୍ୟକ୍ତିର କୌଣସି ପଦାର୍ଥ ମନୋନୀତ ହୋଇ ଏକ୍‌ଜିବସନ କମିଟୀଦ୍ୱାରା ପୁରସ୍କୃତ ହେଲେ ତାହାକୁ ପୃଥିବୀସ୍ଥ ସମାନ ଶ୍ରେଣୀୟ ପଦାର୍ଥ ମଧ୍ୟରେ ଯେ ଉତ୍କୃଷ୍ଟ ଓ ଆଦରଣୀୟ ବୋଲିବାକୁ ହେବ ତହିଁରେ ଅଣୁମାତ୍ର ସନ୍ଦେହ ନାହିଁ ।

ଓଡ଼ିଶା ଯେପରି ଅବସ୍ଥାରେ ବର୍ତ୍ତମାନ ରହିଅଛି ତାହା ସମସ୍ତେ ଜାଣନ୍ତି, ତହିଁରେ ଏହି ଉପନ ଏଟ୍‌ଲାସ ପୁରସ୍କୃତ ହେବା ଉତ୍କଳବାସିଙ୍କ ପକ୍ଷରେ ସାମାନ୍ୟ ଆନନ୍ଦର ବିଷୟ ନୁହେ । ଏହା ଏକ୍‌ଜିବସନ ଦର୍ଶକ ଶିକ୍ଷିତ ଲୋକ ବିଶେଷତଃ ଶିକ୍ଷାବିଭାଗୀୟ ଲୋକମାନେ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

କୁମାର ମହାଶୟ ଉକ୍ତ ଆଟଲାସ ଖଣ୍ଡିକ ପ୍ରକାଶ କରି ଓଡ଼ିଶାବାସିମାନଙ୍କର ଯେ କେତେଦୂର ଶ୍ରଦ୍ଧାର୍ହ ଓ ଆଦରଣୀୟ ହୋଇଅଛନ୍ତି ତାହା ଅନିର୍ବଚନୀୟ ଅଟେ । ଅଥଚ ଉକ୍ତ ମହାଶୟ ସାଧାରଣ ହିତକର ଅନେକ କାର୍ଯ୍ୟରେ ଆସକ୍ତ ଥିବାର ଶୁଣି ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ସେ ତାଦୃଶ ଗୁଣଗ୍ରାହ ସହିତରେ କୁଶଳରେ ଚିରଜୀବୀ ହୋଇରହନ୍ତୁ । ଇତି ।

କଲିକତା } ନିତ୍ୟଚରୁ ଦର୍ଶକସ୍ୟ ।
୨୯-୨-୮୪ }

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ

ମାନ୍ୟବରେଷୁ ।

ମହାଶୟ !

ଆପଣଙ୍କର ଗତ ସପ୍ତାହର ପତ୍ରିକାରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିର ମରମତି ବିଷୟରେ ଶ୍ରୀଯୁକ୍ତ ବାବୁ ବ୍ରଜକୁମାର ଘୋଷ ମହାଶୟ ଯାହା ଲେଖିଅଛନ୍ତି ତହିଁ ଉପରେ ଆପଣ ଯେ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ସେ ପକ୍ଷରେ ଆମ୍ଭର ଯେ କିଛି କହିବାକୁ ଅଛି ତାହା ନମ୍ରେ ପ୍ରକାଶ କରୁଅଛୁ । ପ୍ରାର୍ଥନା କରୁଁ ଆପଣଙ୍କର ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦେଇ ବାଧିତ କରିବେ ।

ପ୍ରଥମତଃ ଏପର୍ଯ୍ୟନ୍ତ ଶ୍ରୀ ମନ୍ଦିରର ଯେତେ ଥର ମରମତି କାର୍ଯ୍ୟ ହୋଇଅଛି ତାହା ପ୍ରାୟ କୃଷ୍ଣଗଣ ବୈରାଗୀ ପ୍ରଭୃତିଙ୍କଦ୍ୱାରା ସମ୍ପନ୍ନ ହୋଇ ଆସୁଅଛି ଓ ସମ୍ପୂର୍ଣ୍ଣରୂପେ ଭିକ୍ଷୋପଲବ୍ଧ ଅର୍ଥ ଉପରେ ନିର୍ଭର କରି ଆସୁଅଛି । କିନ୍ତୁ କୃଷ୍ଣଗଣ ଆଦି ଯେଉଁ ଅର୍ଥ ବ୍ୟୟ କରିଅଛନ୍ତି ତାହା ଶୁଣିଲେ ଭିକ୍ଷାରୁ ଏତେ ଅର୍ଥ ସଂଗ୍ରହ ହେବାର କଦାପି ଭରସା ହେବ ନାହିଁ । ସଙ୍ଗ୍ରାମ ଏ କାର୍ଯ୍ୟ ସମ୍ପନ୍ନ ହେବାର ଏହି ପ୍ରଥମ ଉଦ୍‌ଯୋଗ । ବର୍ତ୍ତମାନ ମନ୍ଦିରର ଅବସ୍ଥା ବଡ଼ ମନ୍ଦ । ଯେ ପରିମାଣରେ ମରମତି ପ୍ରୟୋଜନ ହୋଇପଡ଼ି ତହିଁରେ ଅନେକ ଅର୍ଥର ପ୍ରୟୋଜନ । ଏତେ ଅର୍ଥ ଯେ ସବୁ ସଂଗ୍ରହ କରି ପାରିବେ ଏହା ହଠାତ୍ ଆଶା କରି ଯାଇ ପାରୁ ନାହିଁ । ତଥାପି ଉଦ୍‌ଯୋଗରୁ ପରାଙ୍ମୁଖ ହେବା ମଧ୍ୟ ଅକର୍ତ୍ତବ୍ୟ । ଈଶ୍ୱର କୃପାରେ ମରମତି କରିବାକୁ ଉଦ୍‌ଯୋଗ କରୁଅଛନ୍ତି ତାହା କହି ପ୍ରକାଶ ମାତ୍ର ନାହିଁ । ସକଳ ସମସ୍ତ କାର୍ଯ୍ୟାବଳୀ ପ୍ରକାଶ ହେବାର ଉଚିତ ଥିଲା ଯେବେ ଯେ ସବୁ ଜନଙ୍କରେ ଅର୍ଥ ଦେବାକୁ ମନ କଲାଇବେ ଏହା ଭରସା ହେଉ ନାହିଁ ।

୨ ମ୍ ଆପଣଙ୍କର ପତ୍ରପ୍ରେରକ ମହାଶୟ ସଦସ୍ୟମାନଙ୍କ ମଧ୍ୟରୁ କଏ କେତେ ଦେଉଅଛନ୍ତି ଓ ପୁରୀବାସୀ ସତ୍ର ମହନ୍ତମାନେ କିଛି କେହି ଦେଇଅଛନ୍ତି କି ନା ଜାଣିବାକୁ ଇଚ୍ଛାନ୍ତି । ଆପଣ ମଧ୍ୟ ସ୍ଥାନୀୟ ଲୋକଦ୍ୱାରା ପ୍ରଥମେ ଅର୍ଥ ସଂଗ୍ରହ କରିବାକୁ ପରାମର୍ଶ ଦେଇଅଛନ୍ତି । ଏଥିକୁ ସଭ୍ୟମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଚୌଧୁରୀ ମହେଶ୍ୱରଙ୍କ ବ୍ୟତୀତ ଅପର ସମସ୍ତେ ସତ୍ ଓ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେହେଁ ତାହାଙ୍କ ସଙ୍ଗତି ପର ନୁହନ୍ତି । ତଥାପି ଏମାନେ ଯେ ଯଥାସାଧ୍ୟରେ ଏ ବିଷୟରେ ଦାନ କରି ନ ଥିବେ ତାହା କରିବେ, ଏମନ୍ତ ସନ୍ଦେହ କଦାପି କରି ଯାଇ ନ ପାରେ । କିନ୍ତୁ ଏମାନେ ପ୍ରାୟ ସମସ୍ତେ ପଣ୍ଡା ହିନ୍ଦୁ ସୁତରାଂ ଧର୍ମ ସମ୍ବନ୍ଧୀୟ ଦାନ ପ୍ରକାଶ କରିବାକୁ ପ୍ରାୟ ଅନିଚ୍ଛୁକ । ସୁତରାଂ ସେମାନଙ୍କ ସେ ବିଷୟରେ ବଳାଇବାର ଉଚିତ ବୋଧ ହେଉ ନାହିଁ । ଆଉ ଚୌଧୁରୀ ମହେଶ୍ୱର ମଧ୍ୟ ଏ ପକ୍ଷରେ ମୁକ୍ତହସ୍ତ ହେବା ପକ୍ଷରେ ଲେଶ ମାତ୍ର ସନ୍ଦେହ ନାହିଁ । ଏହାଙ୍କ ବିଷୟରେ କେତେ ଲୋକ ଯୁକ୍ତ ନଗର କେତେ ସ୍ଥାନରେ ଯେ କେତେ ଦେବାଳୟ ସଂସ୍ଥାପନ କରିଅଛନ୍ତି ତହିଁର ତାଲିକା ଉଠାଇ ଦେଖିଲେ ଏମାନଙ୍କ ସହସ୍ର ଧନ୍ୟବାଦ ଦେବାକୁ ହୁଅଇ । ତଥାପି ବୋଧ ହୁଏ ବିଶେଷ କାରଣରୁ ଉପସ୍ଥିତ କାର୍ଯ୍ୟ ନିମିତ୍ତ ଏତେବେଳେ ଏହାଙ୍କଠାରୁ ଆଶାନୁରୂପ ସାହାଯ୍ୟ ପାଇବାର ପ୍ରାୟ ଅସମ୍ଭବ । ଆଉ ସତ୍ର ମହନ୍ତମାନଙ୍କ ବିଷୟରେ ବକ୍ତବ୍ୟ ଏହି ଯେ ସେମାନଙ୍କର ବିପୁଳ ଅର୍ଥସଂଗ୍ରହ କରିବାରୁ ବେଶ ବୁଝିବାକୁ ପାରିବେ ଯେ ସେମାନେ ଏ ପକ୍ଷରେ ଉଦାସ ନୁହନ୍ତି । ଯେଉଁମାନେ ଈଶ୍ୱରଙ୍କ ନାମରୁ ଗରବ କରି ଆୟ ସଞ୍ଚୟ କରି ପେଟ ଭରନ୍ତି ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦାତୃତ୍ୱ ଅନ୍ନ ଦେଇ ପାଇ ଗଇଗଲ ବିଉଡାଲି ଖାଇ ଅର୍ଥସଂଗ୍ରହ ପୂର୍ବକ ବିଳାସ ସୁଖ ଭୋଗ କରୁଅଛନ୍ତି ସେମାନେ ମନ୍ଦିର ମରମତରେ ଅର୍ଥ ବ୍ୟୟ କରିବାର କି ସମ୍ଭବ ? ଏଥିରେ "ଅନାଡ ମେଜିଷ୍ଟ୍ରେଟ" କି "ସୁପରଭାଇଜର" ପ୍ରଭୃତି ପଦବୀ ପ୍ରାପ୍ତିର ସମ୍ଭାବନା ନାହିଁ ?

ଏହି ପ୍ରସଙ୍ଗରେ ରାଜା ଲୋକଙ୍କ ଅର୍ଥସଂଗ୍ରହ କରିବାରେ ମଧ୍ୟ ସତ୍ତ୍ୱ ଉଚିତ କାର୍ଯ୍ୟ ହେବାର ସମ୍ଭାବନା ବଡ଼ ବୋଧ ହେଉ ନାହିଁ କାରଣ ଏ ପ୍ରକାର ଧନାଢ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବହୁ ମହନ୍ତ

Digitized by srujanika@gmail.com